NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
3 JUNE 2025
ମଙ୍ଗଳବାର
୩ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 19 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୧୯ | ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

## ମାଟି ତଳୁ ମିଳିଲା ଅଢ଼େଇ ଟନ୍ ବିସ୍ଫୋରକ



**ରାଉରକେଲା, ୨।୬/ଏନ୍ଏନ୍ଏସ୍:**

ରାଉରକେଲା-ଝାଡ଼ଖଣ୍ଡ ସୀମାନ୍ତରୁ ଅଢ଼େଇ ଟନ୍ ବିସ୍ଫୋରକ ଜବତ ହୋଇଛି । ଝାଡ଼ଖଣ୍ଡ ଜରେଇକେଲା ଥାନା ତିରିଲିପୋଷ ଜଙ୍ଗଲରୁ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷାକର୍ମୀ ବିସ୍ଫୋରକ ଜବତ କରିଛନ୍ତି। ମାଟି ତଳୁ ଏସବୁ ବିସ୍ଫୋରକ ଜବତ ହୋଇଛି। ସରଣ୍ଡା ଜଙ୍ଗଲରେ ଏବେବି ସର୍ଚ୍ଚ ଅପରେସନ ଜାରି ରହିଛି। ସର୍ଚ୍ଚ ଅପରେସନରେ କୋବ୍ରା ବାଟାଲିୟନ, ଡିଭିଏଫ, ଆଇଆରବି ଓ ଏସଓଜି ଯବାନ ସାମିଲ ଅଛନ୍ତି। ତେବେ ମାଓବାଦୀ ମାନେ ଏସବୁ ବିସ୍ଫୋରକ ମାଟି ତଳେ ଲୁଚାଇ ରଖିଥିବା କୁହାଯାଉଛି। ଏଠାରେ ▶▶ ୫

## ଆତ୍ମସମର୍ପଣ କଲେ ୧୬ ମାଓବାଦୀ

**ମାଲକାନଗିରି, ୨।୬/ଏନ୍ଏନ୍ଏସ୍:**

ଲାଲ୍‌ବାହିନୀକୁ ଝଟ୍‌କା। ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାରେ ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଦୁଇ ଜଣ କୁଖ୍ୟାତ ମାଓ ନେତା ରହିଛନ୍ତି। ସମ୍ପୃକ୍ତ ଦୁଇ ହାର୍ଡକୋର ମାଓବାଦୀଙ୍କ ମୁଣ୍ଡ ଉପରେ ୧୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିବା ବେଳେ ୬ ଜଣଙ୍କ ମୁଣ୍ଡ ଉପରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ଛତିଶଗଡ଼ ସରକାର। ସେହିପରି ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ସୁକୁମା ବିଜାପୁର ଓ ଦାନ୍ତେୱାଡା ଜିଲ୍ଲାର ଅନେକ ହିଂସାକାଣ୍ଡରେ ଜଡ଼ିତ



ଥିବା କହିଛନ୍ତି ସୁକୁମା ଏସ୍‌ପି କିରଣ ଚୌହ୍ୱାନ। ମାଓ ସଂଗଠନ ଦୁର୍ବଳ ହେଉଥିବା ବେଳେ ନିଜର ଜୀବନ ବଞ୍ଚାଇବା ପାଇଁ ଏମାନେ ସୁକୁମା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତେବେ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତଙ୍କୁ ଥଇଥାନ କରାଯିବା ବୋଲି ସୁକୁମା ଏସ୍‌ପି କହିଛନ୍ତି। ଗୋଟିଏ ପଟେ ▶▶ ୫

## ବଢ଼ିଲା +୩ ନାମଲେଖା ଅବଧି

**ଭୁବନେଶ୍ୱର, ୨।୬/ଏନ୍ଏନ୍ଏସ୍:**

ରାଜ୍ୟରେ ବଢ଼ିଲା +୩ ନାମଲେଖା ଆବେଦନ ଅବଧି। ଜୁନ୍ ୪ତାରିଖ ରାତି ୧୧ଟା ୪୫ ଯାଏ ଛାତ୍ରଛାତ୍ରୀ ଆବେଦନ କରିପାରିବେ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ରାଜ୍ୟରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧି ତାରିଖ ରବିବାର ଶେଷ ହୋଇଥିଲା। ହେଲେ ଏବେ ପୁଣି ଥରେ ସରକାର ଆବେଦନ ଅବଧିକୁ ବୃଦ୍ଧି କରିଛନ୍ତି। ଜୁନ୍ ୧ ତାରିଖ ରାତି ୧୧.୪୫ରେ ଶେଷ ହୋଇଥିବା ଆବେଦନ ଅବଧିକୁ ଜୁନ୍ ୪ ତାରିଖ ରାତି ୧୧.୪୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅନେକ ଛାତ୍ରଛାତ୍ରୀ ଓ ଅଭିଭାବଙ୍କ ଦାବି ପରେ ଉଚ୍ଚଶିକ୍ଷା ବିଭାଗ ଯୁଜି କମନ୍ ଆବେଦନ ଫର୍ମ (ସିଏଏଫ୍) ଦାଖଲ କରିବାର ଶେଷ ତାରିଖକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏହି ସମୟ ସୀମା ମଧ୍ୟରେ ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲ୍‌ରେ ଅନ୍‌ଲାଇନ୍‌ରେ କମନ୍ ଆପ୍ଲିକେସନ୍ ଫର୍ମ (ସିଏଏଫ୍) ପୂରଣ କରିପାରିବେ। ଏହି ସମୟ ଅବଧି ମଧ୍ୟରେ ପୂର୍ବରୁ ସିଏଏଫ୍ ଦାଖଲ କରିଥିବା ଛାତ୍ରଛାତ୍ରୀ ସେମାନଙ୍କ ଫର୍ମରେ ଆବଶ୍ୟକ ସଂଶୋଧନ କିମ୍ବା ଯୁକ୍ତ୨ ମାର୍କ ଅପ୍‌ଲୋଡ୍ କରିପାରିବେ। ସେପଟେ ଗତକାଲି ସୁଦ୍ଧା ହୋଇଥିବା ଆବେଦନ ଅନୁସାରେ ଯୁକ୍ତ ୩ ନାମଲେଖା ଆବେଦନ କମିଛି। ଯୁକ୍ତ ▶▶ ୫

## ତାଉ ଦେଖାଉଛି ତାତି

**ଭୁବନେଶ୍ୱର, ୨।୬/ଏନ୍ଏନ୍ଏସ୍:**

ମୌସୁମୀ ନିଖୋଜ। ତାତି ଲେଉଟିଲା। କଲ୍‌ବଲ୍ କଲା। ସପ୍ତାହେ ହେଲା ପରିବେଶ ପୂରା ଥଣ୍ଡା ଥିଲା। ହେଲେ ସୋମବାର ଧାଏଁ କରି ପାରଦ ଉପରମୁହାଁ ହୋଇଛି। ମୁଣ୍ଡ ଫଟା ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି। ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଲା ଗ୍ରୀଷ୍ମ ପ୍ରବାହ। ରାଜ୍ୟକୁ ମୌସୁମୀ ଛୁଇଁ ସାରିଥିବାବେଳେ ତାଉ ଦେଖାଉଛି ତାତି। ଦିନେ ଦୁଇଦିନ ବୁନ୍ଦା ଝଡ଼ି ପ୍ରାକ୍ ମୌସୁମୀ ବର୍ଷା ବି ଓଡ଼ିଶାରୁ ମୁହଁ ଫେରାଇ ନେବା ପରେ ରାଜ୍ୟରେ ପୁଣି ବଦଳିଛି ପାଗ। ତାତି ବଢ଼ିଛି, ଆରମ୍ଭ ହୋଇଛି ପ୍ରଚଣ୍ଡ ଗୁଳୁଗୁଳି। ଆଭ୍ୟନ୍ତରୀଣ ଓଡ଼ିଶାରେ ୫ରୁ ୬ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। ଯାହା ଫଳରେ ସୋମବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଭବ ହୋଇଛି ଅସହ୍ୟ ତାତି। ତେବେ ସୋମବାର ଅପରାହ୍ଣ ୨ଟା ୩୦ ସୁଦ୍ଧା ପାଣିପାଗକେନ୍ଦ୍ର ପକ୍ଷରୁ କରାଯାଇଥିବା ରେକର୍ଡ ଅନୁସାରେ ଭୁବନେଶ୍ୱର ସର୍ବାଧିକ ୩୯.୪ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଝାରସୁଗୁଡା ୩୯ ଡିଗ୍ରୀ, ସମ୍ବଲପୁର ୩୯ ଡିଗ୍ରୀ, ବାଲେଶ୍ୱର ୩୮.୪ ଡିଗ୍ରୀ, ହୀରାକୁଦ ୩୮.୪ ଡିଗ୍ରୀ, ଚାନ୍ଦବାଲି ୩୮ ଡିଗ୍ରୀ, ରାଉରକେଲା ୩୭.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ହେଲେ ▶▶ ୫



**ଭୁବନେଶ୍ୱର ସବୁଠୁ ଉତ୍ତପ୍ତ**

# ଭଦ୍ରକକୁ ୨୭୫କୋଟିର ପ୍ରକଳ୍ପ ଭେଟିଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ଭଦ୍ରକ, ୩।୧।୫/ଏନ୍ଏନ୍ଏସ୍:**



- ୧୩ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
- ସରକାରୀ ବିଶ୍ୱବିଦ୍ୟାଳୟ, ମେଡିକାଲ୍ କଲେଜ ଖୁବ୍‌ଶୀଘ୍ର
- ୨୪ ବର୍ଷର ଶାସନ କେବଳ ରଙ୍ଗମାରିବାରେ ଚାଲିଗଲା
- ପ୍ରକୃତ ବିକାଶ ଏବେ ହୋଇଛି ଆରମ୍ଭ: ମୁଖ୍ୟମନ୍ତ୍ରୀ

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦ୍ରକ ଜିଲ୍ଲାକୁ ୨୭୫ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ଭଦ୍ରକ ଜିଲ୍ଲାର ବାଲିଆପଡ଼ା ଠାରେ ପ୍ରାୟ ୨୭୫ କୋଟି ଟଙ୍କାର ସମୁଦାୟ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ ମେଡିକାଲ୍ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ସହ ଖୁବ୍‌ଶୀଘ୍ର ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନା ହେବ। ଏଥିସହ ଆଇଓସିଏଲ୍ ପକ୍ଷରୁ ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ଓ ଏମ୍‌ସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଗୋଟିଏ ଏଚ୍‌ଏମ୍‌ଏଲଏସ୍ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ। ଭଦ୍ରକରେ ଥିବା ସମସ୍ତ ଶହୀଦ ପୀଠମାନଙ୍କର ସୌନ୍ଦର୍ଯ୍ୟକରଣ ହେବ। ଫଳରେ ଭଦ୍ରକ ଜିଲ୍ଲାବାସୀଙ୍କ ବହୁ ଦିନର ଦାବି ପୂରଣ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଆମେ ଏକ 'ସମୃଦ୍ଧ ଓଡିଶା' ଗଠନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରଖିଛୁ। ସମୃଦ୍ଧ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ। ଆମେ ପ୍ରତିବଦ୍ଧତାର ସହିତ ଏ ଦିଗରେ ପ୍ରୟାସ ଆରମ୍ଭ କରିଛୁ। ଆମର ସରକାର କ୍ଷମତାକୁ ଆସିବା ପରେ ବିପ୍ଳବୀ ମାଟି ଭଦ୍ରକରେ ଆଜି ବିକାଶର ଗତି ତ୍ୱରାନ୍ୱିତ ହୋଇଛି। ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସାହାଯ୍ୟ ଓ ସମର୍ଥନ ଲୋଡ଼ିଥିଲୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ ବି ନଷ୍ଟ କରିନାହୁଁ। ଏହି ଭାବନାକୁ ମନରେ ରଖି ଗତ ପ୍ରାୟ ଏକବର୍ଷ ହେଲା ଆମ ସରକାର ▶▶ ୫

## ଆଉ ଖୋଲିବନି ନୂଆ ମଦ ଦୋକାନ

**ଭୁବନେଶ୍ୱର, ୨।୬/ଏନ୍ଏନ୍ଏସ୍:**



- ଏଣିକି ୩ ବର୍ଷିଆ ନୂଆ ଅବକାରୀ ନୀତି
- ଅନୁଧ୍ୟାନ ପାଇଁ ୪ରାଜ୍ୟକୁ ଯିବେ ୩ଟିମ୍

ଆଉ ବର୍ଷେ ନୁହେଁ। ଏଣିକି ୩ ବର୍ଷିଆ ହେବ ନୂଆ ଅବକାରୀ ନୀତି। ଆଉ ଚଳିବନି ପୁରୁଣା ନୀତି। ଏଇ ମାସ ମଝିରୁ ନୂଆ ଅବକାରୀ ନୀତି ଲାଗୁ ହେବା ନେଇ ସଙ୍କେତ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଯେଉଁଥିରେ ରାଜ୍ୟରେ ଆଉ କୌଣସି ମଦ ଦୋକାନ ଖୋଲିବ ନାହିଁ। କେବଳ ସେତିକି ନୁହେଁ ବେଆଇନ୍ ମଦ ପ୍ରସ୍ତୁତି ଓ ବିକ୍ରି କଲେ କଡ଼ା ଦଣ୍ଡବିଧାନର ପ୍ରାବଧାନ ରହିବାର ସୂଚନା ମିଳିଛି। ଅନ୍ୟ ରାଜ୍ୟରେ ମଦ ନୀତି କିଭଳି ରହିଛି ତାହାର ଅନୁଧ୍ୟାନ ପାଇଁ ୩ଟି ଟିମ୍ ଯିବେ। ସେମାନେ ଫେରିବା ପରେ ନୂଆ ଅବକାରୀ ନୀତି ଚୂଡ଼ାନ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ଓଡ଼ିଶାରେ ମଦ ନୀତି ନିୟନ୍ତ୍ରଣକୁ ପୁନଃନିର୍ମାଣ କରିବା ପାଇଁ ଆଗାମୀ ତିନିବର୍ଷିଆ ମଦ ନୀତି ଚଳିତ ମାସର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହ ମଧ୍ୟରେ ଲାଗୁ ହେବାର ଯୋଜନା ରହିଛି ବୋଲି ଶ୍ରୀ ହରିଚନ୍ଦନ ନିଶ୍ଚିତ କରିଛନ୍ତି। ଏହି ନୀତି କୌଣସି ନୂଆ ମଦ ଦୋକାନ ଖୋଲିବାକୁ ଅନୁମତି ଦେବ ନାହିଁ। ଏହା ପୂର୍ବ ପଦ୍ଧତିଠାରୁ ଏକ ପ୍ରମୁଖ ପରିବର୍ତ୍ତନ ଯାହା ପ୍ରାୟତଃ ରାଜସ୍ୱ ସୃଷ୍ଟି ପାଇଁ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଉଥିଲା। ନୀତି ଅଧ୍ୟୟନର ଅଂଶ ସ୍ୱରୂପ ବରିଷ୍ଠ ଅଧିକାରୀଙ୍କ ତିନିଟି ଦଳ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, କେରଳ ଏବଂ ତାମିଲନାଡୁ ପରିଦର୍ଶନ କରିବେ। ଏହି ୪ ରାଜ୍ୟ ମଦ ନିୟନ୍ତ୍ରଣ ଏବଂ ବଣ୍ଟନ ପାଇଁ ଭିନ୍ନ ପଦ୍ଧତି ରଖିଛନ୍ତି। ଏହି ଅଧ୍ୟୟନ ପରିଦର୍ଶନଗୁଡ଼ିକ ସଫଳ ନିୟାମକ ଅଭ୍ୟାସ, ପ୍ରବର୍ତ୍ତନ ମଡେଲ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ଅଧିକାରୀମାନେ ଜୁଲାଇ ୭ ଏବଂ ୮ ସୁଦ୍ଧା ଫେରି ଆସିବାର ଆଶା କରାଯାଉଛି। ବାହାର ରାଜ୍ୟର ନିୟମଗୁଡ଼ିକୁ ସବିଶେଷ ତର୍ଜମା ପରେ ରାଜ୍ୟ ଅବକାରୀ ନୀତିରେ କ'ଣ ସବୁ ପ୍ରଯୁଜ୍ୟ ହେବ ତାକୁ ଯୋଡ଼ାଯାଇ ନୂଆ ଅବକାରୀ ନୀତି ପ୍ରସ୍ତୁତ ହେବ। ଯାହାକି ପୂର୍ବାପେକ୍ଷା ଆହୁରି କଡ଼ା ହେବ। ଏବଂ ସେଥିରେ ବେଆଇନ ମଦ ପ୍ରସ୍ତୁତି ଓ ▶▶ ୫

## ନିଖିଲ ପଓ୍ୱନ କଲ୍ୟାଣ ଓଡ଼ିଶା ଜନଗଣନା ନିର୍ଦ୍ଦେଶକ

**ଭୁବନେଶ୍ୱର, ୨।୬/ଏନ୍ଏନ୍ଏସ୍:**

ଜନଗଣନା ପାଇଁ ଆରମ୍ଭ ହେଲା ପ୍ରକ୍ରିୟା। କେନ୍ଦ୍ର ସରକାର ଓଡ଼ିଶା କ୍ୟାଡରର ୨୦୧୨ ବ୍ୟାଚ୍‌ର ଆଇଏଏସ୍ ତଥା ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନକୃଷି ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣଙ୍କୁ ଓଡ଼ିଶାର ଜନଗଣନା କାର୍ଯ୍ୟ ନିର୍ଦ୍ଦେଶକ (ଡିସିଓ) ଏବଂ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ (ଡିସିଆର) ଭାବରେ ନିଯୁକ୍ତି ଦେଇଛନ୍ତି। ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖାଯାଇଛି। ଏନେଇ ସୋମବାର ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ସେ ୩୧ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବା ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ନିର୍ବାହ କରିବେ। ଉଲ୍ଲେଖନୀୟ ଯେ, ପୂର୍ବତନ ଜନଗଣନା ନିର୍ଦ୍ଦେଶକ ଉଦୟ ନାରାୟଣ ଦାସଙ୍କୁ ଗତ ମେ ମାସରେ ରାଜ୍ୟ ସରକାର ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟ ଭାବେ ନିଯୁକ୍ତ କରିବା ପରେ ଏହି ପଦବୀ ଖାଲି ପଡ଼ିଥିଲା।



**ସେନା କ୍ୟାମ୍ପ ନିକଟରେ ଭୂସ୍ଖଳନ**

## ୩ ଯବାନ୍ ସହିଦ୍, ୬ ନିଖୋଜ



**ଗ୍ୟାଙ୍ଗଟକ୍, ୨।୬/ଏଜେନ୍ସି:**

ମୌସୁମୀ ପ୍ରଭାବରେ ଦେଶର ବିଭିନ୍ନ ରାଜ୍ୟରେ ଏବେ ଲଗାଣ ବର୍ଷା ଜାରି ରହିଛି। ତେବେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଏବେ ପ୍ରାଣଘାତୀ ସାବ୍ୟସ୍ତ ହେବାରେ ଲାଗିଛି। ଅହରହ ବର୍ଷା ଯୋଗୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବେ ଅଣାୟତ୍ତ ହୋଇପଡ଼ିଛି। ତେବେ ସିକ୍କିମ୍‌ର ଛାଟେନ୍ ଘାଟି ଠାରେ ହୋଇଥିବା ଭୟଙ୍କର ଭୂସ୍ଖଳନ ଯୋଗୁ ଭାରତୀୟ ସେନାର ଏକ କ୍ୟାମ୍ପ ଭୁଶୁଡ଼ିଯିବା ଏବଂ ଏଥିରେ ଭାରତୀୟ ସେନାର ୩ ଯବାନ୍ ସହିଦ୍ ହୋଇଥିବା ଭଳି ଅତ୍ୟନ୍ତ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ତେବେ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଏଠାରେ ପହଞ୍ଚିଥିବା ଉଦ୍ଧାରକାରୀ ଟିମ୍ ବର୍ତ୍ତମାନ ସୁଦ୍ଧା ୪ ଯବାନ୍‌ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଛନ୍ତି। ସେହିପରି ଏବେ ବି ୬ ସୈନିକ ନିଖୋଜ ରହିଛନ୍ତି। ଏହି ନିଖୋଜ ସୈନିକମାନଙ୍କୁ ଖୋଜିବା ପାଇଁ ଅନେକ ଉଦ୍ଧାରକାରୀ ଦଳ ଏବେ ଦିନରାତି ପରିଶ୍ରମ କରୁଥିବା ଭାରତୀୟ ସେନାର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ କହିଛନ୍ତି। ଭାରତୀୟ ସେନାର ତ୍ରିଶକ୍ତି କର୍ପ ନିଜ ଅଫିସିଆଲ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଭୂସ୍ଖଳନ ଏବଂ ଉଦ୍ଧାର ପ୍ରକ୍ରିୟା ସମ୍ପର୍କରେ ପୋଷ୍ଟ କରିଛି। ଏଥିରେ କୁହାଯାଇଛି ଯେ, ପ୍ରବଳ ବର୍ଷା ଯୋଗୁ ଛାଟେନ୍ ଘାଟି ସେନା ଶିବିର ନିକଟରେ ଏକ ଭୟଙ୍କର ଭୂସ୍ଖଳନ ହୋଇଥିଲା। ଏଥିରେ ▶▶ ୫

**ଜେଇଇ ଆଡଭାନ୍ସଡ ରେଜଲ୍ଟ**

## ହଂସ ଦାରୁକା ଓଡ଼ିଶା ଟପ୍ପର



**ଭୁବନେଶ୍ୱର, ୨।୬/ଏନ୍ଏନ୍ଏସ୍:**

ପ୍ରକାଶ ପାଇଛି ଜେଇଇ ଆଡଭାନ୍ସଡ ରେଜଲ୍ଟ। ଆଇଆଇଟି କାନପୁର ଦ୍ୱାରା ପରିଚାଳିତ ପରୀକ୍ଷା ରେଜଲ୍ଟ ଆଜି ପ୍ରକାଶ ପାଇଛି। ଆଇଆଇଟି ଦିଲ୍ଲୀ ଜୋନର ଛାତ୍ର ରଜିତ୍ ଗୁପ୍ତା ୩୬୦ ରୁ ୩୩୨ ମାର୍କ ରଖି ଅଲ୍ ଇଣ୍ଡିଆ ରାଙ୍କ୍ -୧ରେ ରହିଛନ୍ତି। ସେହିପରି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ହଂସ ଦାରୁକା ଓ ନବନିତ ପ୍ରିୟଦର୍ଶୀ। ହଂସ ଦାରୁକା ଓଡ଼ିଶା ଟପ୍ପର ହୋଇଛନ୍ତି। ଅଲ୍ ଇଣ୍ଡିଆ ▶▶ ୫

# ହୁ ହୁ ବଢ଼ିଲାଣି କରୋନା

**ନୂଆଦିଲ୍ଲୀ, ୨।୬/ଏଜେନ୍ସି:**

ଦେଶରେ କରୋନା ସଂକ୍ରମଣ ହୁ ହୁ ବଢ଼ିବାରେ ଲାଗିଛି। ସୋମବାର ସକାଳ ସୁଦ୍ଧା ଦେଶରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୯୬୧ରେ ପହଞ୍ଚିଯାଇଛି। ଦେଶର ରାଜଧାନୀ ଦିଲ୍ଲୀରେ ଗୋଟିଏ ଦିନରେ ସର୍ବାଧିକ ୪୭ ଜଣ ନୂଆ ଆକ୍ରାନ୍ତ ହେବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ୨୪ ଘଣ୍ଟା ମଧ୍ୟରେ ଦେଶରେ ୨୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ସଂକ୍ରମଣ ବଢ଼ିଥିବା ବେଳେ ରାଜଧାନୀ ଦିଲ୍ଲୀରେ କରୋନା ଯୋଗୁ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଦିଲ୍ଲୀରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଚଳିତ ଲହରରେ ୪ରେ ପହଞ୍ଚି ଯାଇଛି। ସେହିପରି ରାଜଧାନୀରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୮୩ ଛୁଇଁଛି। ବର୍ତ୍ତମାନ ସୁଦ୍ଧା



କେରଳ କରୋନା ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏଠାରେ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୧୪୩୫ ଥିବା ବେଳେ ଏହା ପଛକୁ ମହାରାଷ୍ଟ୍ରରେ ୫୦୬, ଦିଲ୍ଲୀରେ ୪୮୩, ପଶ୍ଚିମବଙ୍ଗରେ ୩୩୯ ଓ ଗୁଜରାଟରେ ୩୩୮ ଜଣ କରୋନା ଆକ୍ରାନ୍ତ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। ଦିଲ୍ଲୀ ବ୍ୟତୀତ ▶▶ ୫

### ରାଜ୍ୟରେ ପଜିଟିଭ୍ ସଂଖ୍ୟା ୧୫କୁ ବୃଦ୍ଧି

**ଭୁବନେଶ୍ୱର, ୨।୬/ଏନ୍ଏନ୍ଏସ୍:**

ରାଜ୍ୟରେ କୋଭିଡ୍ ପଜିଟିଭ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ ପୂର୍ବରୁ ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତକାଲି ଆଉ ୨-୩ଟି କେସ୍ ଆସିଛି। ସଂଖ୍ୟା ଢ଼େର ଅଧିକ ବଢ଼ିନି। ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଏବେ ଲକ୍ଷଣ ଦେଖାଦେଲେ କେବଳ ଗୁରୁତର ଆକ୍ରାନ୍ତଙ୍କ କୋଭିଡ ପରୀକ୍ଷା କରାଯାଉଛି। ଯେତିକି ପରୀକ୍ଷା ହେଉଛି, ସେଥିରୁ ବହୁତ୍ କମ ପଜିଟିଭ୍ ଆସୁଛି। ଲୋକମାନଙ୍କୁ ପରାମର୍ଶ, ସତର୍କତା ଅବଲମ୍ବନ କରନ୍ତୁ। ଗହଳି ଜାଗାକୁ ଯାଆନ୍ତୁ ନାହିଁ। ମାସ୍କ ▶▶ ୫

## ନିଟ୍-ପିଜି ୨୦୨୫ ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ, ୨।୬/ଏଜେନ୍ସି:**

ମେଡିକାଲ କଲେଜ୍‌ରେ ଆଡମିସନ୍ ପାଇଁ ବାଧ୍ୟତାମୂଳକ ରହିଥିବା 'ନିଟ୍-ପିଜି' ପରୀକ୍ଷାକୁ ସ୍ଥଗିତ ରଖିଛି ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍)। ପୂର୍ବରୁ ଏନ୍‌ବିଇଏମ୍‌ଏସ୍ ଚଳିତ ବର୍ଷ ଜୁନ୍-୧୫ରେ ନିଟ୍-ପିଜିର ପ୍ରଥମ ସିଫ୍ଟ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରିଥିଲା। କିନ୍ତୁ 'ଦୁଇଟି ସିଫ୍ଟରେ ନୁହେଁ ବରଂ ଗୋଟିଏ ସିଫ୍ଟରେ ପରୀକ୍ଷା' କରିବାକୁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଆସିବା ପରେ ଏନ୍‌ବିଇଏମ୍‌ଏସ୍ ପରୀକ୍ଷା ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇ କହିଥିଲେ ଯେ ଦୁଇଟି ସିଫ୍ଟରେ ପରୀକ୍ଷା କରାଯିବା ଦ୍ୱାରା ଏଥିରେ ସ୍ୱେଚ୍ଛାଚାରିତା ସମସ୍ୟା ଉପୁଜିବ ହେବାର ଯଥେଷ୍ଟ ସମ୍ଭାବନା ରହୁଛି, ସୁତରାଂ ଗୋଟିଏ ସିଫ୍ଟରେ ପରୀକ୍ଷା କରାଯିବ। ଜୁନ୍ ୧୫ ପୂର୍ବରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯିବା ଉଚିତ୍ ବୋଲି ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏତେ କମ୍ ସମୟ ମଧ୍ୟରେ ଗୋଟିଏ ସିଫ୍ଟରେ ▶▶ ୫

## ପ୍ରକାଶ ପାଇଲା ସିପିଇଟି ରେଜଲ୍ଟ

**ଭୁବନେଶ୍ୱର, ୨।୬/ଏନ୍ଏନ୍ଏସ୍:**

**୧୩ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା**

ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହୋଇଥିବା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି)ପ୍ରବେଶିକା ପରୀକ୍ଷା ଫଳାଫଳ ଆଜି ପ୍ରକାଶ ପାଇଛି। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଅନୁଷ୍ଠିତ ହୋଇଥିବା ପ୍ରବେଶିକା ପରୀକ୍ଷା ନିମନ୍ତେ ମୋଟ୍ ୬୨,୩୨୧ ଜଣ ପରୀକ୍ଷାର୍ଥୀ ଆବେଦନ ▶▶ ୫

# ଉତ୍ତରପୂର୍ବ ରାଜ୍ୟରେ ପ୍ରକୃତିର ତାଣ୍ଡବ






**ଗାଙ୍ଗଟକ୍, ୨।୬/ଏଜେନ୍ସି:** ମୌସୁମୀ ଆଗମନର ପ୍ରାରମ୍ଭିକ ପର୍ଯ୍ୟାୟ ଅନେକ ଲୋକଙ୍କ ପାଇଁ ପ୍ରାଣଘାତୀ ସାବ୍ୟସ୍ତ ହୋଇଛି। ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ ଆଦି ରାଜ୍ୟରେ ବର୍ଷା ବିପ୍ରାତ ଲୋକଙ୍କୁ ଅତିଷ୍ଠ କରିଥିବା ବେଳେ ଏବେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଲଗାଣ ବର୍ଷା ଭୂସ୍ଖଳନ ଭଳି ବିପତ୍ତି ଆଣିଛି। ଦିନରାତି ପ୍ରବଳ ବର୍ଷା ଯୋଗୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ନଦୀ ଏବଂ ଝରଣାଗୁଡ଼ିକ ଉଚ୍ଛୁଳିଛି। ଅନେକ ଅଞ୍ଚଳରେ ବନ୍ୟା ଓ ଭୂସ୍ଖଳନଜନିତ ପରିସ୍ଥିତି ଯୋଗୁ ୩୭ରୁ ଅଧିକ ପ୍ରାଣ ହରାଇଛନ୍ତି ଏବଂ ଯେତେବେଳେ ୭୮ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଭୂସ୍ଖଳନର ଏକ ସିରିଜ ମଧ୍ୟ ଆରମ୍ଭ ହୋଇଛି।

ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଏବେ ଏପ୍ରକାର ପାଣିପାଗ ପରିବର୍ତ୍ତନ ଯୋଗୁ ଅନେକ ପର୍ଯ୍ୟଟକ ଫସି ରହିଛନ୍ତି। ସେମାନଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଏବେ ଉଦ୍ଧାର ପ୍ରକ୍ରିୟା ଜୋରସୋରରେ ଜାରି ରହିଛି। ଉତ୍ତର ସିକିମରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁ ପରିସ୍ଥିତି ବହୁତ ଖରାପ ହୋଇଯାଇଛି। ଲାଚେନ ଏବଂ ଲାଚୁଙ୍ଗ ଅଞ୍ଚଳରେ ପ୍ରାୟ ୧୫୦୦ ପର୍ଯ୍ୟଟକ ଫସି ରହିଛନ୍ତି। ମାଙ୍ଗାନ ଜିଲାର ଏସପି ସୋନମ ଡେଚୁ ଭୂଟିଆ କହିଛନ୍ତି ଯେ ଲାଚେନରେ ୧୧୫ ଏବଂ ଲାଚୁଙ୍ଗରେ ୧୩୫୦ ପର୍ଯ୍ୟଟକ ରହିଛନ୍ତି। ଭୂସ୍ଖଳନ ଯୋଗୁ ଉଭୟ ପାର୍ଶ୍ୱରୁ ରାସ୍ତା ବନ୍ଦ ରହିଛି। ଲଗାଣ ବର୍ଷା ସାଙ୍ଗକୁ ବନ୍ୟା ପରିସ୍ଥିତି ଏବଂ ଭୂସ୍ଖଳନ ଆଦି ସିକ୍କିମ୍ ସହ ଆସାମ୍, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ମିଜୋରାମ୍ ଆଦି ରାଜ୍ୟରେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଛି। ଏସବୁ ରାଜ୍ୟରେ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଆହୁରି ଲଗାଣ ବର୍ଷା ହେବାର ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଏହାକୁ ନେଇ ଚିନ୍ତା ବଢ଼ିଯାଇଛି। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଏବେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ନିୟମିତ ବ୍ୟବଧାନରେ ଆଲୋଚନା କରୁଥିବା ଏବଂ ପରିସ୍ଥିତି ସମ୍ପର୍କରେ ପଚାରି ବୁଝୁଥିବା ଜଣାପଡିଛି। ସେହିପରି ଉଦ୍ଧାରକାରୀ ଦଳ ଏବେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି ଏବଂ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଦିଗରେ ଦିନରାତି ପରିଶ୍ରମ କରୁଛନ୍ତି। ରିଲିଫ୍ ସାମଗ୍ରୀ ସାଙ୍ଗକୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ଲୋକଙ୍କ ପର୍ଯ୍ୟନ୍ତ ସୁରୁଖୁରୁରେ ପହଞ୍ଚିବା ଉପରେ ସ୍ଥାନୀୟ ପ୍ରଶାସନ ଜୋର ଦେଉଛନ୍ତି।

# ଭାରତ ଠାରୁ ୨ଲକ୍ଷ କୋଟି ଟଙ୍କାର ଋଣ ନେଇଛି ଆମେରିକା



**ନୂଆଦିଲ୍ଲୀ, ୱାଶିଂଟନ୍, ୨।୬/ଏଜେନ୍ସି:** ଆମେରିକା ଭଳି ଏକ ଆର୍ଥିକ ସମୃଦ୍ଧ ରାଷ୍ଟ୍ର ଭାରତ ଠାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା (୨୧୬ ବିଲିୟନ ଡଲାର) ଋଣ ନେଇଛି। ଆମେରିକା, ଭାରତକୁ ଏହି ଅର୍ଥ ପରିଶୋଧ କରିବ। ଜାତୀୟ ଗଣମାଧ୍ୟମରେ ଏଭଳି ଏକ ରିପୋର୍ଟ ପ୍ରକାଶ ପାଇଛି। ଆମେରିକା ଟ୍ରେଜେରୀ ବଣ୍ଡ, ବିଲ୍ ଏବଂ ସିକ୍ୟୁରିଟିଜ ଇତ୍ୟାଦି ଜାରି କରି ଭାରତ ଠାରୁ ଏହି ଋଣ ନେଇଥିଲା। ଏହି ଆର୍ଥିକ ଉପକରଣଗୁଡ଼ିକ ଋଣ ଚୁକ୍ତି ଭାବେ କାର୍ଯ୍ୟ କରେ, ଯାହା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସୁଧ ସହିତ ଋଣ ପରିଶୋଧ କରିବାକୁ ପ୍ରତିଶ୍ରୁତି ଦିଏ। ଭାରତ ଏହି ବଣ୍ଡଗୁଡ଼ିକୁ ନିଜର ବୈଦେଶିକ ମୁଦ୍ରା ଭଣ୍ଡାର ନିବେଶ କରିବା ପାଇଁ ଏକ ନିରାପଦ ମାଧ୍ୟମ ଭାବେ କିଣିଛି। ତେବେ କେବଳ ଆମେରିକା ନୁହେଁ ଏହା ସହିତ ଜାପାନ ଓ ଚୀନ୍ ମଧ୍ୟ ଭାରତ ଠାରୁ ଏପ୍ରକାର ଋଣ ନେଇଥିବା ଜଣାପଡ଼ିଛି, ଯଦିଓ ଏହି ଋଣର ପରିମାଣ ସମ୍ପର୍କରେ ସବିଶେଷ ତଥ୍ୟ ଜଣାପଡିନାହିଁ।


ଭାରତ ଆମେରିକୀୟ ଟ୍ରେଜେରୀ ବଣ୍ଡରେ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ନିବେଶ କରିଛି, ଯାହା କେବଳ ଆମେରିକୀୟ ଅର୍ଥନୀତିକୁ ସମର୍ଥନ କରୁନାହିଁ ବରଂ ଭାରତର ଆର୍ଥିକ ସ୍ଥିରତାକୁ ମଧ୍ୟ ଦୃଢ଼ କରୁଛି। ଆମେରିକାର ଜାତୀୟ ଋଣ ୩୪ ଟ୍ରିଲିୟନ ଡଲାର ଅତିକ୍ରମ କରିଥିଲେ ମଧ୍ୟ, ବିଶ୍ୱ ଅର୍ଥନୀତିରେ ଡଲାରର ପ୍ରାଧାନ୍ୟ ଏବଂ ଆମେରିକୀୟ ସରକାରଙ୍କ ଋଣ ପରିଶୋଧ କ୍ଷମତା ଉପରେ ବିଶ୍ୱବ୍ୟାପୀ ଆସ୍ଥା ଏହାକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଅର୍ଥନୀତି ଭାବେ ସ୍ଥାନ ଦେଇଛି। ଏହି କାରଣରୁ ଭାରତ ସମେତ ବିଶ୍ୱର ଅନେକ ଦେଶ, ଆମେରିକୀୟ ବଣ୍ଡକୁ ଏକ ନିରାପଦ ନିବେଶ ଭାବେ ଗ୍ରହଣ କରୁଛନ୍ତି। ଏହି ନିବେଶରୁ ଭାରତ ଏକ ନିଶ୍ଚିତ ଓ କମ କ୍ଷତିଯୁକ୍ତ ଆୟ ପାଉଛି, ଯାହା ଦୀର୍ଘକାଳୀନ ଆର୍ଥିକ ସ୍ଥିରତା ନିଶ୍ଚିତ କରୁଛି। ଏହି ରଣନୀତି ଭାରତର ବିଶ୍ୱ ଅର୍ଥନୀତିରେ ସ୍ଥାନକୁ ନିଶ୍ଚିତ ଭାବେ ମଜବୁତ କରୁଛି। ଏହା ଭାରତର ଆର୍ଥିକ ଭବିଷ୍ୟତକୁ ଗଢ଼ିବାରେ ନିଶ୍ଚିତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

### ଇଣ୍ଡିଗୋ ବିମାନରେ ମାଡ଼ ହେଲା ପକ୍ଷୀ

# ଅଳ୍ପକେ ବର୍ତ୍ତିଲେ ୧୭୫ ଯାତ୍ରୀ

**ରାଞ୍ଚି, ୨।୬/ଏଜେନ୍ସି:** ପାଟନାରୁ ରାଞ୍ଚି ଆସୁଥିବା ଏକ ଇଣ୍ଡିଗୋ ବିମାନରେ ଏକ ପକ୍ଷୀ (ଶାଗୁଣା) ଜୋରଦାର ପିଟି ହେବା ଫଳରେ ବିମାନଟିକୁ ରାଞ୍ଚି ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଛି। ବିମାନରେ ଥିବା ସମସ୍ତ ୧୭୫ ଜଣ ଯାତ୍ରୀ ସୁରକ୍ଷିତ ଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଯେତେବେଳେ ୪୦୦୦ ଫୁଟ୍ ଉଚ୍ଚରେ ଉଡାଣ କରୁଥିଲା ଠିକ୍ ସେହି ସମୟରେ ଏହି ଅଘଟଣ ଘଟିଥିବା କୁହାଯାଇଛି। ପକ୍ଷୀଟି ବିମାନର ନୋଜ୍ ସହିତ ଧକ୍କା ହୋଇଥିଲା। ଏହାପରେ, ପାଇଲଟ୍ ବିମାନକୁ ରନୱେରେ ସୁରକ୍ଷିତ ଭାବରେ ଅବତରଣ କରିଥିଲେ। ପକ୍ଷୀ ଧକ୍କା ବିଷୟରେ ସୂଚନା ପାଇବା ମାତ୍ରେ ବିମାନବନ୍ଦର କର୍ତ୍ତୃପକ୍ଷ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ବୈଷୟିକ ଦଳ ଏବେ ବିମାନର ଯାଞ୍ଚ କରିଛନ୍ତି। ତେବେ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ, ବିମାନକୁ ଉଡ଼ାଣ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଯେତେବେଳେ ଏକ ପକ୍ଷୀ ଉଡ଼ନ୍ତା ବିମାନ ସହିତ ଧକ୍କା ହୁଏ, ଏହାକୁ ବାର୍ଡ ହିଟ୍ ବୋଲି କୁହାଯାଏ। ଏହା ବିମାନ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ। ଅଧିକାଂଶ ପକ୍ଷୀ ଆକ୍ରମଣ ଘଟଣା ବିମାନବନ୍ଦର ଆଖପାଖରେ ଘଟେ, ବିଶେଷକରି ବିମାନର ଉଡ଼ାଣ କିମ୍ବା ଅବତରଣ ସମୟରେ। ଏହି ସମୟରେ ବିମାନଟି କମ୍ ଉଚ୍ଚତାରେ ଥାଏ, ଯେଉଁଠାରେ ପକ୍ଷୀଙ୍କ କାର୍ଯ୍ୟକଳାପ ଅଧିକ ଥାଏ। ତେବେ କିଛି ଯାତ୍ରୀଙ୍କୁ କୋଲକାତା ଅଭିମୁଖେ ଯାତ୍ରା ପାଇଁ ଅନ୍ୟ ଏକ ବିମାନରେ ପଠାଯାଇଥିଲା, ଯେତେବେଳେ କିଛି ମଙ୍ଗଳବାର ଉଡ଼ାଣ କରିବେ ବୋଲି ଲୋକମାନେ କହିଛନ୍ତି।

# 'ବ୍ରିଟେନ୍ସ ଗଟ୍ ଟାଲେଣ୍ଟ'ରେ ବିନିତାଙ୍କ ଚମକ



**ଦିସପୁର, ୨।୬/ଏଜେନ୍ସି:** ଭାରତର ୯ବର୍ଷୀୟା କୁନା ନୃତ୍ୟଶିଳ୍ପୀ ବିନିତା ଛେତ୍ରୀ ନିଜ ପ୍ରତିଭା ଏବଂ କଠିନ ପରିଶ୍ରମ ବଳରେ ଅନ୍ତର୍ଜାତୀୟ ସ୍ତରରେ ଏକ ବିରଳ କୃତୀତ୍ୱ ହାସଲ କରିଛନ୍ତି। 'ବ୍ରିଟେନ୍ସ ଗଟ୍ ଟାଲେଣ୍ଟ ୨୦୨୫'ର ଗ୍ରାଣ୍ଡ ଫାଇନାଲରେ ବିନିତା କେବଳ ତାଙ୍କ ନୃତ୍ୟ ଦ୍ୱାରା କେବଳ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିନାହାନ୍ତି, ବରଂ ଅନ୍ତର୍ଜାତୀୟସ୍ତରରେ ଭାରତର ନାଁକୁ ମଧ୍ୟ ଉଜ୍ଜ୍ୱଳ କରିଛନ୍ତି। ଏହି ଅନ୍ତର୍ଜାତୀୟ ଶୋ'ରେ ସେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ଏବେ ସାରା ଦେଶରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଧ୍ୟ ଆସାମର ଏହି ଛୋଟ କଳାକାରଙ୍କୁ ପ୍ରଶଂସା କରି ସାମାଜିକ ଗଣମାଧ୍ୟମରେ ଏକ ସ୍ୱତନ୍ତ୍ର ବାର୍ତ୍ତା ଶେୟାର କରିଛନ୍ତି। ସେ ଲେଖିଛନ୍ତି, ବିନିତା ବ୍ରହ୍ମପୁତ୍ରଠାରୁ ଥେମ୍ସ ପର୍ଯ୍ୟନ୍ତ ସମସ୍ତଙ୍କ ହୃଦୟ ଜିତିଛନ୍ତି। ଏକ୍ସରେ ଶେୟାର କରାଯାଇଥିବା ଏହି ଭିଡିଓରେ ବିନିତାଙ୍କୁ ଫାଇନାଲରେ ତାଙ୍କ ସହ-ପ୍ରତିଯୋଗୀମାନଙ୍କ ସହ ଠିଆ ହୋଇଥିବାର ଦେଖିବାକୁ ମିଳିଛି। ବିନିତା ଛେତ୍ରୀ 'ବ୍ରିଟେନ୍ସ ଗଟ୍ ଟାଲେଣ୍ଟ' ଇତିହାସରେ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ପ୍ରତିଯୋଗୀ ପାଲଟିଛନ୍ତି। ଫାଇନାଲରେ ବ୍ରିଟିଶ ଯାଦୁକର ହ୍ୟାରି ମୋଲ୍ଡିଙ୍ଗ୍ ଫାଇନାଲରେ ବିଜୟୀ ହୋଇଥିବାବେଳେ ଏଲଇଡି ଡାନ୍ସ ଗ୍ରୁପ୍ 'ଦି ବ୍ଲାକଆଉଟ୍ସ' ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିନିତା ଶୋ'ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

### ୧୫ରୁ ଜି-୭ ସମ୍ମିଳନୀ

# ମୋଦୀଙ୍କୁ ନିମନ୍ତ୍ରଣ କଲାନି କାନାଡା

**ନୂଆଦିଲ୍ଲୀ, ୨।୬/ଏଜେନ୍ସି:** ଚଳିତ ମାସ ୧୫-୧୭ ଯାଏ କାନାଡାର ଆଲବର୍ଟା ସହରରେ ଅନୁଷ୍ଠିତ ହେବାକୁ ଯାଉଛି ଜି-୭ ଶିଖର ସମ୍ମିଳନୀ। କାନାଡା ଏଥର ଏହି ସମ୍ମିଳନୀର ଆୟୋଜକ ରହିଛି। ତେବେ ଜି-୭ ସମ୍ମିଳନୀକୁ ନେଇ ଭାରତ କିନ୍ତୁ ଏଥର ଏତେ ଉତ୍ସାହ ଦେଖାଇନାହିଁ। ସୁତରାଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହୁଏତ ଏଥର ଜି-୭ ଶିଖର ସମ୍ମିଳନୀରେ ଯୋଗଦେବାକୁ ଯିବେ ନାହିଁ ବୋଲି ଚର୍ଚ୍ଚା

### ୨୦୧୯ ପରେ ଏହା ହେବ ମୋଦୀଙ୍କ ପଥମ ଅନୁପସ୍ଥିତି



ଆରମ୍ଭ ହୋଇଛି। ଯଦି ଏପରି ହୁଏ ତେବେ ୨୦୧୯ ପରଠାରୁ ପ୍ରଥମ ଥର ଭାବେ ଜି-୭ ବୈଠକରେ ମୋଦୀ ସାମିଲ ନହେବା ପ୍ରଥମ ଘଟଣା ହେବ।

ଖଲିସ୍ତାନ ବିଚ୍ଛିନ୍ନତାବାଦୀଙ୍କ ସହ କାନାଡା ସରକାରଙ୍କ ବଢ଼ୁଥିବା ସମ୍ପର୍କ ଏବଂ ଭାରତ ବିରୋଧରେ କାନାଡା ଲଗାଇଥିବା ନିଜ୍ଜର ହତ୍ୟା ଅଭିଯୋଗ ଯୋଗୁଁ ନରେନ୍ଦ୍ର ମୋଦୀ କାନାଡାରେ ଜି-୭ ସମ୍ମିଳନୀରେ ଯୋଗଦେବାର ସମ୍ଭାବନା ନାହିଁ। ଅନ୍ୟପକ୍ଷେ ଜି-୭ ଗ୍ରୁପ୍ ସମ୍ମିଳନୀ ପାଇଁ ପ୍ରତ୍ୟେକ ଥର ଆୟୋଜକ ଦେଶଗୁଡ଼ିକ ଭାରତକୁ ପ୍ରାଥମିକତା ସୂତ୍ରରେ ଆମନ୍ତ୍ରଣ କରୁଥିବା ବେଳେ କାନାଡା କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରିନାହିଁ। ଏସବୁ ବ୍ୟତୀତ ଭାରତ-କାନାଡା ମଧ୍ୟରେ ଲଜିଷ୍ଟିକ୍ ସମସ୍ୟା, ସମ୍ଭାବ୍ୟ ବାଧା ଏବଂ କୂଟନୈତିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦୀ ହୁଏତ ଏଥର ଏହି ଶିଖର ସମ୍ମିଳନୀରେ ଯୋଗଦେବେ ନାହିଁ ବୋଲି ଅନୁମାନ କରାଯାଉଛି। ପ୍ରକାଶ, ଜି-୭ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଯୁକ୍ତରାଜ୍ୟ, ଜାପାନ, ଯୁକ୍ତରାଷ୍ଟ୍ର ଏବଂ କାନାଡା ଭଳି ୭ ଦେଶଙ୍କୁ ନେଇ ଗଠିତ ଏକ ମିଳିତ ଗୋଷ୍ଠୀ। ଏଥିରେ ୟୁରୋପୀୟ ସଂଘ (ଇୟୁ), ଆଇଏମ୍ଏଫ୍, ବିଶ୍ୱ ବ୍ୟାଙ୍କ୍ ଏବଂ ଜାତିସଂଘ ମଧ୍ୟ ଯୋଗ ଦେଇଛନ୍ତି। ଏହା ବିଶ୍ୱର ସର୍ବାଧିକ ଶିଳ୍ପୋନ୍ନତ ଅର୍ଥନୀତି। ତେବେ ଏଥର ଜି-୭ ସମ୍ମିଳନୀ ପାଇଁ କାନାଡା ଆୟୋଜକ ଥିବା ବେଳେ ଦକ୍ଷିଣ ଆଫ୍ରିକା, ୟୁକ୍ରେନ ଏବଂ ଅଷ୍ଟ୍ରେଲିଆ ଭଳି ଦେଶଙ୍କୁ କାନାଡା ନିମନ୍ତ୍ରଣ କରିଛି। କିନ୍ତୁ କେଉଁ ଦେଶଗୁଡ଼ିକୁ ଆମନ୍ତ୍ରଣ କରାଯାଇଛି ବା କରାଯିବ ସେସମ୍ପର୍କରେ କାନାଡା କୌଣସି ସ୍ପଷ୍ଟ ସୂଚନା ଦେଉନାହିଁ।

ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଭାରତ ସରକାରଙ୍କୁ ଖଲିସ୍ତାନ ବିଚ୍ଛିନ୍ନତାବାଦୀ ହରଦୀପ ସିଂ ନିଜ୍ଜର ହତ୍ୟାକାଣ୍ଡରେ ସମ୍ପୃକ୍ତ ବୋଲି ଅଭିଯୋଗ କରିଥିଲେ ମଧ୍ୟ ଏନେଇ କୌଣସି ସମର୍ଥନ ପ୍ରମାଣ ପ୍ରଦାନ କରିବାରେ ବିଫଳ ହୋଇଥିଲେ, ଏହି ଦାବିକୁ ଭାରତ ବାରମ୍ବାର ଅସ୍ୱୀକାର କରିଆସିଛି। ଏହି କୂଟନୈତିକ ସଂଘର୍ଷ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଅବନତି ଆଣିଥିଲା, ଯାହା ଫଳରେ ଉଭୟ ଦେଶ ପରସ୍ପରର କୂଟନୀତିଜ୍ଞଙ୍କୁ ଶତ୍ରୁତାପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ବହିଷ୍କାର କରିଥିଲେ। ସିଧାସଳଖ କହିଲେ ଜି-୭ ଶିଖର ସମ୍ମିଳନୀରେ ମୋଦିଙ୍କ ଅନୁପସ୍ଥିତି ଭାରତ ଏବଂ କାନାଡା ମଧ୍ୟରେ ନିରନ୍ତର କୂଟନୈତିକ ପ୍ରତିବନ୍ଧକକୁ ସ୍ପଷ୍ଟ କରେ। ନିଜ୍ଜରଙ୍କ ହତ୍ୟା ସହିତ ଜଡିତ ଅଭିଯୋଗ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏସବୁ ମଧ୍ୟରେ ଭାରତୀୟ କୂଟନୀତିଜ୍ଞଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପରେ ନିୟୋଜିତ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀଙ୍କ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନୂଆଦିଲ୍ଲୀ କାନାଡା ଉପରେ ଚାପ ପକାଉଛି। ଶିଖର ସମ୍ମିଳନୀ ଅବସରରେ ଏକ ଦ୍ୱିପାକ୍ଷିକ ବୈଠକ ନେତାମାନଙ୍କ ପାଇଁ କୂଟନୀତିକ ସମ୍ପର୍କ ପୁନରୁଦ୍ଧାର ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ନବୀକରଣ କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ଭାବରେ କାର୍ଯ୍ୟ କରିପାରିଥାନ୍ତା। କିନ୍ତୁ ବର୍ତ୍ତମାନ ସମୟରେ ଏସବୁ ସମ୍ଭବ ହୋଇନପାରେ ବୋଲି କୁହାଯାଉଛି।

# ପୁରୁଷଙ୍କ ତୁଳନାରେ ମହିଳା ୪ ବର୍ଷ ଅଧିକ ବଞ୍ଚନ୍ତି: ରିପୋର୍ଟ

**ନୂଆଦିଲ୍ଲୀ, ୨।୬/ଏଜେନ୍ସି:** ଜୀବନ ଜିଇଁବାର ଆଶା ଯେକୌଣସି ଦେଶର ଜୀବନର ଗୁଣବତ୍ତା ଏବଂ ସାମଗ୍ରିକ କଲ୍ୟାଣର ସବୁଠାରୁ ସ୍ପଷ୍ଟ ସୂଚକ ମଧ୍ୟରୁ ଗୋଟିଏ। ତେବେ ଏକାଧିକ ପାରାମିଟର ଆଧାରରେ ହୋଇଥିବା ସର୍ଭେରୁ ସର୍ବାଧିକ ଜୀବନ ଆଶା ସହ ବଞ୍ଚୁଥିବା ଦେଶଙ୍କ ମଧ୍ୟରେ ମୋନାକୋ ଶୀର୍ଷରେ ରହିଛି। ସେହିପରି ଦ୍ୱିତୀୟ ସ୍ଥାନରେ ସାନ୍ ମାରିନୋ ରହିଛି। ହଂକଂ ୩ୟ ସ୍ଥାନରେ ରହିଛି। ବିଶ୍ୱର ହାରାହାରି ଜୀବନ ଆଶା, ଯାହା ୨୦୨୪ ରେ ପ୍ରାୟ ୭୩ ବର୍ଷ ହେବ ବୋଲି ଆକଳନ କରାଯାଇଛି, ୨୦୦୦ ମସିହାରେ ୬୬ ବର୍ଷ ପରେ ନିରନ୍ତର ବୃଦ୍ଧି ପାଉଛି। ତଥାପି, କିଛି ଦେଶ ସେମାନଙ୍କର ଅସାଧାରଣ ଦୀର୍ଘାୟୁ ପାଇଁ ଠିଆ ହୋଇଛନ୍ତି। ଏହି ଇନଫୋଗ୍ରାଫିକ୍ ଜନ୍ମ ସମୟରେ ହାରାହାରି ଜୀବନ ଆଶା ଆଧାରରେ ଶ୍ରେଷ୍ଠ ୨୫ ଦେଶକୁ ହାଇଲାଇଟ୍ କରେ, ଏବଂ ମହିଳା ଏବଂ ପୁରୁଷ ଜନସଂଖ୍ୟା ମଧ୍ୟରେ ପାର୍ଥକ୍ୟ ଦେଖାଇବା ପାଇଁ ଲିଙ୍ଗ ଅନୁସାରେ ଏହାକୁ ବିଭାଜିତ କରେ। ଏହି ତଥ୍ୟ ଜାତିସଂଘର ବିଶ୍ୱ ଜନସଂଖ୍ୟା ସମ୍ଭାବନା ପୋର୍ଟାଲରୁ ଆସିଛି। ସିଙ୍ଗାପୁର ୧୦ମ ସ୍ଥାନରେ ରହିଥିବା ବେଳେ ଭାରତ ଶୀର୍ଷ ୨୫ ଦେଶ ମଧ୍ୟରେ ନରହିବା ଆଶ୍ଚର୍ଯ୍ୟଜନକ। ୨୦୨୨ରେ ଭାରତର ଆୟୁକାଳ ୬୭.୨୫ ବର୍ଷ ରହିଥିଲା।

ସବୁଠୁ ବଡ଼ କଥା ହେଉଛି, ଆୟୁ ଆଶା ଆଧାରରେ ଶ୍ରେଷ୍ଠ ୨୫ ଦେଶ ମଧ୍ୟରୁ ଅଧିକାଂଶ, ମୋଟ ୧୬ ଦେଶ, ୟୁରୋପରୁ ଅଛନ୍ତି। ଛୋଟ, ସମୃଦ୍ଧ ଦେଶ ମୋନାକୋ ତାଲିକାର ଶୀର୍ଷରେ ଅଛି, ଯେଉଁଠାରେ ବାସିନ୍ଦାମାନେ ହାରାହାରି ୮୬.୫ ବର୍ଷ ବଞ୍ଚନ୍ତି ଏବଂ ମହିଳାମାନେ ୮୮ ବର୍ଷ ଅଧିକ ବଞ୍ଚନ୍ତି। ଯେଉଁ ଦେଶଗୁଡ଼ିକ ସବୁଠାରୁ ଅଧିକ ବଞ୍ଚନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଉପଲବ୍ଧତା ଏବଂ ଗୁଣବତ୍ତା ଉନ୍ନତ କରିବା ସହିତ ମୁଣ୍ଡପିଛା ସ୍ୱାସ୍ଥ୍ୟସେବା ଖର୍ଚ୍ଚ ମଧ୍ୟ ଅଧିକ ଥାଏ। ସମସ୍ତ ୨୫ଟି ଦେଶରେ, ମହିଳାମାନେ ପୁରୁଷମାନଙ୍କ ତୁଳନାରେ ହାରାହାରି ୪ ବର୍ଷ ଅଧିକ ଦିନ ବଞ୍ଚନ୍ତି। ଫ୍ରାନ୍ସ (୫.୬ ବର୍ଷ), ଦକ୍ଷିଣ କୋରିଆ (୬.୦ ବର୍ଷ) ଏବଂ ଜାପାନ (୬.୧ ବର୍ଷ) ଭଳି ସ୍ଥାନରେ ଲିଙ୍ଗଗତ ଜୀବନକାଳ ମଧ୍ୟରେ ପାର୍ଥକ୍ୟ ବିଶେଷ ଭାବରେ ବଡ଼।

ଏହି ଲିଙ୍ଗଗତ ପାର୍ଥକ୍ୟ ମୁଖ୍ୟତଃ ଜୈବିକ ଏବଂ ଆଚରଣଗତ କାରଣଗୁଡ଼ିକର ମିଶ୍ରଣ ଯୋଗୁଁ ସୃଷ୍ଟି ହୋଇଛି - ନବଜାତ ପୁଅ ଏବଂ ଯୁବକଙ୍କ ମୃତ୍ୟୁହାର ଝିଅମାନଙ୍କ ତୁଳନାରେ ଅଧିକ ଥାଏ, ଏବଂ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଉଚ୍ଚ ବିପଦପୂର୍ଣ୍ଣ ଆଚରଣରେ ଲିପ୍ତ ହେବାର ସମ୍ଭାବନା ମଧ୍ୟ କମ୍ ଥାଏ।


# ଇଟାଲିର ମାଉଣ୍ଟ ଏଟନାରୁ ଆଗ୍ନେୟ ଉଦ୍ଗୀରଣ



**ସିସିଲି, ୨।୬/ଏଜେନ୍ସି:** ୟୁରୋପର ସବୁଠାରୁ ସକ୍ରିୟ ଏବଂ ବିପଦପୂର୍ଣ୍ଣ ଜ୍ୱାଳାମୁଖୀ ବା ଆଗ୍ନେୟଗିରି ଭାବେ ବିବେଚିତ ଇଟାଲିର ମାଉଣ୍ଟ ଏଟନାରୁ ଏବେ ଭୟଙ୍କର ଭାବରେ ଲାଭା ଉଦ୍ଗୀରଣ ହେଉଛି। ଜ୍ୱାଳାମୁଖୀ ବିସ୍ଫୋରଣ ଯୋଗୁଁ ଲାଭା ପାଉଁଶ ଏବଂ ଧୂଆଁ ବହୁ ଦୂରକୁ ପହଞ୍ଚିବାରେ ଲାଗିଛି। ଏହି ବିଶାଳ ବିସ୍ଫୋରଣ ପରେ ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଉଛି। ଦି ସନ୍ ରିପୋର୍ଟ ଅନୁଯାୟୀ ମାଉଣ୍ଟ ଏଟନା ଜ୍ୱାଳାମୁଖୀର ଉଦଗୀରଣ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଅଂଚଳରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀ ଜ୍ୱାଳାମୁଖୀର ଦକ୍ଷିଣ-ପୂର୍ବ ଗର୍ତ୍ତର ଏକ ଅଂଶ ସମ୍ଭବତଃ ଭୁଶୁଡ଼ି ପଡ଼ିଛି। ଏହା ସହିତ ତୀବ୍ର କମ୍ପନ ଏବଂ ନିରନ୍ତର ବିସ୍ଫୋରଣ ଭୟର ପରିବେଶ ସୃଷ୍ଟି କରିଥିଲା। ଜ୍ୱାଳାମୁଖୀରେ ଉଦଗୀରଣ ପରେ ଏଥିରୁ ବାହାରୁଥିବା ଲାଭା ଏକ ଅଗ୍ନି ଝରଣା ସଦୃଶ ପ୍ରତୀତ ହେଉଛି। ଏହାର ଗରମ ପଥର ଏବଂ ବିଷାକ୍ତ ଗ୍ୟାସ୍ ବହୁ ଦୂରକୁ ବ୍ୟାପିଛି। ଫଳରେ ନିକଟସ୍ଥ କାଟାନିଆ ବିମାନବନ୍ଦରରେ ବିମାନଗୁଡ଼ିକର ଉଡ଼ାଣ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

### ଆକ୍ରମଣ ପରେ ତାତିଲେ ପୁଟିନ୍

# 'ଭୟଙ୍କର ପରିଣାମ ଭୋଗିବ ୟୁକ୍ରେନ୍'




**ମସ୍କୋ, କିଭ୍, ୨।୬/ଏଜେନ୍ସି:** ୟୁକ୍ରେନ୍ ଓ ରୁଷ୍ ମଧ୍ୟରେ ପୁଣି ଥରେ ପରିସ୍ଥିତି ଅତ୍ୟନ୍ତ ଖରାପ ହୋଇଯାଇଛି। ଗୋଟିଏ ପଟେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ପାଇଁ ଆଲୋଚନା ଚାଲିଥିବା ବେଳେ ୟୁକ୍ରେନ୍ ଟ୍ରୋଜନ-ହର୍ସ (ଗ୍ରୀସର ବିଶ୍ୱ ପ୍ରସିଦ୍ଧ ପୌରାଣିକ କାହାଣୀ) ରଣନୀତି ବ୍ୟବହାର କରି ଟ୍ରକ୍ ଏବଂ ଡ୍ରୋନ ସହିତ ରୁଷ୍ ଉପରେ ଆକ୍ରମଣ କରିବା ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ୟୁକ୍ରେନ୍ ୧୧୭ଟି ସ୍ୱର୍ମ ଡ୍ରୋନ୍ ଜରିଆରେ ରୁଷ୍‌ର ପ୍ରାୟ ୪୦ଟି ଲଢୁଆ ଯୁଦ୍ଧ ବିମାନ ସହ ୫ଟି ଏୟାରବେସ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏବେ ରକ୍ତ ଚାଉଳ ଚୋବାଉଛନ୍ତି। ପୁଟିନ୍ ଧମକ ଦେଇ କହିଛନ୍ତି, ଏହି ଆକ୍ରମଣର ପରିଣାମ ୟୁକ୍ରେନ୍‌କୁ ଭୋଗିବାକୁ ପଡ଼ିବ। ୟୁକ୍ରେନ୍ ବୋଧହୁଏ ଯୁଦ୍ଧର ସମାପ୍ତି ଚାହୁଁନାହିଁ। ରୁଷ୍ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିବ। ପୁଟିନ୍‌ଙ୍କ ଏପ୍ରକାର ପ୍ରତିକ୍ରିୟାରୁ ଲାଗୁଛି ଯେ ଆଗମୀ ଦିନରେ ତାଙ୍କ ସେନା ୟୁକ୍ରେନ୍ ବିରୋଧରେ ପରମାଣୁ ବୋମାର ବ୍ୟବହାର କରିପାରେ। ଏହାକୁ ନେଇ ଏବେ ବିଶ୍ୱବ୍ୟାପୀ ଏକ ଭୟ ସଞ୍ଚାର ହୋଇଛି।

ୟୁକ୍ରେନ୍‌ର ଏପ୍ରକାର ଗୁପ୍ତ ଆକ୍ରମଣ ରୁଷ୍ ସେନା ପାଇଁ ସମ୍ପୂର୍ଣ୍ଣ ରୂପେ ଆଶାତୀତ ଥିବା ବେଳେ ରୁଷର ପ୍ରତିରକ୍ଷା ପ୍ରଣାଳୀ ମଧ୍ୟ ବିଫଳ ହୋଇଛି। ଏହାକୁ ନେଇ ବିଶ୍ୱସ୍ତରରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପୁଟିନ୍ କହିଛନ୍ତି ରୁଷ୍ ବିରୋଧରେ ୟୁକ୍ରେନ୍‌ର ସ୍ପାଇଡର-ୱେବ ଅପରେସନ୍‌କୁ ନେଇ ପଶ୍ଚାତାପ କରିବାକୁ ହେବ। ଏଣିକି ଆଉ ୟୁକ୍ରେନ୍ ସହ ଅସ୍ତ୍ରବିରତି ପ୍ରସଙ୍ଗରେ କୌଣସି ଆଲୋଚନା ହେବନାହିଁ। ପ୍ରକାଶ, ୟୁକ୍ରେନ୍‌ର ସ୍ୱର୍ମ ଡ୍ରୋନ୍ ରୁଷର ଚାରୋଟି ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଏୟାରବେସକୁ ବହୁତ କ୍ଷତି ପହଞ୍ଚାଇଛି। ୟୁକ୍ରେନର ଗୁଇନ୍ଦା ସଂସ୍ଥା ଏସ୍‌ବିୟୁ ଗତ ଦେଢ଼ ବର୍ଷ ଧରି ଏହି ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିଲା। ରୁଷ୍ ବିରୋଧରେ ଅପରେସନ୍ ସ୍ପାଇଡର ୱେବ୍ ଚଳାଇବା ପୂର୍ବକ ଟ୍ରକ୍‌ଗୁଡ଼ିକୁ ଫଲ୍ସ ସିଲିଂ କରାଯାଇ ଏଥିରେ ସ୍ୱର୍ମ ଡ୍ରୋନ୍‌ଗୁଡିକୁ ଲୁଚାଇ ରୁଷର ସାମରିକ ଘାଟି ପର୍ଯ୍ୟନ୍ତ ନେବାରେ ସଫଳ ହୋଇଥିଲା ୟୁକ୍ରେନୀୟ ସେନା। ପରେ ରିମୋଟ୍ କଣ୍ଟ୍ରୋଲ ଜରିଆରେ ଦୂରରୁ ଟ୍ରକଗୁଡ଼ିକର ସିଲିଂ ଖୋଲି ଡ୍ରୋନ

### ପୂର୍ବ ଶତ୍ରୁତା ଓ ସମ୍ପତ୍ତି ବିବାଦରୁ ଜଘନ୍ୟ ହତ୍ୟାକାଣ୍ଡ

# ଦିବାଲୋକରେ ଖଣ୍ଡାରେ ହାଣିଲେ, ୭ ଗିରଫ



**ବେଙ୍ଗାଲୁରୁ, ୨।୬/ଏଜେନ୍ସି:** ସ୍ପଷ୍ଟ ଦିବାଲୋକରେ କର୍ଣ୍ଣାଟକର କୋପ୍ପାଲ ଜିଲ୍ଲା କୁଶଟାଗି ତାଲୁକର ତଭାରାଗେରା ସହରରେ ଘଟିଥିବା ଏକ ବିଭତ୍ସ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ମିଳିଛି। ଏଠାରେ ଥିବା ଏକ ବେକେରୀରେ ଜଣେ ବ୍ୟକ୍ତିଙ୍କୁ ୭ଜଣ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଏକ ଧାରୁଆ ଖଣ୍ଡା ସାହାଯ୍ୟରେ ବାରମ୍ବାର ଆକ୍ରମଣ କରିବା ଫଳରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି। ପ୍ରାଥମିକ ତଦନ୍ତରୁ ଜମିଜୁମା ତଥା ସମ୍ପତ୍ତିଜନିତ ବିବାଦ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି। ତେବେ ଏହି ହତ୍ୟାକାଣ୍ଡ ଗତ ୩୧ ତାରିଖରେ ଘଟିଥିବା ବେଳେ ବେଙ୍ଗାଲୁରୁ ପୁଲିସ୍ କିନ୍ତୁ ସୋମବାର ଅର୍ଥାତ୍ ୨ ତାରିଖରେ ଏସମ୍ପର୍କରେ ସୂଚନା ଦେଇଛି। ହତ୍ୟାକାଣ୍ଡର ଭିଡିଓ ରେକର୍ଡେଡ୍ ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି। ବେକେରୀ ମଧ୍ୟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ପୁଲିସ୍ ଜବତ କରିଥିବା ବେଳେ ଏହାକୁ ପ୍ରମାଣ ଭାବେ ଗ୍ରହଣ କରି ତଦନ୍ତ ଜାରି ରଖିଛି।

ସିସିଟିଭି ଫୁଟେଜ୍‌ରେ ଦେଖାଯାଇଛି ଯେ ଚିନ୍ନପ୍ପା ହୁସେନପ୍ପା ନରିନାଲ ନାମକ ଜଣେ ୩୫ ବର୍ଷୀୟ ବ୍ୟକ୍ତି ନିଜକୁ ବଞ୍ଚାଇବା ପାଇଁ ଚିତ୍କାର କରି କରି ବେକେରୀ ଭିତରକୁ ପଶିଆସିଥିଲେ। ତାଙ୍କ ପଛେ ପଛେ ଖଣ୍ଡା, ଛୁରୀ ଆଦି ଧରିଥିବା ୭ଜଣ ମଧ୍ୟ ବେକେରୀ ଭିତରକୁ ଚାଲିଆସିଥିଲେ। ବେକେରୀ ମଧ୍ୟରେ କେହି କିଛି ବୁଝିବା ପୂର୍ବରୁ ଆକ୍ରମଣକାରୀମାନେ ନରିନାଲ୍‌ଙ୍କୁ ଖଣ୍ଡାରେ ହାଣି ଚାଲିଥିଲେ। ଏହି ସମୟ ମଧ୍ୟରେ ଅନ୍ୟତମ ଅଭିଯୁକ୍ତ ନରିନାଲ୍‌ଙ୍କ ମୁଣ୍ଡକୁ ଏକ କାଠ ଫାଳିଆ ଦ୍ୱାରା ଶକ୍ତ ଆଘାତ କରିଥିଲା। ଏତିକିରେ ସେମାନଙ୍କ ମନ ବୁଝିନଥିଲା। ନରିନାଲ୍ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୋକାନ ବାହାରକୁ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ଘେରିଯାଇ ବାରମ୍ବାର ଛୁରୀ ଭୁଶିଥିଲେ। ନରିନାଲ୍ ଘଟଣାସ୍ଥଳରେ ଟଳି ପଡ଼ିବା ପରେ ଅଭିଯୁକ୍ତମାନେ ତୁରନ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ମାମଲାରେ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ରବି, ପ୍ରଦୀପ, ଦୁଇ ମଞ୍ଜୁନାଥ, ନାଗରାଜ, ଗୌତମ ଏବଂ ପ୍ରମୋଦ ବୋଲି ଚିହ୍ନଟ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ପୁରୁଣା ଶତ୍ରୁତା ଏବଂ ସମ୍ପତ୍ତି ବିବାଦ ହତ୍ୟାକାଣ୍ଡର କାରଣ ଥିଲା। ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ପରିଦର୍ଶନ କରି ପରିସ୍ଥିତିର ମୂଲ୍ୟାଙ୍କନ କରିଛନ୍ତି, ଏବଂ ଏହି ଭୟଙ୍କର ଘଟଣାରେ ଜଡ଼ିତ ଅଧିକ ଲୋକଙ୍କୁ ଗିରଫ କରିବା ପାଇଁ ଏକ ଅନୁସନ୍ଧାନ ଆରମ୍ଭ ହୋଇଛି।

ନିତିଦିନ NITIDIN



ଏମ୍‌କେସିଜିରେ ର୍‍ୟାଗିଂ

# ଦୁଇ ହାଉସ୍ ସର୍ଜନଙ୍କୁ ଜରିମାନା

**ବ୍ରହ୍ମପୁର,୨।୬/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ପୁଣି ର୍‍ୟାଗିଂ ଅଭିଯୋଗ ସାମ୍ନାକୁ ଆସିଛି। ଚତୁର୍ଥ ବର୍ଷ ଏମ୍‌ବିବିଏସ୍ ଛାତ୍ରଙ୍କୁ ଦୁଇ ହାଉସ୍ ସର୍ଜନ ର୍‍ୟାଗିଂ କରିଥିବା ନେଇ ଅଭିଯୋଗ ହୋଇଛି। ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଏହି ଘଟଣା ଆସିବା ପରେ ଦୁଇ ହାଉସ୍ ସର୍ଜନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଆଣ୍ଟି ର୍‍ୟାଗିଂ ସେଲରୁ ଅଭିଯୋଗ ଆସିବା ପରେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଆଜି ଅପରାହ୍ଣରେ ମେଡିକାଲ ପରିସରରେ ଏକ ଜରୁରୀ ବୈଠକ ଡାକିଥିଲେ। ବୈଠକରେ କମିଟି ସଦସ୍ୟ ଯୋଗଦେଇ ବିଚାରବିମର୍ଷ କରିବା ସହିତ ର୍‍ୟାଗିଂ କରିଥିବା ଦୁଇ ହାଉସ ସର୍ଜନଙ୍କୁ ଆର୍ଥିକ ଦଣ୍ଡାଦେଶ ଦେଇଛନ୍ତି। ର୍‍ୟାଗିଂ କରିଥିବା ହାଉସ୍ ସର୍ଜନଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ଆଣ୍ଟି ର୍‍ୟାଗିଂ କମିଟିର ବୈଠକରେ ନିଷ୍ପତ୍ତି ହୋଇଥିବା ଅଧକ୍ଷା ପ୍ରଫେସର ଡାକ୍ତର ସୁଚିତ୍ରା ଦାସ ସୂଚନା ଦେଇଛନ୍ତି। ଗତ ମେ ମାସ ୧୨ ତାରିଖରେ ଜଣେ ଏମବିବିଏସ୍ ଚତୁର୍ଥ ବର୍ଷର ଛାତ୍ରଙ୍କୁ ର୍‍ୟାଗିଂ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷ ତଥା ଡିନଙ୍କୁ ଦୁଇ ଜଣ ର୍‍ୟାଗିଂ କରିଥିବା ନେଇ ଲିଖିତ ଅଭିଯୋଗ ହୋଇଥିଲା। ଆଣ୍ଟି ର୍‍ୟାଗିଂ କମିଟିରେ ଅଭିଯୋଗ ହେବା ପରେ ଆଜି ଏମକେସିଜି ମେଡିକାଲରେ ଅନୁଷ୍ଠିତ ବୈଠକରେ ଦୁଇ ହାଉସସର୍ଜନଙ୍କୁ ଜରିମାନା କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଦୁଇ ଯୁବକ ମୃତ

**ସୁନ୍ଦରଗଡ଼,୨।୬/ଏନ୍‌ଏନ୍‌ଏସ୍:** ସୁନ୍ଦରଗଡ଼ ଜିଲ୍ଲାର ତଳସରା ଥାନା ଅନ୍ତର୍ଗତ ଛତିଶଗଡ଼ ରାଜ୍ୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବାଲିଶଙ୍କରା ୨୩ ମାଇଲ ଠାରେ ରବିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଦୁଇ ମୃତକ ହେଲେ ମାଳିଡିହି ଗ୍ରାମର ଅବିନାଶ ପ୍ରଧାନ ଓ ବିରଞ୍ଚି ପ୍ରଧାନ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ତଳସରା ଥାନାକୁ ଖବର ଦେଇଥିଲେ। ଖବର ପାଇ ତଳସରା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ କେନ୍ଦ୍ରମନ୍ତ୍ରୀ

# କୃଷିଜାତ ସାମଗ୍ରୀର ଉତ୍ପାଦନ ବଢ଼ାଇବା ଆମର ଉଦ୍ଦେଶ୍ୟ: ଧର୍ମେନ୍ଦ୍ର

**ରେଙ୍ଗାଲି,ସମ୍ବଲପୁର,୨।୬/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲାରେ ଚାଷୀଙ୍କ ଆୟକୁ ବଢ଼ାଇବା ସହ ସବୁ ପ୍ରକାର ଚାଷର ଉତ୍ପାଦନ ବଢ଼ାଇବା ଆମର ମୂଳ ଉଦ୍ଦେଶ୍ୟ ବୋଲି

### 'କୃଷି ରଥ'ର ଶୁଭାରମ୍ଭ ସହ ଚାଷୀଙ୍କୁ ସଏଲ୍ ହେଲଥ୍ କାର୍ଡ ବିତରଣ

ସୋମବାର ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହାଛଡ଼ା ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହ ଚାଷ ଉତ୍ପାଦର ଉତ୍ପାଦନ ବଢ଼ାଇବା ଏବଂ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ଓଡ଼ିଶା ସମେତ ସାରା ଦେଶରେ "ବିକଶିତ କୃଷି ସଂକଳ୍ପ ଅଭିଯାନ" ଆରମ୍ଭ କରିଛନ୍ତି, ଯାହା ସାଧୁ ଉଦ୍ୟମ। ଏହି ବିକଶିତ କୃଷି ସଂକଳ୍ପ



ଅଭିଯାନରେ ଦେଶର ୭୦୦ ଜିଲ୍ଲାରେ ୨୦୦୦ରୁ ଅଧିକ ବୈଜ୍ଞାନିକ ଦଳ ଗାଁ ଗାଁକୁ ଯାଇ ୧.୫ କୋଟିରୁ ଅଧିକ ଚାଷୀ ଭାଇଭଉଣୀମାନଙ୍କ ସହ ସିଧାସଳଖ କଥା ହେବେ। ଚାଷୀମାନଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯିବ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଓଡ଼ିଶାରେ ମଧ୍ୟ କୃଷି ପରାମର୍ଶ ଓ ସୂଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ଅନ୍ନଦାତାଙ୍କ ହାତମୁଠାକୁ ମଜଭୁତ୍ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର। ସମ୍ବଲପୁରରେ ଚାଷ କ୍ଷେତ୍ରରେ ଅନେକ ସମ୍ଭାବନା ଅଛି । ଏଠାରେ ଉତ୍ପାଦିତ ଆମ୍ବ ବାହାର ଦେଶକୁ ରପ୍ତାନୀ ହେଉଛି। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷାଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଶୀତଳ ଭଣ୍ଡାର ପ୍ରତିଷ୍ଠା ସହ କୃଷି ବ୍ୟବସାୟକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ୟମ ହେବ। ବିଶେଷ ଭାବରେ ଆଳୁ ଓ ଡାଲି ଉପରେ ଆମେ ନିର୍ଭରଶୀଳ ଥିବା ବେଳେ ଏହି ଚାଷ କିପରି ସମ୍ବଲପୁରରେ ଅଧିକ ଉତ୍ପାଦନ କରାଯିବ, ସେ ଦିଗରେ ଯୋଜନା ହେବ। ଗାଁ ଗାଁ ବୁଲି ଚାଷୀମାନଙ୍କ ମଧ୍ୟରେ ପନିପରିବା ଓ ଅନ୍ୟାନ୍ୟ ଫଳ ଉତ୍ପାଦନ ପାଇଁ ସଚେତନତା ସୃଷ୍ଟି କରାଯିବ।ସମ୍ବଲପୁରରେ ଉତ୍ପାଦିତ ହେଉଥବା ଫଳ ଓ ପନିପରିବାକୁ ବିଦେଶୀ ବଜାରରେ ପହଞ୍ଚାଇବା ପାଇଁ ପ୍ରଚେଷ୍ଟା ହେବ। 'ନଗର ବନ ଯୋଜନା'ରେ ସମ୍ବଲପୁରର ପରିବେଶକୁ ସୁରକ୍ଷା ଦେବା ପାଇଁ ସାମୂହିକ ଉଦ୍ୟମ ହେବ। ଏଥିପାଇଁ ବୃକ୍ଷରୋପଣ କରିବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏକ 'କୃଷି ରଥ'ର ଶୁଭାରମ୍ଭ କରିବା ସହ ଚାଷୀମାନଙ୍କୁ ସଏଲ୍ ହେଲଥ୍ କାର୍ଡ ବିତରଣ କରିଥିଲେ।

# ଭିଏତନାମ୍‌ରେ ମାଇ ସନ୍ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨।୬/ଏନ୍‌ଏନ୍‌ଏସ୍:** ଭାରତରୁ ଭିଏତନାମ ନିଆଯାଇଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଆଣିବା ପାଇଁ ଏବେ ଭିଏତନାମରେ ଥିବା ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ରବିବାର କ୍ୱାଙ୍ଗ୍ ନାମ୍ ପ୍ରଦେଶର ପ୍ରସିଦ୍ଧ ମାଇ ସନ୍ ମନ୍ଦିର ପରିସର ପରିଦର୍ଶନ କରିଥିଲେ। ଏହି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ସହାୟତାରେ ପୁନରୁଦ୍ଧାର କରାଯାଉଥିବା ବେଳେ ରାଜ୍ୟପାଳଙ୍କ ପରିଦର୍ଶନ ଗୁରୁତ୍ୱ ବହନ କରୁଛି।

ମାଇ ସନ୍ ଭିଏତନାମର ସବୁଠାରୁ ମହତ୍ୱପୂର୍ଣ୍ଣ ସାଂସ୍କୃତିକ ସ୍ଥଳ ମଧ୍ୟରୁ ଅନ୍ୟତମ ଏବଂ ଏହାର କେତେକ ହିନ୍ଦୁ ମନ୍ଦିର ଚତୁର୍ଥ ଶତାବ୍ଦୀର। ଏହି ପୁରୁଣା ମନ୍ଦିରଗୁଡ଼ିକ ଚମ୍ପା ରାଜ୍ୟ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଦକ୍ଷିଣ ପୂର୍ବ ଏସିଆର ସହଭାଗୀ ସାଂସ୍କୃତିକ ଅତୀତର



ପ୍ରମୁଖ ପ୍ରତୀକ ଭାବେ ଦେଖାଯାଏ।

ରାଜ୍ୟପାଳ ଏହି ପରିଦର୍ଶନ ସମୟରେ ଭାରତର ସହାୟତାରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ ଏବଂ ସଂପୃକ୍ତ ଅଧିକାରୀମାନେ ଏହି ସ୍ଥାନର ପ୍ରାଚୀନ ଢାଞ୍ଚାକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ସ୍ୱତନ୍ତ୍ର କୌଶଳ ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସେଠାରେ ମନ୍ଦିର ପରିସର ଏକ ମନୋରମ ଉପତ୍ୟକାରେ ଅବସ୍ଥିତ, ଯାହା ସୁନ୍ଦର ପର୍ବତମାଳା ଓ ପ୍ରବାହମାନ ଝରଣା ଦ୍ୱାରା ଘେରିହୋଇ ରହିଛି। ଏହା ସପ୍ତମରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଚମ୍ପା ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ରଭାବରେ ବିଦିତ ଥିଲା। ବର୍ତ୍ତମାନ ପ୍ରାୟ ୭୦ଟି ମନ୍ଦିରର ସ୍ଥିତି ମାଇ ସନ୍ ଠାରେ ରହିଛି। ମନ୍ଦିରଗୁଡ଼ିକର ଅନନ୍ୟ ନିର୍ମାଣ ଶୈଳୀ ଖୋଲ ରେଖାକୁ ଲୁଚାଇ ରଖିଛି ଏବଂ ମନ୍ଦିରଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ଦୃଢ଼ ରହି ଐତିହାସିକ ଏବଂ ସ୍ଥପତିମାନଙ୍କର ଆକର୍ଷଣ ସାଜିଛି। ଏହି ସ୍ଥାନଟି ଚମ୍ପା ରାଜ୍ୟ ଏବଂ ଭାରତ ଓ ଚୀନ ଭଳି ମହାନ ସଭ୍ୟତା ମଧ୍ୟରେ ସାଂସ୍କୃତିକ ସଂପର୍କକୁ ଦର୍ଶାଉଛି। ଓଡିଶାର ରାଜ୍ୟପାଳଙ୍କ ଏହି ଗସ୍ତ ଭାରତ ଏବଂ ଭିଏତନାମ ମଧ୍ୟରେ ଘନିଷ୍ଠ ସାଂସ୍କୃତିକ ଏବଂ ସହଭାଗୀ ଐତିହ୍ୟକୁ ସୁରକ୍ଷା ଦେବାରେ ଭାରତର ଭୂମିକାକୁ ସୂଚାଉଛି।

ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ କର୍ମଶାଳା

# 'ଗରିବ କଲ୍ୟାଣକୁ ଆଧାର କରି ବିଜେପି ଲୋକଙ୍କ ପାଖକୁ ଯିବ'

**ଭୁବନେଶ୍ୱର,୨।୬/ଏନ୍‌ଏନ୍‌ଏସ୍:** ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ଅନେକ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରାଯାଇଛି। ସେହିପରି ଓଡିଶାରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ଏକାକୀ ସରକାର ଗଠନ କରିଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ପରେ ରାଜ୍ୟବାସୀ ଅନେକ ସୁଫଳ ପାଉଛନ୍ତି। ରାଜ୍ୟରେ କେନ୍ଦ୍ରୀୟ ଯୋଜନାର ସଫଳ ରୁପାୟନ କରାଯାଉଛି। ସଂକଳ୍ପପତ୍ରର ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରାଯାଉଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱ ବିଜେପି ସରକାର ଗତ ୧ ବର୍ଷ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାଗୁଡିକୁ ଯେଉଁ ଭଳି ସଫଳତାର ସହ ଆଗକୁ ନେଉଛନ୍ତି, ସେ ବିଷୟରେ ଓଡିଶାବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। କେନ୍ଦ୍ରରେ ମୋଦୀ ସରକାରଙ୍କ ୧୧ବର୍ଷ ଓ ରାଜ୍ୟରେ ବିଜେପି ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ଆଧାର କରି ବିଜେପି ଜନସାଧାରଣଙ୍କ



ପାଖକୁ ଯିବ। ଆଜିର "ସଶକ୍ତ ଭାରତ, ସୁରକ୍ଷିତ ଭାରତ" ସମ୍ପର୍କିତ ବାର୍ତ୍ତା କାର୍ଯ୍ୟକର୍ତ୍ତାମାନେ ଲୋକଙ୍କ ପାଖରେ ପହଞ୍ଚାଇବେ। ବିଶେଷ କରି 'ଆୟୁଷ୍ମାନ ବୟୋବନ୍ଦନ ଯୋଜନା'ରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତି ଯେପରି ସାମିଲ ହେବେ ସେନେଇ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଏଥି ସହ ଗତ ୧ ବର୍ଷରେ ରାଜ୍ୟରେ ବିଜେପି ସରକାର ସମସ୍ତ ପ୍ରତିଶ୍ରୁତିକୁ ପ୍ରତିବଦ୍ଧତା ସହ ପାଳନ କରିଆସୁଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ସଫଳତାର ବାର୍ତ୍ତା କାର୍ଯ୍ୟକର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବେ। ଏନେଇ ଜୁନ୍ ୯ରୁ ରାଜ୍ୟବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ସରକାର ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜକ ସମୀର ମହାନ୍ତି କହିଛନ୍ତି।

ଏହି ଅବସରରେ ଆଜି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସାଂସଦ ବଳଭଦ୍ର ମାଝୀ ପ୍ରମୁଖ ଉପସ୍ଥିତ ରହି ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।

କଂଗ୍ରେସର ଦାବି

# ସମସ୍ତ ଅର୍ଦ୍ଧ ନ୍ୟାୟିକ ପଦବୀ ପୂରଣ କରାଯାଉ



### ଖାଲି ପଡ଼ିଛି ୩ ଗୁରୁତ୍ୱପୂର୍ଣ୍ଣ ପଦବୀ

### ମାସକ ଭିତରେ ପୂରଣ ନହେଲେ ଅନ୍ଦୋଳନ

ବରାଜ୍ୟରେ ବଢ଼ି ଚାଲିଛି ନାରୀ ନିର୍ଯାତନା। ଏନ୍‌ସିଆରବି ମଧ୍ୟ ନାରୀ ନିର୍ଯାତନା ବଢ଼ିବା ନେଇ ତାଗିଦ୍ କରିଛନ୍ତି। ହେଲେ ରାଜ୍ୟରେ ମହିଳା କମିଶନ ନାହାନ୍ତି। ନାରୀ ହିଂସା ନେଇ ବିଜେଡିକୁ ଘେରୁଥିବା ବିଜେପି ମହିଳା କମିଶନ ନିଯୁକ୍ତି କରୁନି। କମିଶନର କୌଣସି ସଦସ୍ୟ ମଧ୍ୟ ନାହାନ୍ତି। ରାଜ୍ୟ ସରକାର ଏକଛତ୍ରବାଦ ଶାସନ ଚଳାଇଛନ୍ତି। ସେହିପରି ରାଜ୍ୟରେ ଶିଶୁ ନିଖୋଜ ସଂଖ୍ୟା ବଢ଼ି ଚାଲିଛି। ତଥାପି ଗତ ମାର୍ଚ୍ଚରୁ ଶିଶୁ ସୁରକ୍ଷା ଆୟୋଗ ପଦବୀ ଖାଲି ପଡ଼ିଛି। ଲୋକାଯୁକ୍ତ ବି ନିଯୁକ୍ତି ହେଉନି। ଲୋକଙ୍କ ସରକାର କହୁଥିବା ଏ ରାଜ୍ୟ ସରକାର ରାଜ୍ୟରେ ଅର୍ଦ୍ଧ ନ୍ୟାୟିକ ବ୍ୟବସ୍ଥାକୁ ପଙ୍ଗୁ କରି ଦେଇଛନ୍ତି। ମାସେ ଭିତରେ ସମସ୍ତ ଅର୍ଦ୍ଧ ନ୍ୟାୟିକ ପଦବୀ ପୂରଣ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ସୋମବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ନିଶିକାନ୍ତ ମିଶ୍ର ଏହି ଦାବି କରିଛନ୍ତି। ସେହିପରି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସର ନାରୀ ନେତ୍ରୀ ତଥା ସୂଚନା ଅଧିକାର କର୍ମୀ ମନୀଷା ପଟ୍ଟନାୟକ ତୁରନ୍ତ ନିଯୁକ୍ତି ନହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ସଭାପତି ହିମାଂଶୁ ଲେଙ୍କା ଉପସ୍ଥିତ ରହି ରାଜ୍ୟରେ ଅର୍ଦ୍ଧ ନ୍ୟାୟିକ ବ୍ୟବସ୍ଥା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ।

## ୨ ହାତୀଦାନ୍ତ ଜବତ, ଅଭିଯୁକ୍ତ ଗିରଫ



**ବୌଦ୍ଧ,୨।୬/ଏନ୍‌ଏନ୍‌ଏସ୍:** ବୌଦ୍ଧରୁ ୨ଟି ହାତୀଦାନ୍ତ ଜବତ କରିଛି ଏସ୍‌ଟିଏଫ୍। ଏହି ଘଟଣାରେ ଜଣେ ଶିକାରୀକୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ହେଉଛି ୪୫ ବର୍ଷୀୟ ପ୍ରମୋଦ ପରିଡ଼ା।

ପ୍ରମୋଦ ୨ଟି ହାତୀ ଦାନ୍ତ ରଖିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଏସଟିଏଫ ପକ୍ଷରୁ ବୌଦ୍ଧ ବନ ବିଭାଗ ଅଧିକାରୀଙ୍କ ସହାୟତାରେ ବୌଦ୍ଧ-ସୋନପୁର ଜାତୀୟ ରାଜପଥର ତେଲିବନ୍ଧ ଛକରେ ଚଢ଼ଉ କରାଯାଇଥିଲା। ପ୍ରମୋଦଠାରୁ ୨ଟି ହାତୀ ଦାନ୍ତ ଜବତ ହୋଇଥିବା ନେଇ ଏସଟିଏଫ ପକ୍ଷରୁ ସୂଚନା ଦିଆଯାଇଛି।

ରାଜଭବନରେ ଗୋଆ ଓ ତେଲେଙ୍ଗାନାର ପ୍ରତିଷ୍ଠା ଦିବସ

# 'ଏକ ଭାରତ-ଶ୍ରେଷ୍ଠ ଭାରତ'ର ଭାବନାକୁ କରୁଛି ମଜଭୁତ୍

**ଭୁବନେଶ୍ୱର,୨।୬/ଏନ୍‌ଏନ୍‌ଏସ୍:** ରାଜଭବନରେ ଗୋଆ ଓ ତେଲେଙ୍ଗାନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍‌ପାଟିଙ୍କ ଉପସ୍ଥିତିରେ ସୋମବାର ଅହରାହ୍ନରେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା। ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ସରକାରୀ କାର୍ଯ୍ୟରେ ଭିଏତନାମ୍ ଗସ୍ତରେ ଥିବାରୁ ରାଜ୍ୟପାଳଙ୍କ ଶୁଭେଚ୍ଛା ବାର୍ତ୍ତା ଗୋଆ ଏବଂ ତେଲେଙ୍ଗାନର ଅଧିବାସୀମାନଙ୍କୁ ଅବଗତ କରାଯାଇଥିଲା। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ କହିଥିଲେ ଯେ, ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ - ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରୁଛି। ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ବିଭିନ୍ନ ସଂସ୍କୃତି, ପରମ୍ପରା ଏବଂ ଆକାଂକ୍ଷାକୁ ଏକ





ସହଭାଗୀ ଜାତୀୟ ପରିଚୟରେ ଏକତ୍ର କରିଥାଏ। ଗୋଆ ଏବଂ ତେଲେଙ୍ଗାନା ଉଭୟ ଆମ ମହାନ ରାଷ୍ଟ୍ରର ଅବିନାଶୀ ସ୍ତମ୍ଭ, ଯାହାର ସ୍ୱତନ୍ତ୍ର ଭାଷା, ସଂସ୍କୃତି, ପ୍ରଥା, ପରଂପରା ଏବଂ ଐତିହ୍ୟ ରହିଛି। ଗୋଆ ଏବଂ ତେଲେଙ୍ଗାନାର ଅନେକ ମୂଳବାସିନ୍ଦା ଓଡିଶାକୁ ନିଜର ଦ୍ୱିତୀୟ ଘର ଭାବେ ମନେକରନ୍ତି। ଗୋଆ ଓ ତେଲେଙ୍ଗାନାର ଅନେକ ଛାତ୍ରଛାତ୍ରୀ ଓଡିଶାରେ ଶିକ୍ଷା ଗ୍ରହଣ କରି କ୍ୟାରିଅର ନିର୍ମାଣ କରୁଛନ୍ତି ଏବଂ ବୃତ୍ତିଧାରୀ ବୃତ୍ତିଗ୍ରହଣ କରି ଓଡିଶାର ବୌଦ୍ଧିକ ଓ ସାଂସ୍କୃତିକ ସମୃଦ୍ଧିରେ ଯୋଗଦାନ ଦେଉଛନ୍ତି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ରାଜପୁତ କହିବା ସହିତ ବିବିଧତା ମଧ୍ୟରେ ଏକତାର ବନ୍ଧନକୁ ସୁଦୃଢ଼ କରିବା ଏବଂ ଆମର ସହଭାଗୀ ଐତିହ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇବାକୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଆର ରାଜ୍ୟପାଳ ପି.ଏସ୍ ଶ୍ରୀଧରନ୍ ପିଲାଇ ଏବଂ ତେଲାଙ୍ଗାନାର ରାଜ୍ୟପାଳ ଜୀଷ୍ଣୁ ଦେବ ବର୍ମାଙ୍କ ଶୁଭେଚ୍ଛା ବାର୍ତ୍ତା ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଗୋଆ ଓ ତେଲେଙ୍ଗାନାର ଅଧିବାସୀ ନିଜ ନିଜ ରାଜ୍ୟର ସାଂସ୍କୃତିକ ଐତିହ୍ୟ ଓ ମହାନତା ବର୍ଣ୍ଣନା କରିବା ସହ ଓଡିଶା ସହିତ ନିଜ ରାଜ୍ୟର ସୁସଂପର୍କ ବିଷୟରେ ଅବତାରଣା କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା

**ଭୁବନେଶ୍ୱର,୨।୬/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମ୍ମିଳନୀ କକ୍ଷରେ ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗର ବିଭିନ୍ନ ଯୋଜନାଗୁଡିକ ବିଷୟରେ ସବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗୀୟ ସମସ୍ତ ଅଧିକାରୀ, ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଦିଗଦର୍ଶନ ଦେଇ "ବିକଶିତ ଗାଁ ବିକଶିତ ଓଡ଼ିଶା" କାର୍ଯ୍ୟକ୍ରମ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିପାରିବ ବୋଲି ମତପ୍ରକାଶ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା ବୈଠକ ମଧ୍ୟରେ 'ବିକଶିତ ଗାଁ ବିକଶିତ ଓଡ଼ିଶା,' 'ଅନ୍ତ୍ୟୋଦୟ ଗୃହ ଯୋଜନା,' 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), 'ଏମଜିଏନଆରଇଜିଏସ' ଓ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଉପରେ ବିଶେଷ ଅଲୋଚନା ହୋଇଥିଲା। ବୈଠକରେ ମନ୍ତ୍ରୀ ଏହି ଯୋଜନାଗୁଡ଼ିକର ଅଗ୍ରଗତି ବିଷୟରେ ସୂଚିତ ହୋଇ ଆବଶ୍ୟକୀୟ ଦିଗଦର୍ଶନ ଦେଇଛନ୍ତି। "ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା"ରେ ପ୍ରତି ଗାଁ, ପଞ୍ଚାୟତ, ବ୍ଲକରେ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ପାଇଁ ଗାଁକୁ ଭଲ ରାସ୍ତା, ଗାଁ ପୋଖରୀର ପୁନରୁଦ୍ଧାର, ପୋଖରୀ ତୁଠର ନବୀକରଣ, ଭାଗବତ ଟୁଙ୍ଗୀ, ବିଦ୍ୟାଳୟ ସମ୍ପ୍ରସାରଣ, ପ୍ରତି ବ୍ଲକରେ ପାଠାଗାର, ଛୋଟ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ, ପିଲାଙ୍କ ଖେଳକୁଦ ପାଇଁ ଭିତ୍ତିଭୂମି ପ୍ରସ୍ତୁତି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍ ବିଭାଗର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ମାନ୍ୟବର ମନ୍ତ୍ରୀଙ୍କୁ ସୂଚିତ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂ ରାଠୋଡ଼, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ଼ ମହେଶ୍ୱର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀଗଣ ମନ୍ତ୍ରୀଙ୍କୁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚିତ କରିଥଲେ। ଆଭାଷୀ ମାଧ୍ୟମ ଦ୍ୱାରା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

# ଏଫ୍ଏଫ୍ସି ପକ୍ଷରୁ ‘ବିଶ୍ୱ ତମାଖୁ ବର୍ଜନ ଦିବସ’



**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ୱାର୍କର୍ସ୍ ଇଣ୍ଟରନ୍ୟାସ୍‌ନାଲ୍ ସହ ଅନୁବନ୍ଧିତ ଫଳ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ, ଭୁବନେଶ୍ୱର ଚଳିତ ବର୍ଷ ‘ବିଶ୍ୱ ତମାଖୁ ବର୍ଜନ ଦିବସ’ ୱାକରସ୍ ଇଣ୍ଟରନେସନାଲ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତିଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ତଥା ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଶଶିକାନ୍ତ ମିଶ୍ର ଯୋଗଦେଇ ବିଶ୍ୱରେ ତମାଖୁ ସେବନ ଯୋଗୁଁ ୮ ମିଲିଅନ୍‌ରୁ ଊର୍ଦ୍ଧ୍ୱ ଲୋକ କ୍ୟାନସର୍ ଆଦି ଭୟଙ୍କର ରୋଗରେ ଚିକିତ୍ସିତ ହୋଇ ପ୍ରତ୍ୟେକ ବର୍ଷ ମୃତ୍ୟୁବରଣ କରୁଛନ୍ତି । ତମାଖୁସେବନ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରି ମଣିଷକୁ ଧୀରେ ଧୀରେ ଗ୍ରାସ କରିବାକୁ ଯାଉଛି । ଏହାର ଏକମାତ୍ର ଉପାୟ ହେଉଛି ତମାଖୁ ଓ ନିଶାଦ୍ରବ୍ୟ ବର୍ଜନ ପାଇଁ ସମାଜରେ ବ୍ୟାପକ ଜନସଚେତନତା ଓ ଜୀବନ ଶୈଳୀରେ ପରିବର୍ତ୍ତନ । ଧୂମପାନ ଓ ନିଶା ପାନୀୟ ସେବନର ବର୍ଜନ ତମାଖୁ ଜନିତ ଦ୍ରବ୍ୟ ଉତ୍ପାଦନ ଓ ବିକ୍ରିର ଅପକୌଶଳକୁ ବର୍ଜନ କରିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚଳିତ ବର୍ଷର ଲକ୍ଷ୍ୟ, ଯାହାକୁ ପାଳନ ପାଇଁ ସମସ୍ତେ ବଜ୍ର ଶପଥ ନେବା ଉଚିତ୍ ବୋଲି ସମୁହ ମତ ପ୍ରକାଶ ପାଇଛି । ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ୱାକରସ୍ ଇଣ୍ଟରନ୍ୟାସନାଲ୍ ଜୋନ୍ ଚେୟାରପର୍ସନ କେଦାର ପଟ୍ଟନାୟକ, ଏଫ୍ଏଫ୍ସିର ସଭାପତି ଆଶିଷ ପଟ୍ଟନାୟକ, ଭବାନୀ ପଟ୍ଟନାୟକ, ଭାଇସ୍ ପ୍ରେସିଡେଣ୍ଟ୍ ପ୍ରଦୀପ ପଣ୍ଡା, ଜଲି ୱାକର ସୁରେନ୍ଦ୍ର ନାଥ ସେଠୀ, ବୈଷ୍ଣବ ଓଝା, ସିଦ୍ଧାର୍ଥ ଚୌଧୁରୀ, ବାବୁରାମ ସେଠୀ, ସତ୍ୟବ୍ରତ କାଳିଆ, ଡଃ ରଙ୍ଗାଧର ସାହୁ, ପ୍ରଫୁଲ୍ଲ ଲେଙ୍କା, ସହ-ସମ୍ପାଦକ ସୌଭାଗ୍ୟ ନାୟକ, ମୁନିରାମ ମୁଣ୍ଡାରୀ, ଇଂ ସଚ୍ଚିଦାନନ୍ଦ ବେହେରା, ଇଂ ସୁକୁମାର ପରିଡ଼ା, ଅରବିନ୍ଦ ମହାପାତ୍ର, ସୁମିତ୍ରା ବେହେରା, ପ୍ରତାପ ରାଉତରାୟ, ପ୍ରଦୀପ ମହାନ୍ତି, କ୍ରିଷ୍ଣା ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ପାଳନ ହୋଇଛି ବୋଲି ଏଫ୍ଏଫ୍ସିର ସମ୍ପାଦକ ସୁଧାକର ଷଡ଼ଙ୍ଗୀ ଜଣାଇଛନ୍ତି ।

### ଇଡିଆଇଆଇର ୨୪ତମ ସମାବର୍ତ୍ତନ ଉତ୍ସବ

# ୭୪ ଜଣଙ୍କୁ ପ୍ରମାଣପତ୍ର

**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଇଡିଆଇଆଇର ୨୪ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡକ୍ଟର ବିଜୟ କୁମାର ସାରସ୍ୱତ ଯୋଗ ଦେଇଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ରାକେଶ ଶର୍ମା, ଡକ୍ଟର ସୁନିଲ ଶୁକ୍ଳା, ରାଜେଶ ଆର୍. ଗାନ୍ଧୀ, ରାହୁଲ ଭାଭେ ଓ ପୂର୍ଣ୍ଣିମା ଭାର୍ଗବ ଉପସ୍ଥିତ ରହିଥିଲେ ।

ଏହି ଉତ୍ସବରେ ୭୪ ଜଣ ଗ୍ରାଜୁଏଟ୍‌ଙ୍କୁ ବିଭିନ୍ନ ଆକାଡେମିକ୍ ପ୍ରୋଗ୍ରାମରେ ଡିପ୍ଲୋମା ଏବଂ ଗ୍ରାଜୁଏଟ୍ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା, ଯେଉଁଥିରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ, ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ ଏବଂ ଫେଲୋ ପ୍ରୋଗ୍ରାମ ଇନ୍ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀ ରହିଥିଲେ । ସେମାନଙ୍କ ମଧ୍ୟରୁ ୬୪ ଜଣ ଛାତ୍ର ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ - ଇନୋଭେସନ୍ ଏଣ୍ଟରପ୍ରିନିୟୋରସିପ୍ ଏବଂ ଭେଞ୍ଚର୍ ଡେଭଲପ୍‌ମେଣ୍ଟ୍, ୮ ଜଣ ଛାତ୍ର ଫେଲୋ ପ୍ରୋଗ୍ରାମ ଇନ୍ ମ୍ୟାନେଜମେଣ୍ଟ ରହିଥିଲେ । ଡକ୍ଟର ଭି. କେ. ସାରସ୍ୱତ ତାଙ୍କ ବକ୍ତବ୍ୟରେ ଭାରତର ବିକଶିତ ଏବଂ ବୃଦ୍ଧି ପାଉଥିବା ଉଦ୍ୟୋଗୀ ଦୃଶ୍ୟପଟ୍ଟ ଏବଂ ସେମାନଙ୍କର ପ୍ରତ୍ୟେକ ଅବଦାନ କିପରି ଦେଶ ନିର୍ମାଣରେ ଯୋଗଦାନ କରିବ ସେ ବିଷୟରେ କହିଥିଲେ । ଶେଷରେ ଡକ୍ଟର ସୁନିଲ ଶୁକ୍ଳା ଧନ୍ୟବାଦ ଦେଇଥିଲେ ।

# ସୋସିଆଲ୍ ଇନୋଭେସନ୍ ଆୱାର୍ଡସ୍‌ର ଚତୁର୍ଥ ସଂସ୍କରଣ

**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ଇନ୍‌ଫୋସିସ୍‌ର ଜନହିତକାରୀ ଓ ସିଏସ୍‌ଆର ଶାଖା ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଏହାର ଆରୋହଣ ସୋସିଆଲ୍ ଇନୋଭେସନ୍ ଆୱାର୍ଡସ୍‌ର ୪ର୍ଥ ସଂସ୍କରଣର ଶୁଭାରମ୍ଭ ଘୋଷଣା କରାଯାଇଛି । ସାମାଜିକ ଉଦ୍ୟୋଗୀମାନଙ୍କୁ ଏହି ଆୱାର୍ଡରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରିଛି । ବ୍ୟକ୍ତି ବିଶେଷ, ଟିମ୍, ଏନ୍‌ଜିଓ ଓ ସାମାଜିକ ଉଦ୍ୟୋଗଗୁଡ଼ିକୁ ସ୍ୱୀକୃତି ଓ ପୁରସ୍କୃତ କରିବାକୁ ଲକ୍ଷ୍ୟ ରଖିଛି । ଇନ୍‌ଫୋସିସ୍ ଫାଉଣ୍ଡେସନ୍ ମୋଟ ୨ କୋଟି ଟଙ୍କାର ପୁରସ୍କାର ରାଶି ସହିତ ପ୍ରତ୍ୟେକ ବିଜେତାଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରିବ ବୋଲି ଟ୍ରଷ୍ଟି ସୁମିତ ବିରମାନି କହିଛନ୍ତି । ସେ କହିଛନ୍ତି ଯେ, ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନଗୁଡ଼ିକୁ ପରିଚାଳନା କରୁଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ଦିଆଯିବା ପାଇଁ ଲକ୍ଷ୍ୟ ରହିଛି । ତେବେ ଦାଖଲ ପ୍ରକ୍ରିୟା ଜୁନ ୧୫ ପର୍ଯ୍ୟନ୍ତ ଚାଲିବ । ଭାରତରେ ବାସ କରୁଥିବା ୧୮ ବର୍ଷ ଓ ତାହାଠାରୁ ଅଧିକ ବୟସର ସମସ୍ତ ଭାରତୀୟ ନାଗରିକ ଆବେଦନ ଦାଖଲ କରିପାରିବେ ବୋଲି ସେ କହିଛନ୍ତି ।

### ସମ୍ପୂର୍ଣ୍ଣ ଜଳ ଉତ୍ସର ଗଣନା ସମୀକ୍ଷା ବୈଠକ

# ଗୁଣବତ୍ତାପୂର୍ଣ୍ଣ ତଥ୍ୟ ସଂଗ୍ରହ ଉପରେ ଉନ୍ନୟନ କମିଶନରଙ୍କ ପରାମର୍ଶ

**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ଜଳଶକ୍ତି ବିଭାଗ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ମନ୍ତ୍ରାଳୟଙ୍କ ପରାମର୍ଶକ୍ରମେ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାରେ କେତେ ସଂଖ୍ୟକ ଜଳ ସମ୍ପଦ ତଥା ଜଳ ଉତ୍ସ ରହିଛି, ସେସବୁର ଗଣନା ଓ ବିସ୍ତୃତ ତଥ୍ୟ ସଂଗ୍ରହ ବା ଡାଟା ବେସ୍ ପ୍ରସ୍ତୁତି ନିମନ୍ତେ ଜାରି ରହିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଏକ ବୈଠକ ଆଜି ଅପରାହ୍ଣରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । କମ୍ପ୍ୟୁଟର-ସହାୟତାରେ ପ୍ରଶ୍ନୋତ୍ତର ଆଧାରିତ ଏକ ସର୍ବେକ୍ଷଣ ପ୍ରାସଙ୍ଗିକ ସାକ୍ଷାତକାର ପଦ୍ଧତି ଜରିଆରେ ଏବଂ ୱେବ୍ ଆଧାରିତ ପ୍ରୟୋଗରେ ଏହି ଗଣନା କାର୍ଯ୍ୟ ସମ୍ପାଦନ ପାଇଁ ବଡ଼ ପଦକ୍ଷେପ ନିଆଯାଇଛି । ପ୍ରଥମ ଥର କରି ବୃହତ୍, ମଧ୍ୟମ ଜଳ ସେଚନ ପ୍ରକଳ୍ପ ଏବଂ ଝରଣାକୁ ଗଣନାରେ ସାମିଲ କରାଯାଇଛି । ଏଥିରେ ୭ମ କ୍ଷୁଦ୍ର ଜଳସେଚନ ଗଣନା ହେବା ସଙ୍ଗେ ସଙ୍ଗେ ୨ୟ ଜଳାଶୟ ଗଣନା ଅନ୍ତର୍ଭୁକ୍ତ ରହିଛି ।

ଏହା ଦ୍ୱାରା ରାଜ୍ୟ ପାଇଁ ଗ୍ରାମ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ସମସ୍ତ ଜଳ ସମ୍ପଦର ଏକ ସମ୍ପୂର୍ଣ୍ଣ ଡେଟାବେସ୍ ପ୍ରସ୍ତୁତି ପାଇଁ ଏକ ଅନନ୍ୟ ସୁଯୋଗ ସୃଷ୍ଟି ହୋଇଛି । ପ୍ରଥମ ଥର କରି ଏହା ଜଳ ସମ୍ପଦ ବିଭାଗ ଏବଂ ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ଏକ ସମନ୍ୱିତ ଓ ସଂଯୋଜିତ ପ୍ରକ୍ରିୟାରେ କରାଯାଉଛି । ଏହା ତଥ୍ୟ ବ୍ୟବହାର କରୁଥିବା ଅଂଶୀଦାରୀ ବିଭାଗ ଏବଂ ତଥ୍ୟ ପ୍ରସ୍ତୁତି କରୁଥିବା ପରିସଂଖ୍ୟାନ ବିଭାଗର ଅଧିକାରୀ ତଥା କର୍ମଚାରୀମାନଙ୍କୁ ଏକାଠି କାର୍ଯ୍ୟକରି ଗୁଣାତ୍ମକ ତଥ୍ୟ ପ୍ରସ୍ତୁତ କରିବାର ଅନନ୍ୟ ସୁଯୋଗ ସୃଷ୍ଟି କରିଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହି ଗଣନା କାର୍ଯ୍ୟକ୍ରମ ସ୍ଥିତି ସମ୍ପର୍କରେ ସବିଶେଷ ସମୀକ୍ଷା କରିଥିଲେ । ବୈଠକରେ ପ୍ରମୁଖ ଅଂଶୀଦାର ବିଭାଗ ଯଥା ଜଳ ସମ୍ପଦ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି , ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ମୁଖ୍ୟ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ, ଓଡ଼ିଶା ଉଠା ଜଳ ସେଚନ ନିଗମ, ଭାରତ ସରକାରଙ୍କ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ରାଜ୍ୟ ଭୂତଳ ଜଳ ବୋର୍ଡଙ୍କ ଅଧିକାରୀ ତଥା ଯନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏଥି ସହିତ ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଉପ ନିର୍ଦ୍ଦେଶକ, ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟର ଅଧିକାରୀ ଓ କର୍ମଚାରୀମାନ ମଧ୍ୟ ଆଭାସୀ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ ।

ପ୍ରଭାବୀ କାର୍ଯ୍ୟାନ୍ୱୟନ ମାଧ୍ୟମରେ କିପରି ଜଳସେଚନ ଓ ଝରଣା ଗଣନା ସମ୍ପର୍କରେ ଗୁଣାତ୍ମକ ତଥ୍ୟ ସଂଗ୍ରହ ହୋଇପାରିବ, ଏଥିପ୍ରତି ଆଲୋକପାତ କରାଯାଇଥିଲା । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଅଂଶୀଦାରୀ ବିଭାଗ ତଥା ଅନୁଷ୍ଠାନମାନଙ୍କୁ ସମନ୍ୱିତ ଓ ସଂଯୋଜିତ ଭାବେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ, ଯଦ୍ୱାରା ଜଳ ସମ୍ପଦ ବିଭାଗର ଏକ ବିସ୍ତୃତ ଡାଟାବେସ୍ ପ୍ରସ୍ତୁତ ହୋଇପାରିବ । ଏହି ତଥ୍ୟ ଜଳସେଚନ ସମେତ ଶିଳ୍ପ, ମତ୍ସ୍ୟ ଚାଷ, ଜନସାଧାରଣ ଏବଂ ପ୍ରାଣୀମାନଙ୍କ ବ୍ୟବହାର ପାଇଁ ଜଳ ସମ୍ପଦ ବିଭାଗ ନିମନ୍ତେ ଏକ ବିସ୍ତୃତ ଡାଟା ବେସ୍ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଜିଲ୍ଲାସ୍ତରୀୟ ଅଧିକାରୀ, ଅଧୀକ୍ଷଣ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଉପ ନିର୍ଦ୍ଦେଶକ, ଯୋଜନା ଓ ସଂଯୋଜନ ବିଭାଗ ପରସ୍ପର ସମନ୍ୱୟ ଓ ସହଯୋଗ ରଖି କାର୍ଯ୍ୟ କଲେ ଜଳସେଚନ ଓ ଝରଣା ଗଣନା ସମ୍ପର୍କିତ ଗଣନାର ବୃହତ୍ ସଫଳତା ମିଳିପାରିବ ବୋଲି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

# ଚଳିତବର୍ଷ ରଥଯାତ୍ରାରେ ସ୍ୱଚ୍ଛତାକୁ ଦିଆଯିବ ଗୁରୁତ୍ୱ

**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ଚଳିତ ବର୍ଷ ରଥଯାତ୍ରାରେ କର୍ପୋରେଟ୍ ସମ୍ଭାବନା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛି । ଭିତ୍ତିଭୂମି, ଡିଜିଟାଲ୍ ଏବଂ ସାର୍ବଜନୀନ ସେବା ସହାୟତାଠାରୁ ଆରମ୍ଭ କରି ଭକ୍ତଙ୍କ ପାଇଁ ଏକ ସୁଗମ ଏବଂ ଆଧ୍ୟାତ୍ମିକ ସମୃଦ୍ଧ ଅଭିଜ୍ଞତା ସୁନିଶ୍ଚିତ କରିବା ସେବା ଦିଆଯିବ । ପାନୀୟ ଜଳ ଏବଂ ଛାଇର ଉପଲବ୍ଧତାକୁ ଉନ୍ନତ କରିବା, ଡିଜିଟାଲ୍ ସେବାଗୁଡ଼ିକୁ ସକ୍ଷମ କରିବା ଏବଂ ପୁରୀ ରଥଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୁତି ଚତୁର୍ବେଦୀ ସୂଚନା ଦେଇଛନ୍ତି । ଆଜି ସେ କହିଛନ୍ତି ଯେ ଜଗନ୍ନାଥ ପୁରୀ ରଥଯାତ୍ରା ଏକ ଜୀବନ୍ତ ପରମ୍ପରା ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ଭାବପ୍ରବଣ କରିଦିଏ । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଲାଗି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ଚାଏପାନିକୁ, ବ୍ରାଣ୍ଡ-ନେତୃତ୍ୱ ଏବଂ ସାମାଜିକ ପଦକ୍ଷେପଗୁଡ଼ିକର ସମନ୍ୱୟ ପାଇଁ ନିଯୁକ୍ତ କରାଯାଇଛି । ହାଇଡ୍ରେସନ୍ ବୁଥ୍‌ଠାରୁ ସାଇନେଜ୍, ସାର୍ବଜନୀନ ଶୌଚାଳୟଠାରୁ ଡିଜିଟାଲ୍ ହେଲ୍ପଡେସ୍କ ପର୍ଯ୍ୟନ୍ତ ସମସ୍ତ କାମ ଆରମ୍ଭ ହୋଇଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ଅଞ୍ଜନା ସାହିତ୍ୟ ଓ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ

**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ଗତ ମେ ୩୧ ତାରିଖ ପବିତ୍ର ଶିବ ବିବାହ ତିଥିରେ ଅଞ୍ଜନା ସାହିତ୍ୟ ଓ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ ବୋଲଗଡ଼ସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଶ୍ରୀ ସୁରେଶ ଛୋଟରାୟ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଆୟକର ଆୟୁକ୍ତ କବି ଶରତ ଦାଶ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ ପ୍ରସିଦ୍ଧ ଯୁବ ଗାଳ୍ପିକ,କବି ଓ ବହୁଚର୍ଚ୍ଚିତ ପେନ ଇନ୍ ମିଡ଼ିଆର ପ୍ରତିଷ୍ଠାତା ଓ ପରିଚାଳକ ଶୁଭ୍ରାଂଶୁ ପଣ୍ଡା । ରଣପୁରର ପୂର୍ବତନ ବିଧାୟକ ତଥା ସ୍ଥାନୀୟ ଲୋକପ୍ରିୟ ଜନନେତା ସତ୍ୟନାରାୟଣ ପ୍ରଧାନଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପରିଚାଳନା କରିଥିଲେ ଅନୁଷ୍ଠାନର ସଭାପତି ବିଶିଷ୍ଟ ସାହିତ୍ୟିକ ଓ ପ୍ରକାଶକ ନିର୍ମଳ ଚନ୍ଦ୍ର ଶୂରଦେଓ । ଅନୁଷ୍ଠାନର ସମ୍ପାଦିକା ବିଶିଷ୍ଟ କବି ଡକ୍ଟର ଗୀତାଞ୍ଜଳି ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏକ କବିତାପାଠ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ଯେଉଁଥିରେ ଚାଳିଶ ଜଣ କବି ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ । କବିତାପାଠ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କବି ଅଧ୍ୟାପିକା ନିଳୀମା ନନ୍ଦ, ଲକ୍ଷ୍ମୀଧର ମହାପାତ୍ର ଓ କ୍ଷଣପ୍ରଭା କର । ବାଣୀବିହାର ୮୦ ଅନୁଷ୍ଠାନ ତରଫରୁ ଏହାର ସଭାପତି ଡକ୍ଟର ପ୍ରତୀପ ମିଶ୍ର, ସାଧାରଣ ସମ୍ପାଦକ ଆଶୁତୋଷ ଦାଶ, କାର୍ଯ୍ୟକାରୀ କମିଟି ସଭ୍ୟ ଅଲେଖ ନନ୍ଦୀ ଓ ସତ୍ୟ ରଥ ଉତ୍ସବରେ ଯୋଗ ଦେଇ କବିତା ପାଠ ସହ ଅଭିଭାଷଣ ପ୍ରଦାନ କରିଥିଲେ । ଅଞ୍ଜନାର ସହ-ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍ ଧନ୍ୟବାଦ୍ ଦେଇଥିଲେ ।



### ● ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ସମବର୍ତ୍ତୀ ମୂଲ୍ୟାୟନ ସମ୍ପର୍କିତ ପ୍ରାରମ୍ଭିକ କର୍ମଶାଳା

# ଖଣି ପ୍ରଭାବିତ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶରେ ହେବ ଉପଯୋଗୀ

**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ଅନୁଗୁଳ, ଯାଜପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିର ଉପଯୋଗରେ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ସମବର୍ତ୍ତୀ ସମୀକ୍ଷା ତଥା ମୂଲ୍ୟାୟନ (କନକରେଣ୍ଟ୍ ଇଭାଲୁଏସନ୍) ସମ୍ପର୍କିତ ଏକ ପ୍ରାରମ୍ଭିକ କର୍ମଶାଳା (ଇନ୍‌ସେପ୍ସନ୍ ୱାର୍କସପ୍) ଆଜି ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କରାଯାଇଛି ।

ବୈଠକରେ ଆଭାସୀ ମାଧ୍ୟମରେ ଅନୁଗୁଳ, ଯାଜପୁର ଓ ଝାରସୁଗୁଡ଼ାର ଜିଲ୍ଲାପାଳମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ଲୋକସେବା ଭବନରେ ଯୋଜନା ଓ ସଂଯୋଜନ, ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ଓ ସମ୍ପୃକ୍ତ ବିଭିନ୍ନ ବିଭାଗର ନିର୍ଦ୍ଦେଶକ ତଥା ବରିଷ୍ଠ ପଦାଧିକାରୀଙ୍କ ସମେତ ଅନ୍ତର୍ଜାତୀୟ ସ୍ତରର ମୂଲ୍ୟାୟନ ଦକ୍ଷତା ରଖୁଥିବା ‘ଗାଣ୍ଟ ଥର୍ଣ୍ଣଟନ’ ସଂସ୍ଥାର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ । ଏହି ମୂଲ୍ୟାୟନ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଏବଂ ‘ଜିଲ୍ଲା ଖଣିଜ ପାଣ୍ଠି’ ଓଡ଼ିଶା ନିୟମରେ ରହିଥିବା ପ୍ରତିବିଧାନକୁ ସମ୍ବନ୍ଧିତ କରି ଖଣିଜ ଉତ୍ତୋଳନ ଦ୍ୱାରା ପ୍ରଭାବିତ ହୋଇଥିବା ଅଞ୍ଚଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଆଭିମୁଖ୍ୟକୁ ମୂଲ୍ୟାୟନ କରିବ ।

କର୍ମଶାଳାରେ ଜିଲ୍ଲା ଖଣିଜ ପାଣ୍ଠିର ଉପଯୋଗ ଓ ପରିଚାଳନା ବ୍ୟବସ୍ଥା, ପ୍ରକଳ୍ପ ଲକ୍ଷ୍ୟ ସାଧନରେ ସଫଳତା, ପ୍ରକଳ୍ପ କିପରି ହିତାଧିକାରୀମାନଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେଉଛି, ତାହାକୁ କିପରି ମୂଲ୍ୟାୟନ କରାଯିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ମୂଲ୍ୟାୟନ ପ୍ରକଳ୍ପ କାର୍ଯ୍ୟକାରିତାରେ ସମସ୍ତ ଅଂଶୀଦାରୀ ବିଭାଗ ତଥା ସଂସ୍ଥାମାନଙ୍କୁ ଭବିଷ୍ୟତରେ ଯୋଜନା ପ୍ରସ୍ତୁତିରେ ସହାୟକ ହେବ । ପ୍ରକଳ୍ପ କାର୍ଯ୍ୟକାରିତାରେ କି କି ସମସ୍ୟା ରହୁଛି, ସେହିସବୁ ଆହ୍ୱାନକୁ ଚିହ୍ନଟ କରିବାରେ ସହାୟତା କରିବ । ଚୟନ କରାଯାଇଥିବା ପ୍ରକଳ୍ପରେ କାର୍ଯ୍ୟକ୍ରମ ପରିଚାଳନା ବିଶ୍ଳେଷଣ କରାଯିବ । ଖଣିଜ ଉତ୍ତୋଳନ ଦ୍ୱାରା ପ୍ରଭାବିତ ହେଉଥିବା ଗ୍ରାମର ଲୋକମାନଙ୍କର ନିରନ୍ତରତା ଭିତ୍ତିରେ କିପରି ସାମାଜିକ ଅର୍ଥନୈତିକ ବିକାଶ ଘଟିବ, ଏ ସମ୍ପର୍କରେ ସମ୍ପୃକ୍ତ ସଂସ୍ଥା ପ୍ରକଳ୍ପ କାର୍ଯ୍ୟକାରିତାରେ ସରକାରଙ୍କୁ ପରାମର୍ଶ ଓ ମୂଲ୍ୟାୟନରେ ସହାୟତା କରିବ । ବୈଠକରେ ଏହି ମୂଲ୍ୟାୟନ ଅଧ୍ୟୟନର ସାମଗ୍ରିକ ଢାଞ୍ଚା ବା ପଦ୍ଧତି, ବର୍ତ୍ତମାନ ସୁଦ୍ଧା ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ପ୍ରଶ୍ନୋତ୍ତର କୌଶଳ ଜରିଆରେ ସୂଚନା ପ୍ରାପ୍ତି, ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ କରାଯିବା ଏବଂ ଜିଲ୍ଲାପାଳମାନଙ୍କଠାରୁ ଏଥିପାଇଁ କି କି ସହଯୋଗର ଆବଶ୍ୟକତା ରହିଛି, ସେ ସମ୍ପର୍କରେ ବିଶଦ୍ ଭାବେ ଉପସ୍ଥାପନା କରାଯାଇଥିଲା ଓ ଜିଲ୍ଲାପାଳମାନେ ଏ ସମ୍ପର୍କରେ ମତ ରଖିଥିଲେ ।



ଏହି ମୂଲ୍ୟାୟନରେ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା, ଗୁଣାତ୍ମକ ଶିକ୍ଷା, ପିଇବା ପାଣିର ଉପଲବ୍ଧତା, ରାସ୍ତା ଓ ଗମନାଗମନ, ଜଳ ଓ ପରିମଳ ବ୍ୟବସ୍ଥା, ଗୃହ ନିର୍ମାଣ ଓ ଭିତ୍ତିଭୂମି ବ୍ୟବସ୍ଥା, ଜୀବିକା ନିର୍ବାହ, ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ, ପରିବେଶ ପ୍ରଭାବଜନିତ କାର୍ଯ୍ୟକ୍ରମରେ ଏହି ସଂସ୍ଥା ଅନୁସନ୍ଧାନ ଓ ସର୍ବେକ୍ଷଣ କରିବ ବୋଲି ବୈଠକରୁ ଜଣାଯାଇଛି । ଆଗାମୀ ସେପ୍ଟେମ୍ବର ମାସ ସୁଦ୍ଧା ଏହି ମୂଲ୍ୟାୟନ କାର୍ଯ୍ୟ ସାରିବାକୁ ପରାମର୍ଶ ଦିଆଯାଇଛି । ପୂର୍ତ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମିଶନ୍ ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।


# ସ୍ତ୍ରୀର ତଣ୍ଟି ଚିପି ହତ୍ୟାକଲା ସ୍ୱାମୀ


ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍: ରାଜଧାନୀରେ ଘଟିଛି ଏକ ହୃଦୟ ବିଦାରକ ହତ୍ୟାକାଣ୍ଡ । ସ୍ତ୍ରୀର ତଣ୍ଟି ଚିପି ହତ୍ୟା କରିଛି ସ୍ୱାମୀ । ଏଭଳି ଘଟଣା ଘଟିଛି ମଞ୍ଚେଶ୍ୱର ଥାନା ଚକେଇଶିଆଣି ଅଞ୍ଚଳରେ । ଗତ ରାତିରେ କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିଲା । ପରେ ସ୍ତ୍ରୀର ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ମୃତ ମହିଳା ହେଲେ ନନ୍ଦିତା ବେହେରା । ୨୦୧୮ ମସିହାରେ ନିଆଳି ଅଞ୍ଚଳର ଗୁପ୍ତେଶ୍ୱର ବେହେରାଙ୍କୁ ବିବାହ କରିଥିଲେ । ଗୁପ୍ତେଶ୍ୱର ଚକେସିଆଣିରେ ମୋବାଇଲ ଦୋକାନ କରିଥିଲେ । ସେପଟେ ଜୋଇଁଙ୍କ ପରକୀୟା ପ୍ରୀତି ଥିଲା । ଯେଉଁଥି ପାଇଁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗି ରହୁଥିଲା । ଏହି କାରଣରୁ ନନ୍ଦିତାଙ୍କୁ ହତ୍ୟା କରାଯାଇଥିବା କହିଛନ୍ତି ପରିବାର ଲୋକେ । ସେପଟେ ନନ୍ଦିତାଙ୍କୁ ହତ୍ୟା ପରେ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ଛାଡ଼ି ଛୁ’ ମାରିଥିବା ଅଭିଯୋଗ ହୋଇଛି । ମଞ୍ଚେଶ୍ୱର ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି ।

### ଓଡ଼ିଶାରେ ଜିଓର ଦବ୍‌ଦବା

# ଏପ୍ରିଲ ମାସରେ ସର୍ବାଧିକ ୧.୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ିଛି: ଟ୍ରାଇ

**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ରାଜ୍ୟରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି, ରିଲାଏନ୍ସ ଜିଓ ୨୦୨୫ ଏପ୍ରିଲ ମାସରେ ଓଡ଼ିଶାରେ ସର୍ବାଧିକ ୧.୮ ଲକ୍ଷରୁ ଅଧିକ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ (ୱେୟାରଲାଇନ୍ ଏବଂ ୫ଜି ଏଫଡବ୍ଲ୍ୟୁଏ) ଗ୍ରାହକ ଯୋଡ଼ିଛି । ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରୁ ଏହା ଜଣାପଡ଼ିଛି । ଏହି ତଥ୍ୟ ଅନୁଯାୟୀ, ଏପ୍ରିଲ ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୧.୫୩ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା, ୩୦୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ଯୋଡ଼ିଛି । ଏଥିସହିତ ଜିଓ ଓଡ଼ିଶାରେ ୪୫.୯ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିବା ସହିତ ଏପ୍ରିଲ ଶେଷ ସୁଦ୍ଧା ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୧.୬୧ କୋଟିରେ ପହଞ୍ଚିଛି । ଟ୍ରାଇ ତଥ୍ୟ ଅନୁଯାୟୀ ଏପ୍ରିଲ ମାସରେ ଓଡ଼ିଶାରେ ପ୍ରାୟ ୧.୫୫ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ି ହେବା ସହିତ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଏପ୍ରିଲ ଶେଷ ସୁଦ୍ଧା ୩.୫ କୋଟି ଅତିକ୍ରମ କରିଛି । ତଥ୍ୟ ଅନୁଯାୟୀ, ଅନ୍ୟ ଅପରେଟର୍‌ମାନଙ୍କ ମଧ୍ୟରେ ଏପ୍ରିଲ ମାସରେ ଓଡ଼ିଶାରେ ଭୋଡାଫୋନ୍ ଆଇଡ଼ିଆ ମାତ୍ର ୬୬୫୯




ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ଏହା ପଛରେ ରହିଥିବା ଏୟାରଟେଲ୍ ମାତ୍ର ୩୮୩୯ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛି ଏବଂ ବିଏସ୍ଏନ୍ଏଲ୍ ଏହି ମାସରେ ରାଜ୍ୟରେ ୮୦୧୧ ମୋବାଇଲ୍ ଗ୍ରାହକ ହରାଇଛି । ସେହିପରି ଓଡ଼ିଶାରେ ୱାୟାରଲାଇନ୍ ଏବଂ ୫ଜି ଏଫ୍ଡବ୍ଲ୍ୟୁଏ କ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଆହୁରି ସୁଦୃଢ଼ କରି ଜିଓ ୨୦୨୫ ଏପ୍ରିଲ ମାସରେ ରାଜ୍ୟରେ ସର୍ବାଧିକ ୩୦୦୦୦ ନୂତନ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ଯୋଡ଼ିଛି । ତଥ୍ୟ ଅନୁଯାୟୀ, ଏପ୍ରିଲ ମାସ ଶେଷ ସୁଦ୍ଧା ରାଜ୍ୟରେ ଜିଓଫାଇବର ଗ୍ରାହକଙ୍କ ସଂଖ୍ୟା ୩ ଲକ୍ଷ ଅତିକ୍ରମ କରିଥିବାବେଳେ ଜିଓଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୬୭ ଲକ୍ଷରୁ ଅଧିକ ହୋଇଛି । ଜିଓର ଲୋକପ୍ରିୟ ୫ଜି ଏଫ୍ଡବ୍ଲ୍ୟୁଏ ସେବା ଜିଓଏୟାରଫାଇବର୍ ରାଜ୍ୟରେ ୮୪ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ସହିତ ୫ଜି ଏଫଡବ୍ଲ୍ୟୁଏ ବଜାରରେ ପ୍ରାଧାନ୍ୟ ବିସ୍ତାର କରିଛି । ଜିଓ ଓଡ଼ିଶାରେ ଏହାର ସର୍ବବୃହତ ୪ଜି ଓ ୫ଜି ନେଟୱାର୍କ ଉପସ୍ଥିତି ବଳରେ ରାଜ୍ୟର ସବୁଠାରୁ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ରହିଆସିଛି ଏବଂ ଓଡ଼ିଶାରେ ଏହାର ସର୍ବାଧିକ ୪୫.୯ ପ୍ରତିଶତରୁ ଅଧିକ ମୋବାଇଲ୍ ଗ୍ରାହକ ବଜାର ଅଂଶ ସହିତ ୮୪ ପ୍ରତିଶତରୁ ଅଧିକ ୫ଜି ଏଫଡବ୍ଲ୍ୟୁଏ ଗ୍ରାହକ ବଜାର ଅଂଶ ରହିଛି । ଜାତୀୟ ସ୍ତରରେ ଜିଓ ଏପ୍ରିଲ ୨୦୨୫ରେ ସର୍ବାଧିକ ୨୬ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିବା ସହିତ ୱେୟାରଲେସ୍ ବ୍ୟବସାୟ କ୍ଷେତ୍ରର ଅଭିବୃଦ୍ଧିରେ ସହାୟକ ହୋଇଛି । ଜିଓ ଏହି ମାସରେ ଯୋଡ଼ିଥିବା ନୂତନ ଗ୍ରାହକ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ୧୩ ଗୁଣ ଅଧିକ ରହିଛି । ଏପ୍ରିଲ ୨୦୨୫ରେ ସକ୍ରିୟ ଉପଭୋକ୍ତା ଯୋଡ଼ିଥିବା ଏକମାତ୍ର ଅପରେଟର୍ ଭାବରେ ଜିଓ ଏହି ମାସରେ ଦେଶରେ ୫୫ ଲକ୍ଷରୁ ଅଧିକ ନୂତନ ସକ୍ରିୟ ମୋବାଇଲ୍ ଗ୍ରାହକ ଯୋଡ଼ିଛି । ଏହା ଲଗାତାର ଦ୍ୱିତୀୟ ମାସ ପାଇଁ ୫ ନିୟୁତରୁ ଅଧିକ ସକ୍ରିୟ ମୋବାଇଲ୍ ଉପଭୋକ୍ତା ଯୋଡ଼ିଛି । ଏପ୍ରିଲ ୨୦୨୫ରେ ପ୍ରାୟ ୯.୧୦ ଲକ୍ଷ ନୂତନ ହୋମ୍ ବ୍ରଡବ୍ୟାଣ୍ଡ (ୱେୟାରଲାଇନ୍ ଓ ଏଫ୍ଡବ୍ଲ୍ୟୁଏ) ଗ୍ରାହକ ଯୋଡ଼ିଥିବା ଜିଓ ପାଇଁ ଆଉ ଏକ ରେକର୍ଡ ମାସ ହୋଇଛି, ଯାହା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ପ୍ରାୟ ଚାରି ଗୁଣ ଅଧିକ ରହିଛି । ୫ଜି ଏଫଡବ୍ଲ୍ୟୁଏ କ୍ଷେତ୍ରରେ ଜିଓ ଦେଶରେ ୮୨ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ଏବଂ ୬.୧୪ ନିୟୁତ ଗ୍ରାହକଙ୍କ ସହିତ ନିଜର ନେତୃତ୍ୱ ସ୍ଥାନକୁ ଅଧିକ ସୁଦୃଢ଼ କରିଛି ।

# ଶୈଳେଶ ଏଫ୍ଏଆଇର ଚେୟାରମ୍ୟାନ୍

**ଭୁବନେଶ୍ୱର,୨।୬/ଏନ୍ଏନ୍ଏସ୍:** ମିଳିତ ଉଦ୍ୟୋଗ ଏବଂ ବେସରକାରୀ ସାର କ୍ଷେତ୍ରରେ ସାର ଶିଳ୍ପର ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ଫର୍ଟିଲାଇଜର ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଫଏଆଇ)ର ଚେୟାରମ୍ୟାନ୍ ଭାବେ ଶୈଳେଶ ସି.ମେହଟ୍ଟାଙ୍କୁ ନିର୍ବାଚିତ କରିଛି । ଶ୍ରୀ ମେହେଟା ମଧ୍ୟ ଫର୍ଟିଲାଇଜର ଆସୋସିଏସନ ଅଫ୍ ଇଣ୍ଡିଆର ଚେୟାର୍‌ମ୍ୟାନ୍ ଭାବରେ ପାଞ୍ଚବର୍ଷ କାର୍ଯ୍ୟ କରିଛନ୍ତି । ଗତ ଦୁଇ ଦଶନ୍ଧିରେ କୃଷି ଉତ୍ପାଦନ ଅଭିବୃଦ୍ଧିରେ ୬୦% ଏବଂ ଉଦ୍ୟାନକୃଷି ଉତ୍ପାଦନରେ ୪୦% ଅଭିବୃଦ୍ଧି ହାସଲ କରିବାରେ ସାର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଅବସରରେ ଶ୍ରୀ ମେହେଟ୍ଟା କହିଥିଲେ ଯେ ଭାରତର ଖାଦ୍ୟ ନିଅଣ୍ଟ ସ୍ଥିତିରୁ ବୈଶ୍ୱିକ କୃଷି ରପ୍ତାନିକାରୀ ଭାବରେ ଯାତ୍ରା ଉଲ୍ଲେଖନୀୟ ହୋଇଛି । ଏହି ଯାତ୍ରାରେ ସାର ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ନିରନ୍ତର ଜାରି ରଖିଛି ଏବଂ ସମ୍ପ୍ରତି ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଅଧିକ ସନ୍ତୁଳିତ ଏବଂ ପୋଷକ-ଭରପୂର ସାର ଉପରେ ଦୃଷ୍ଟିନିବଦ୍ଧ କରୁଛି ।

# ଅବହେଳିତ ଅବସ୍ଥାରେ ଜୟୀରାଜଗୁରୁ ପାର୍କ

**ଖୋର୍ଦ୍ଧା,୨।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌରପରିଷଦ ସହର ସୌନ୍ଦର୍ଯ୍ୟକରଣ ନୀତିକୁ ଆପଣାଇ ସହର ମଧ୍ୟରେ ବିଭିନ୍ନ ପ୍ରକାର କାର୍ଯ୍ୟ ହାତକୁ ନେଇଛି । ସହର ମଧ୍ୟରେ ଖାଲି ପଡ଼ିଥିବା ସରକାରୀ ଜମିକୁ ଡେଭେଲପ୍ କରି କେଉଁଠାରେ ପିଲାଙ୍କ ନିମନ୍ତେ ପାର୍କ କରୁଛି ଏବଂ ଅନ୍ୟ କେଉଁଠାରେ ବୟସ୍କ ଲୋକଙ୍କ ପାଇଁ ବ୍ୟାୟାମ କରିବା ନିମନ୍ତେ ବ୍ୟାୟାମ ଆନୁସଙ୍ଗିକ ସାମଗ୍ରୀ ଖଞ୍ଜିବାରେ ଲାଗିଛି । ତେବେ ଏହି ଯୋଜନା ମାଧ୍ୟମରେ ପୌରପରିଷଦ ସରକାରୀ ତହବିଲରୁ ପୁଳା ପୁଳା ଅର୍ଥ ଖର୍ଚ୍ଚ କରି ସହର ମଧ୍ୟରେ ପାର୍କ ନିର୍ମାଣ କରିବା ସହିତ ବିଭିର୍ନ ସ୍ଥାନରେ ଖଞ୍ଜା ଯାଇଥିବା ବ୍ୟାୟାମ ଉପକରଣ ଏବେ ଭଗ୍ନ ଅବସ୍ଥାରେ ପଡି ରହିଥିବା ବେଳେ ଲୋକଙ୍କ କାର୍ଯ୍ୟରେ ଆସୁନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଖୋର୍ଦ୍ଧା ସହର ମଧ୍ୟରେ ପିଲାଙ୍କ ଖେଳିବା ସ୍ଥାନ କେଉଁଠାରେ ନଥିବା ବେଳେ ପୌରପରିଷଦ ପକ୍ଷରୁ ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟ ଷ୍ଟାଡିୟମ ନିକଟରେ ଜୟୀରାଜଗୁରୁ ପାର୍କ ନିର୍ମାଣ କରିଥିଲେ । ଯାହାକୁ ନେଇ ଉକ୍ତ ପାର୍କରେ ସନ୍ଧ୍ୟା ସମୟରେ ପିଲାଙ୍କ ଗହଳି ଜମୁଥିବା ବେଳେ ପିଲାଙ୍କୁ ନେଇ ବୁଲିବାକୁ ଯାଇ ତାଙ୍କ ପରିବାରର ସଦସ୍ୟ ମାନେ ମଧ୍ୟ ଏହି ପାର୍କର ବେଶ ଉପଭୋଗ କରୁଥିବା ଦେଖିବାକୁ ମିଳୁଥିଲା । ତେବେ ଏହି ଖୁସି ସହର ବାସୀଙ୍କ ପାଇଁ ସ୍ୱଳ୍ପ ଦିନ ପାଇଁ ରହିଥିବା ସହର ବାସି ଜାଣି ନଥିଲେ । ପାର୍କ ହେବା ସମୟରେ ଯେତିକି ଖୁସି ଅନୁଭବ କରିଥିଲେ ଆଜି ପାର୍କର ଭଗ୍ନ ଅବସ୍ଥା ଦେଖିବା ପରେ ତାଠାରୁଅଧିକ ଦୁଃଖ ପ୍ରକାଶ କରୁଛନ୍ତି । ସହର ବାସୀଙ୍କ କହିବା ଅନୁଯାଇ ଜିଲ୍ଲାପ୍ରଶାସନ ହେଉ କିମ୍ବା ପୌରପରିଷଦ ହେଉ ସେମାନେ ଜାଣିବା ନିହାତି ଆବଶ୍ୟକ ଯେ ସରକାରୀ ତାହବିଲରୁ ଯେଉଁ ଅର୍ଥ ଖର୍ଚ୍ଚ କରି ଲୋକଙ୍କ ହିତରେ କାର୍ଯ୍ୟ କରୁଛନ୍ତି ଏହାର ତଦାରଖ ମଧ କରିବା ପାଇଁ ଆନ୍ତରିକତା ରଖିବା ନିହାତି ଆବଶ୍ୟକ ରହିଛି । ଏହା ନୁହେଁଯେ ସରକାରୀ ତହବିଲରେ ଅର୍ଥ ରାସି ଏହାକୁ ଖର୍ଚ୍ଚ କରିବା ମାନସିକତାକୁ ପୌରପରିଷଦ ଅଧିକାରୀ ଓ ଜିଲ୍ଲାପ୍ରଶାସନ ବଦଳାନ୍ତୁ । ଏହି ପରି ଅର୍ଥକୁ ପାଣି ଭଳି ଖର୍ଚ୍ଚ କରି ଠିକାଦାର ପୋଷଣ ନୀତିକୁ ଆପଣାଇ ରାଜକୋଷ ଖାଲି କରିବା ଆଚରଣ ବିଧିକୁ ଖୋର୍ଦ୍ଧା ବାସି ସହଜରେ ଗ୍ରହଣ କରିବେ ନାହିଁ । ପୌରପରିଷଦ ଯେଉଁ ପାର୍କ ନିର୍ମାଣ କରିଥିଲେ ସହର ମଧ୍ୟରେ ଲୋକଙ୍କ ହିତରେ ଆଜି ତାହା କାର୍ଯ୍ୟ କରୁଛିକି ନାହିଁ ତାହା ପୌରପରିଷଦ ଅଧକ୍ଷଙ୍କ ନିକଟରେ ଖବର ନାହିଁ । କାରଣ କମିଶନ ପାଇଗଲେ ଅଧିକାରୀଙ୍କ କାର୍ଯ୍ୟ ସରିଯାଇଥାଏ । ଏହାର ତଦାରଖ କଥା କିଏ ପଚାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ବୁଦ୍ଧିଜୀବୀଙ୍କ କହିବା ଅନୁଯାଇ ପୌରପରିଷଦ ସାଧାରଣ ଲୋକଙ୍କ ହିତରେ କରିଥିବା ପାର୍କ ଓ ବ୍ୟାୟାମ ଉପକରଣର ତଦାରଖ କରିବା ସହିତ ଏହାର ମରାମତି କାର୍ଯ୍ୟ ହାତକୁ ନେଉ ବୋଲି ଅଭିଯୋଗ ଆଣିଛନ୍ତି । ଯାହା ଫଳରେ ସହର ମଧ୍ୟରେ ଲୋକଙ୍କ ହିତରେ ହୋଇଥିବା ପାର୍କ କାର୍ଯ୍ୟରେ ଲାଗିବ ବୋଲି ପ୍ରକାଶ କରିଛନ୍ତି । ଖୋର୍ଦ୍ଧା ଜୟୀରାଜଗୁରୁ ପାର୍କରେ ପିଲାଙ୍କ ନିମନ୍ତେ ଲାଗିଥିବା ସମସ୍ତ ଦୋଳି ଯେତେବେଳେ ଭଗ୍ନ ଅବସ୍ଥାରେ ପଡିଛି ଏହାକୁ ମରାମତି କରିବାରେ ପୌରପରିଷଦ ଯେତିକି ଅବହେଳା କରୁଛି ତାହାଠାରୁ ଅଧିକ ପାର୍କ ରକ୍ଷଣା ବେକ୍ଷଣ କରିବା ସମ୍ପୂର୍ଣ୍ଣ ଭୁଲିଯାଇଛି । ଯାହା ଫଳରେ ପିଲା ପାର୍କ ଯାଉଛନ୍ତି ଏବଂ ଭଙ୍ଗା ଦୋଳିକୁ ଧରି ଝୁଲି ମନକୁ ବୁଝାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ତେବେ ପ୍ରତିଦିନ ସହ ସହ ଛୋଟ ବଡ଼ ପିଲା ଏହି ପାର୍କକୁ ଆସୁଥିବା ବେଳେ ଏଠାରେ ଖେଳିବା ନିମନ୍ତେ ସାମଗ୍ରୀଗୁଡ଼ିକ ଭଙ୍ଗା ଅବସ୍ଥାରେ ପଡ଼ି ରହିଥିବାରୁ ପାର୍କ ଆସିବା ପାଇଁ ପିଲା ଅନିଚ୍ଛା ପ୍ରକାଶ କରୁଥିବା ପରି ଜଣାପଡୁଛି । ଯାହାକୁ ନେଇ ଖୋର୍ଦ୍ଧା ସହର ବାସୀଙ୍କ ମଧ୍ୟରେ ଅସନ୍ତୁଷ୍ଟତା ପ୍ରକାଶ ପାଉଛି ।

## ଜିଲ୍ଲା ପ୍ରଶାସନ ଓ ପୌରପରିଷଦର ଆନ୍ତରିକତା ଅଭାବ
## ଭଗ୍ନ ଅବସ୍ଥାରେ ପଡ଼ିରହିଛି ପାର୍କର ସମସ୍ତ ଦୋଳି



# ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଯୋଗୁଁ ଟ୍ରାଫିକ୍ ସମସ୍ୟା

**ଖଣ୍ଡପଡ଼ା,୨।୬/ଏନ୍ଏନ୍ଏସ୍:** ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି । ଖଣ୍ଡପଡା ସହରର ରାସ୍ତା ପାର୍ଶ୍ୱ ମାଟି ତଳେ ପାଇପ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଛି । ସହରର ତ୍ରିନାଥ ଛକ ଠାରୁ ବ୍ଲକ ଛକ ଦେଇ ନୟାଗଡ ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାର୍ଶ୍ୱକୁ ଜେସିବ ମେସିନ ଯୋଗେ ଖୋଳାଯାଇ ସେଠାରୁ ଟ୍ରାକ୍ଟର ଯୋଗେ ମାଟି ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି । ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ରାସ୍ତା ଉପରେ ଯାତ୍ରୀବାହୀ ବସ୍‌ଠାରୁ ଆରମ୍ଭ କରି ଭାରିଯାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ତେଣୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଦିନବେଳା ଅପେକ୍ଷା ରାତ୍ରକାଳରେ କରାଗଲେ ଆଉ ଟ୍ରାଫିକ ସମସ୍ୟା ସୃଷ୍ଟି ହୁଅନ୍ତା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

# ବାନାବାବା ମଠର ତାଲା ଖୋଲିଲା ପୁଲିସ

**ନୟାହାଟ,୨।୬/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର ବାଉଁଶ ପୋଖରୀ କେଳାସାଇ ନିକଟରେ ଥିବା ବାନାବାବା ମଠରେ ଜମିଜମା ସମସ୍ୟାକୁ ନେଇ ମଠକୁ ପୁଲିସ ତାଲା ପକାଇଥିଲା । ସୋମବାର ସନ୍ଧ୍ୟା ୫ଟା ସମୟରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ତାଲା ଖୋଲିଥିବା ଜଣାପଡ଼ିଛି । ପ୍ରକାଶ ଯେ, ଗତ ୩୦ ତାରିଖ ଦିନ ୪ଜଣ ବ୍ୟକ୍ତି ଦୁଇଜଣ ମହିଳା ଓ ଦୁଇଜଣ ପୁରୁଷ ମଠ ଭିତରେ ପଶି ମାତା ଅନୁରାଧା ସ୍ୱାଇଁଙ୍କୁ ଆକ୍ରମଣ କରିଥିଲେ । ସ୍ଥାନୀୟ ଗ୍ରାମବାସୀ ଆକ୍ରମଣକାରୀ ଦୁଇଜଣଙ୍କୁ ମଠ ଘରେ ପୁରାଇ ତାଲା ପକାଇ ପୁଲିସକୁ ଚାବି ଦେଇଥିଲେ । ଗୋପ ଥାନା ଏସ୍ଆଇ ବୁଲୁ ସେଠି ଘଟଣାର ତଦନ୍ତ କରିବାକୁ ଆସି ସେ ଦୁଇଜଣଙ୍କୁ ଉଦ୍ଧାରକରି ଫାଣ୍ଡିକୁ ଆଣିଥିଲେ । ବାନାବାବା ଉକ୍ତ ସରକାରୀ ଜାଗା ଉପରେ ଦୀର୍ଘ ୨୦ବର୍ଷ ହେଲା ରହିଆସୁଛନ୍ତି ବୋଲି ଜାଣିବାକୁ ପାଇଥିଲେ । ପୁଲିସ ପକ୍ଷରୁ ଗଣ୍ଡଗୋଳ କରିଥିବା ୪ଜଣ ବ୍ୟକ୍ତିଙ୍କଠାରୁ ଆଗକୁ ଗଣ୍ଡଗୋଳ ନକରିବା ଓ ମଠକୁ ନଯିବା ପାଇଁ ଏକ ଲିଖିତ ଅଭିଯୋଗ ରଖି ଛାଡ଼ିଥିଲେ ଓ ଉଭୟଙ୍କୁ ଗଣ୍ଡଗୋଳ ନକରିବା ପାଇଁ ୧୦୭ ଦଫାରେ ଏକ ମାମଲା ରୁଜୁ କରାଯାଇଛି । ଉକ୍ତ ମଠକୁ ବାନାବାବାଙ୍କୁ ହସ୍ତାନ୍ତର କରାଯାଇଛି ।

# ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ



**ବାରଙ୍ଗ,୨।୬/ଏନ୍ଏନ୍ଏସ୍:** ମଙ୍ଗଳବାର କଟକ ମହାନଗର ନିଗମ (ସିଏମସି)୩ ନମ୍ବର ୱାର୍ଡ଼ ଅନ୍ତର୍ଗତ ବିଦ୍ୟାଧରପୁର ନଦୀ ବନ୍ଧ ରାସ୍ତା ପ୍ରଶସ୍ତି କରଣ ଲାଗି ପ୍ରଶାସନ ଦ୍ୱାରା ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଛି । ରାସ୍ତା ଅବରୋଧ କରି ବେଆଇନଭାବେ ଏକାଧିକ ଦୋକାନ ଗୃହ ନିର୍ମାଣ ଦ୍ୱାରା ନରାଜ - ତ୍ରିଶୁଳିଆ ସୁଭାଷ ସେତୁ ପର୍ଯ୍ୟନ୍ତ ଚାଲିଥିବା ନଦୀ ବନ୍ଧ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ବାଧା ଉପୁଜୁଥିଲା ।ଏଣୁ ରାସ୍ତା କଡରେ ଗଢି ଉଠିଥିବା ଅସ୍ଥାୟୀ ନିର୍ମାଣକୁ ମେସିନ ଦ୍ୱାରା ହଟାଇ ଦିଆଯାଇଛି । ଆଜିର ଏହି ଉଚ୍ଛେଦ ସମୟରେ ବାରଙ୍ଗ ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ,ଏଆରଆଇ ଛବିରାମ ସେଠି ,ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପ୍ରଧାନ ଓ ଅନ୍ୟ ପ୍ରଶାସନିକ ଅଧିକାରୀଗଣଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତ ଥିଲେ ।

# ରାଜଲକ୍ଷ୍ମୀ ଦାସ ଏମ୍‌ପିଙ୍କ ପ୍ରତିନିଧି ନିଯୁକ୍ତ



**ନୟାହାଟ,୨।୬/ଏନ୍ଏନ୍ଏସ୍:** ନୟାହାଟ ଅଞ୍ଚଳର ଜଣାଶୁଣା ନାରୀନେତ୍ରୀ ତଥା ବିଜେପି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରାଜଲକ୍ଷ୍ମୀ ଦାସଙ୍କୁ କାକଟପୁର ନିର୍ବାଚନ ମଣ୍ଡଳୀର ବା ଗୋପ ବ୍ଲକର ୧୪ ପଞ୍ଚାୟତ ପାଇଁ ଏମ୍‌ପି ବିଭୁପ୍ରସାଦ ତରାଇଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯାଇଛି । ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମରେ ରାଜଲକ୍ଷ୍ମୀ ଦାସଙ୍କ ଘର ସୋମବାର ୧୪ ପଞ୍ଚାୟତର ବିଜେପି ମଣ୍ଡଳ ସଭାପତି ଜିଲ୍ଲାପରିଷଦ ସଭ୍ୟ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁଙ୍କୁ ସାକ୍ଷାତ କରିବା ସହ ଏମ୍‌ପିଙ୍କ ଚିଠି ପ୍ରଦାନ କରିଥିଲେ । ରାଜଲକ୍ଷ୍ମୀଙ୍କ ସହିତ ଅନନ୍ତ ସାହୁ, କେଦାର ସାହୁ, ମାନସ ସାହୁ, ମାନସ ମହାପାତ୍ର, ପ୍ରସନ୍ନ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରାୟ, ୧୪ନମ୍ବର ଜୋନର ମଣ୍ଡଳ ସଭାପତି ରକ୍ତପ୍ରଭ ନାୟକ, ୧୨ନମ୍ବର ଜୋନ୍‌ର ମଣ୍ଡଳ ସଭାପତି ଦିଲ୍ଲୀପ ପ୍ରଧାନ, ପ୍ରଭାତ ପାତ୍ର, ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ବିଡ଼ିଓ ଶ୍ରୀମତୀ ସାହୁ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀମତୀ ଦାସଙ୍କ ସହଯୋଗ କାମନା କରିଥିଲେ ।

# ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି



**ଖୋର୍ଦ୍ଧା,୨।୬/ଏନ୍ଏନ୍ଏସ୍:** ଆଜି ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର ଶ୍ରିତପା ମିଶ୍ର, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୧୨ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୯୨ଗୋଟି ଅଭିଯୋଗ ବ୍ୟକ୍ତିଗତ, ୧୧ଟି ଅଭିଯୋଗ ଗ୍ରାମୀଣ ସମସ୍ୟାଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୪ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ହଜାର, ବରହମ୍ପୁରର ପ୍ରତିମା ବେହେରାଙ୍କୁ, ୧୦ହଜାର ତାପଙ୍ଗର ଚରଣ ଭୋଇଙ୍କୁ ୧୫ହଜାର ଡିଓ ଖଉରୁନି, ବୋଲଗଡ଼, ଟିକିନା ଦାସଙ୍କୁ ଓ ୧୦ହଜାର ପଦନପୂର୍ଣ୍ଣ ବାଣପୁରର ଛାୟା କାନ୍ତ ମହାରଣାଙ୍କୁ ନେଇ ମୋଟ ୪ଜଣ ଅଭିଯୋଗ କାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସେହିପରି ଗୋଳବାଇର ରାଜକିଶୋର କୁଣ୍ଡୁଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ହଜାର ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷାଧିକାରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁଗୁଡା ମୁର୍ମୁ, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ସ୍ମିତା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗଦେଇଥିଲେ ।

# ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଯୋଗଦାନ



**ବାଣପୁର,୨।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଆଜି କାର୍ଯ୍ୟରେ ଯୋଗଦେଇଛନ୍ତି ସନାତନ ଜାଲି(ଓଇଏସ୍) । ଶ୍ରୀ ଜାଲି ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେମୋରିଆଲ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ସେ ପୁର୍ବରୁ ବାଣପୁର ବିଇଓ ଭାବେ ମଧ୍ୟ କାର୍ଯ୍ୟରତ ଥିବାବେଳେ ଦକ୍ଷତାର ସହ ନିଜ କାର୍ଯ୍ୟ ସମ୍ପାଦନ କରିଥିଲେ । ତେବେ ସାଧାରଣ ନିର୍ବାଚନ ପୁର୍ବରୁ ତାଙ୍କର ବ୍ରହ୍ମପୁରକୁ ବଦଳି ହୋଇଥିଲା । ଆଜି କାର୍ଯ୍ୟରେ ଯୋଗଦାନ କରିବା ପରେ ତାଙ୍କୁ ସମସ୍ତ କର୍ମଚାରୀ, ସିଆରସିସି, ବିଆର୍‌ସିସି ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନେ ଭେଟି ସ୍ୱାଗତ କରିଥିଲେ । ତେବେ ବାଣପୁର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ ହୋଇଥିବାବେଳେ ସରକାରଙ୍କ ନୂତନ ଶିକ୍ଷାନୀତିକୁ ଆଗାମୀ ଦିନରେ କିପରି ସଠିକ ଭାବେ ଏଠାରେ ଲାଗୁ କରାଯିବା ସହ ବ୍ଲକ ଓ ଏନ୍‌ଏସିରେ ଅବସ୍ଥିତ ସମସ୍ତ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ସୁଦୃଢ଼ କରାଯିବ ସେ ଦିଗରେ କାର୍ଯ୍ୟ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି । ସ୍କୁଲ ଖୋଲିବାକୁ ଆଉ ଦିନ କେଇଟା ବାକିଥିବାବେଳେ ନୂତନ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀ ମାନେ କିପରି ସୁରୁଖୁରୁରେ ପାଠପଢ଼ିବେ ସେ ଦିଗରେ ଯତ୍ନବାନ ହେବେ ବୋଲି କହିଛନ୍ତି ।

# ପିଏମ୍‌ଶ୍ରୀ ଜବାହର ବିଦ୍ୟାଳୟରେ ନୂତନ ଅଧକ୍ଷଙ୍କ ଯୋଗଦାନ



**କୋଣାର୍କ,୨।୬/ଏନ୍ଏନ୍ଏସ୍:** କୋଣାର୍କ ଭଗବତୀ ବିହାର ସ୍ଥିତ ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ନୂତନ ସ୍ଥାୟୀ ଅଧକ୍ଷ ଭାବେ ଡକ୍ଟର ବିଶ୍ୱନାଥ ଖିଲାର କାର୍ଯ୍ୟଭାର ଗତ ୩୦ ତାରିଖରେ ଗ୍ରହଣ କରି ଆଜି ସୋମବାର ସେ ନିଜର ପ୍ରଥମ ଦିନର କାର୍ଯ୍ୟ ଆରମ୍ଭ କରିଥିଲେ । ବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ. ମମତାମୟୀ ଚୌଧୁରୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀମାନେ ନୂତନ ଅଧ୍ୟକ୍ଷ ଡକ୍ଟର ଖିଲାର ଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇ କାର୍ଯ୍ୟାଳୟ ମଧ୍ୟକୁ ପାଛୋଟି ନେଇଥିଲେ । ସେ ଝାଡ଼ଖଣ୍ଡ, ବାଙ୍ଗାଲୋର ପରି ଅନେକ ରାଜ୍ୟର ନବୋଦୟ ବିଦ୍ୟାଳୟରେ ଅଧକ୍ଷ ଭାବେ ସଫଳତାର ସହ କାର୍ଯ୍ୟକରି ଓଡ଼ିଶାର ଭଦ୍ରକ ନବୋଦୟ ବିଦ୍ୟାଳୟରେ କାର୍ଯ୍ୟରତ ଥିଲା ବେଳେ ବଦଳି ହୋଇ ଏବେ କୋଣାର୍କ ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ଯୋଗଦେଇଥିବା ଜଣାପଡ଼ିଛି । କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଡକ୍ଟର ଖିଲାରଙ୍କ ଯୋଗଦାନକୁ ସ୍ୱାଗତ କରିଛନ୍ତି ।

# ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅଣଦେଖା

**କୁଆଁପାଳ,୨।୬/ଏନ୍ଏନ୍ଏସ୍:** ଗତ କିଛି ଦିନ ତଳେ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ ଶିକ୍ଷା ବିକାଶ କର୍ମଶାଳା ଓ ଚଳିତ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ତତ୍ତ୍ୱାବଧାନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ମୋନାଲିସା ସରକାର ସଭାପତିତ୍ୱ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ, ସମ୍ମାନିତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ପ୍ରମୁଖ ଯୋଗଦେଇ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ଛାତ୍ରଛାତ୍ରୀଙ୍କ କୃତିତ୍ୱକୁ ଭୂୟଶୀ ପ୍ରଶଂସା କରି ଉଭୟ ବ୍ଲକର ସର୍ବୋଚ୍ଚ ନମ୍ବରରେ ପାସ୍ କରିଥିବା ପ୍ରାୟ ୪୦ଜଣ ଛାତ୍ରଛାତ୍ରୀଙ୍କୁ ନଗଦ ଅର୍ଥ ରାଶି ସହ ସମ୍ବର୍ଦ୍ଧିତ କରିଥିଲେ । ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୮୧ ଜଣଙ୍କ ମଧ୍ୟରୁ ଶତକଡା ୯୦ଭାଗରୁ ଉର୍ଦ୍ଧ୍ୱ ନମ୍ବର ରଖି ୧୧ଜଣ ଛାତ୍ରଛାତ୍ରୀ ପାସ୍ କରିଥିଲା ବେଳେ ଶତକଡା ୮୫ରୁ ୯୦ ମଧ୍ୟରେ ୧୩ଜଣ ଶତକଡା ୮୦ରୁ ୮୫ ମଧ୍ୟରେ ୧୦ଜଣ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଛନ୍ତି । ଦୁଇ ବ୍ଲକର ପ୍ରାୟ ୪୦ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ମାହାଙ୍ଗା ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଉପେକ୍ଷା କରାଯାଇ ସମ୍ବର୍ଦ୍ଧନା କରାଯିବା ତ ଦୂରର କଥା ସଭା ସ୍ଥଳକୁ ଆସିବା ପାଇଁ ନିମନ୍ତ୍ରଣ କରାଯାଇନଥିବାରୁ ଅଭିଭାବକ ମହଲରେ ଘୋର ଅସନ୍ତୋଷ ବ୍ୟକ୍ତ କରାଯାଇଛି । ଅପରପକ୍ଷରେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀ ପୂର୍ବରୁ ଶୁକ୍ଲେଶ୍ୱରଠାରେ ଥିବା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ସେ କିଭଳି ଜାଣି ପାରିଲେ ନାହିଁ ଯେ ମାହାଙ୍ଗାରେ ଥିବା ଆଦର୍ଶ ବିଦ୍ୟାଳୟରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଚଳିତ ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଛନ୍ତି । ଅପରପକ୍ଷରେ ବେସରକାରୀ ବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା ବେଳେ ଆଦର୍ଶ ବିଦ୍ୟାଳୟକୁ ଉପେକ୍ଷା କରାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏଥିସହିତ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀଙ୍କ ପାରିବାପଣିଆ ପଦାରେ ପଡ଼ିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଧାନମଣ୍ଡି ଖୋଲିବାରେ ବିଳମ୍ବ ଅଭିଯୋଗ, ଚାଷୀ ଅସନ୍ତୁଷ୍ଟ

**କଣାସ,୨।୬/ଏନ୍ଏନ୍ଏସ୍:** କୃଷକମାନଙ୍କ ପ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କୁ ଉଚିତ ମୂଲ୍ୟରେ ଧାନ କିଣିବା ପାଇଁ ପ୍ରତି ବ୍ଲକରେ ଥିବା ବିଭିନ୍ନ ସମବାୟ ସମିତି ଜରିଆରେ ସରକାରୀ ଧାନମଣ୍ଡି ପ୍ରତିବର୍ଷ ଖୋଲୁଥିବାବେଳେ ଚଳିତ ବର୍ଷ କଣାସ ବ୍ଲକର କୌଣସି ସମବାୟ ସମିତିରେ ମଣ୍ଡି ଖୋଲିନଥିବା ଜଣାପଡ଼ିଛି । ଆନ୍ଧ୍ରର ଧାନ ବେପାରୀ ମାନେ କଣାସ ଅଞ୍ଚଳ ଦଲାଲମାନଙ୍କୁ ଧରି ଶାଗ ମାଛ ଦରରେ ଧାନ ସଂଗ୍ରହ କରି ନେଉଛନ୍ତି । ଚାଷୀମାନେ ବିଭିନ୍ନ ବ୍ୟାଙ୍କ ସମବାୟ ସମିତି ଗ୍ରାମ୍ୟ ମହାଜନମାନଙ୍କଠାରୁ ଚଢ଼ାଦରରେ ସୁଧ ଆଣି ରବି ଧାନ ଚାଷ କରିଥିଲେ । ଧାନ ଅମଳ ହେବା ପରେ ଧାନ ବିକ୍ରୟ କରି ମହାଜନ ଶୁଝିବେ । ଏଥିପାଇଁ ଚାଷୀମାନେ ନଅ ଛଅ ଦରରେ ଧାନ ବିକ୍ରୟ କରୁଥିବା ଚାଷୀମାନେ କିହନ୍ତି । ଲଘୁଚାପ ଜନିତ ବର୍ଷା ଆସୁଥିବାରୁ ରାସ୍ତାକଡ଼ରେ ଚାଷୀମାନେ ଧାନ ବସ୍ତା ରଖି ଆନ୍ଧ୍ର ଟ୍ରକ୍‌କୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି । ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କୁ କଣାସଠାରେ କଣାସ ପଞ୍ଚାୟତର ଚାଷୀ ଶ୍ରୀକାନ୍ତ ପଟ୍ଟଯୋଶୀ ଏବଂ ଅନ୍ୟ ଚାଷୀମାନେ ଏକତ୍ରିତ ହୋଇ ତୁରନ୍ତ ସରକାରୀ ଧାନମଣ୍ଡି ଖୋଲିବା ପାଇଁ ଦାବି କରିଥିଲେ ।

# ‘ମାହାଙ୍ଗା ଇତିହାସ’ ପୁସ୍ତକର ଲୋକାର୍ପଣ ଉତ୍ସବ



**କୁଆଁପାଳ,୨।୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ଅଧିନସ୍ଥ ବିଦେହୀମଠ ପରିସରରେ ମାହାଙ୍ଗା ସାହିତ୍ୟ ସମାଜ ଆନୁକୂଲ୍ୟରେ ଡ. ଏକାଦଶୀ ପ୍ରଧାନଙ୍କ ରଚିତ ମାହାଙ୍ଗା ଇତିହାସ ପୁସ୍ତକର ଲୋକର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ କଲେଜର ପ୍ରାକ୍ତନ ଅଧକ୍ଷ ଡ. ଜନାର୍ଦ୍ଦନ ରାଉତ, ସମ୍ମାନୀତ ଅତିଥି ଭାବେ ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନ, ଶିକ୍ଷାବିତ୍ ଡ. ଜୟରାମ ସ୍ୱାଇଁ, ରାଜ୍ୟପାଳଙ୍କ ହିନ୍ଦୀ ଅଫିସର ତଥା କବି ଡ. ନାରାୟଣ ମୁଦୁଲି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଭକ୍ତ ଚରଣ ସାହୁ ଯୋଗଦେଇ ଡ. ଏକାଦଶୀ ପ୍ରଧାନଙ୍କ ମାହାଙ୍ଗା ଇତିହାସ ପୁସ୍ତକ ମାହାଙ୍ଗା କାହିଁକି ସାରା ଓଡିଶା ପାଇଁ ଏକ ଦସ୍ତାବିଜ ବୋଲି ମତ ପ୍ରକାଶ କରିଥିଲେ । ବରୁଣେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଭାଗ୍ୟଧର ରାଉତଙ୍କ ସଭାପତିତ୍ୱରେ ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, କବୟିତ୍ରୀ ସୁଷମା ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ ଶତାଧିକ କବି ଯୋଗଦେଇ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଡ. ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ମାହାଙ୍ଗା ଇତିହାସ ପୁସ୍ତକକୁ ଲୋକାର୍ପଣ କରିଥିଲେ । ଡ. ପ୍ରଧାନଙ୍କ ରଚିତ ଏହି ପୁସ୍ତକରେ ମାହାଙ୍ଗାର ନାମକରଣ, ସ୍ୱାଧୀନତା ସଂଗ୍ରାମ, ମାହାଙ୍ଗାସାହିତ୍ୟ ସଂସ୍କୃତିର ଅବଦାନ ସଂପର୍କରେ ଆଲୋଚନା କରିବା ସହିତ ଲେଖକଙ୍କର ଉଦ୍ୟମକୁ ଭୂୟଶୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଆୟକର କମିଶନର ତଥା ଶରତ କର ଓ ଅନିମା କର ଫାଉଣ୍ଡେସନର ଅଧକ୍ଷ ଶୋଭନ କର ଯୋଗଦେଇ ମାହାଙ୍ଗା ସାହିତ୍ୟର ଗନ୍ତାଘର ବୋଲି ମତବ୍ୟକ୍ତ କରିବା ସହ ଲେଖକଙ୍କର ନିଆରା ଉଦ୍ୟମ ଯାହା ମାହାଙ୍ଗାବାସୀଙ୍କ ପାଇଁ ଓ ଓଡିଆ ସାହିତ୍ୟ ଭଣ୍ଡାରକୁ ଅମୂଲ୍ୟ ଦାନ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ, ଚୌଦ୍ୱାରା କଲେଜର ପ୍ରାକ୍ତନ ଅଧକ୍ଷ ଡ. ନିରଞ୍ଜନ ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ ଡ. ରବିନ୍ଦ୍ର ବିହାରୀ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ.ଭୁବନାନନ୍ଦ ସାହୁ, ସମ୍ମାନୀତ ଭକ୍ତା ଭାବେ ଗୀତିକାର ବିଶ୍ୱେଶ୍ୱର ମହାନ୍ତି ଯୋଗଦେଇ ମାହାଙ୍ଗା ଇତିହାସ ପୁସ୍ତକର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିବା ସହ ଲେଖକ ଡ. ପ୍ରଧାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ କବି ଗୌତମ ଚରଣ ଜେନା, କୁଞ୍ଜ କଳିକାର ସଂପାଦକ ରାଜକିଶୋର ମିଶ୍ର, କଲ୍ଲୋଳ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଶାରଦା ପ୍ରସାଦ ମିଶ୍ର, ଡ. ବିବେକାନନ୍ଦ ସିଂ, ପରିବେଶବିତ୍ ପ୍ରମୋଦ କୁମାର ଦାଶ, ସ୍ତମ୍ଭକାର ତଥା ନିର୍ଭୀକ ପତ୍ରିକାର ସଂପାଦକ ଅବନୀ ଚନ୍ଦ୍ର ଦାସ, କବୟିତ୍ରୀ ଲବଙ୍ଗଲତା ରାଉତ, ସୁଷମା ବାରିକ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବି ଫକୀର ଚରଣ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧାପକ, ଅଧାପିକା,ବୁଦ୍ଧିଜୀବୀ, କବି ଓ କବୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ କବି ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


**ନିତି ଭାରତୀ**

ଯେସାକୁ ତେସା ବା ହିଂସାର ପ୍ରତିଶୋଧ ହିଂସାଚରଣରେ ନିଆଯିବା ଭଳି ନୀତି ଦିନେ ସାରା ବିଶ୍ୱକୁ ମାନବଶୂନ୍ୟ କରିଦେବ। - **ମହାତ୍ମା ଗାନ୍ଧୀ**

NITIDIN
ନିତିଦିନ
ମଙ୍ଗଳବାର, ୩ ଜୁନ୍ ,୨୦୨୫

# ଜୈବ ବୈଚିତ୍ର୍ୟ ଓ ବିପନ୍ନ ବିବିଧତା

ପୃଥିବୀର ସମସ୍ତ ଜୀବ ଜାତି ଏକ ବୃହତ୍ତର ପରିବେଶର ଅଂଶ। ପୃଥିବୀ ପୃଷ୍ଠରେ ଜଳବାୟୁ ଓ ପରିବେଶ ଆଧାରରେ ମରୁଭୂମିଠାରୁ ଆରମ୍ଭ କରି ତୃଣଭୂମି ଏବଂ ମାଟିରୁ ଆରମ୍ଭ କରି ପର୍ବତ ଶିଖର ପର୍ଯ୍ୟନ୍ତ ବହୁ ବିବିଧତା ମଧ୍ୟରେ ଭିନ୍ନ ଭିନ୍ନ ଜୀବଜନ୍ତୁ ଓ ବୃକ୍ଷଲତାର ସୃଷ୍ଟି। ପ୍ରାଣୀ ଓ ଉଦ୍ଭିଦ- ସମସ୍ତ ଜୀବନ ଚକ୍ରର ଭାରସାମ୍ୟ ରକ୍ଷା କରି ଗଡ଼ି ଚାଲିଛି ପୃଥିବୀର ଗତିଚକ୍ର। ପୃଥିବୀର ସବୁ ପ୍ରକାର ଉଦ୍ଭିଦ ସମାନ ନୁହେଁ କି ଏକା ପରି ନୁହନ୍ତି ସବୁ ପ୍ରକାରର ପ୍ରାଣୀ। କିଏ ଏଠି ଖାଦ୍ୟ ତ କିଏ ପୁଣି ଖାଦକ; କିଏ ତୃଣଭୋଜୀ ତ କିଏ ମାଂସଭୋଜୀ ଓ କିଏ ହିଂସ୍ର ତ କିଏ ନିରୀହ। ପୃଥିବୀରେ ଜୀବ ଜଗତର ପ୍ରକାର ଭେଦ, ସ୍ୱତନ୍ତ୍ରତା ଓ ବୈଚିତ୍ର୍ୟ ସତ୍ତ୍ୱେ ବିଭିନ୍ନ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦମାନଙ୍କର ସହାବସ୍ଥାନ ହିଁ ଜୈବ ବିବିଧତା। ଅନ୍ୟ ଭାବରେ କହିଲେ,



ପ୍ରଫୁଲ୍ଲ କୁମାର ସାହୁ

ଜୈବ ବିବିଧତା ହେଉଛି ବିଭିନ୍ନ ପରିସଂସ୍ଥାମାନଙ୍କରେ ଉପସ୍ଥିତ ଜୀବମାନଙ୍କ ମଧ୍ୟରେ ଥିବା ଆପେକ୍ଷିକ ବିବିଧତାର ଏକ ମାପ। ଏତେ ପ୍ରକାର ଜୀବ ସୃଷ୍ଟିର ରହସ୍ୟ କଥା ଭାବିଲେ ଯେତିକି ଆଶ୍ଚର୍ଯ୍ୟ ଲାଗେ, ସେତିକି ଆହ୍ଲାଦ ଆଣେ ସେମାନଙ୍କ ମଧ୍ୟରେ ଏତେ ଭିନ୍ନତା ସତ୍ତ୍ୱେ ସହାବସ୍ଥାନର ସୂତ୍ର!

ପ୍ରକୃତି ହେଉଛି ବିବିଧତାର ଜନନୀ। ପୃଥିବୀର ସମସ୍ତ ପ୍ରାଣୀ ଓ ଉଦ୍ଭିଦର ମଙ୍ଗଳ କାମନା ହିଁ ସହାବସ୍ଥାନର ଉଦ୍ଦେଶ୍ୟ। ପ୍ରକୃତି କୋଳରେ ଜୀବନ ଧାରଣ କରିଥିବା ପ୍ରତ୍ୟେକ ପ୍ରାଣୀ ଓ ଉଦ୍ଭିଦର ଜୀବନ ଜଗତ ପାଇଁ ଏକ ସ୍ୱତନ୍ତ୍ର ଭୂମିକା ରହିଛି ଏବଂ ସେମାନେ ପରସ୍ପର ଉପରେ ନିର୍ଭରଶୀଳ। ପରିବେଶ ଶୃଙ୍ଖଳରେ ଗୋଟିଏ ପ୍ରଜାତିର ଉପସ୍ଥିତି ବିନା ବିପନ୍ନ ହୋଇ ପଡ଼ିବ ତା' ଉପରେ ନିର୍ଭର କରୁଥିବା ଅନ୍ୟ ପ୍ରଜାତିର ଅସ୍ତିତ୍ୱ। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ ସୁରକ୍ଷିତ ଜୀବନକୁ ସୁନିଶ୍ଚିତ କରିବା ପାଇଁ ପ୍ରକୃତିରେ ରହିଛି ସ୍ୱୟଂକ୍ରିୟ ବ୍ୟବସ୍ଥା। ଦୁର୍ଭାଗ୍ୟର ବିଷୟ, ସେହି ବ୍ୟବସ୍ଥାକୁ ନିରନ୍ତର ବିଗାଡ଼ି ଚାଲିଛି ମଣିଷ। ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବରେ ବ୍ୟବସ୍ଥାକୁ କ୍ରିୟାଶୀଳ କରିବାରେ ଯତ୍ନବାନ ହେବା ପରିବର୍ତ୍ତେ ଉଦ୍ଭିଦ ଜଗତ ଓ ପ୍ରାଣୀ ଜଗତ ବିରୁଦ୍ଧରେ ଜାରି ରଖିଛି ସଂଘର୍ଷ। ବିଜ୍ଞାନୀ ମଣିଷର ଏହି ଅପରିଣାମଦର୍ଶିତା ପାଇଁ ପୃଥିବୀରେ ଜୈବ ବୈଚିତ୍ର୍ୟ ଓ ବିବିଧତା ଏବେ ଶୋଚନୀୟ ଭାବରେ ବିପନ୍ନ। ଯେଉଁ ପରିମାଣରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅପପ୍ରୟୋଗ ହେଉଛି, ସେହି ମାତ୍ରାରେ ବୃଦ୍ଧି ପାଉଛି ପରିବେଶ ପ୍ରଦୂଷଣ। ଜଙ୍ଗଲ କ୍ଷୟ ଓ ଜୀବଜନ୍ତୁ ଶିକାର ଯୋଗୁଁ ସୁଗମ ହେଉଛି ବିଭିନ୍ନ ପ୍ରଜାତିର ବିଲୟ ପ୍ରକ୍ରିୟା। ବିପଜ୍ଜନକ ଭାବରେ ଘନଘନ ବଦଳୁ ଥିବା ଜଳବାୟୁ ସହିତ ଖାପ ଖୁଆଇ ଚଳିବା ପ୍ରକ୍ରିୟାରେ ଏବେ ପ୍ରତି ଘଣ୍ଟାରେ ପୃଥିବୀରୁ ଲୋପ ପାଇ ଯାଉଛି ତିନୋଟି ପ୍ରଜାତି।

ମଣିଷର ମାନବିକତା ଅକ୍ଷୁଣ୍ଣ ରହିଲେ ଅକ୍ଷତ ରହିବ ଜୈବ ବିବିଧତା। ଏହି ମର୍ମରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିବା ଆଲବର୍ଟ ସ୍ୱେଇଜର କୁହନ୍ତି- 'ବିଶ୍ୱର ସମସ୍ତ ଜୀବଙ୍କ ପାଇଁ ଅନୁକମ୍ପାଶୀଳ ହେବା ମଣିଷ ଜାତି ପକ୍ଷରେ ଯଥାର୍ଥ ମାନବିକତା।' ତାଙ୍କ କହିବା ଅନୁସାରେ, ସହ-ଜୀବନ ଓ ସହ- ଅସ୍ତିତ୍ୱର ମୂଲ୍ୟ ମାନବିକତାର ଅସଲ ପୁଞ୍ଜି। ଏହି କଥାଟି ଆମ ଅପେକ୍ଷା ଅଧିକ ବୁଝିଥିଲେ ଆମ ପୂର୍ବଜମାନେ। ସେମାନେ ଜୈବ ବିବିଧତାର ମହତ୍ତ୍ୱକୁ ମର୍ମେ ମର୍ମେ ଉପଲବ୍ଧି କରିଥିଲେ ଏବଂ ଏକ ପରିବେଶ ସମ୍ବେଦୀ ଦୃଷ୍ଟିଭଙ୍ଗୀ ନେଇ ଆମ ଧର୍ମୀୟ ଆଚରଣ ସହ ଯୋଡ଼ିଥିଲେ 'ଜୀବେଦୟା ଭାବ'। ପଶୁପକ୍ଷୀ ଓ ବୃକ୍ଷଲତାଙ୍କୁ ଧର୍ମ ସହିତ ଯୋଡ଼ି ସୃଷ୍ଟି କରିଥିଲେ ସେମାନଙ୍କୁ ଆରାଧନା କରିବାର ପରମ୍ପରା। ମଣିଷ ଯେ ପର୍ଯ୍ୟନ୍ତ ଧର୍ମୀୟ ପରମ୍ପରାର ଏହି ସୁନ୍ଦରତା ଓ ମହାନତାକୁ ମାନି ଚଳୁଥିଲା, ସେ ପର୍ଯ୍ୟନ୍ତ ପରିବେଶ ଥିଲା ଶାନ୍ତ ଓ ସନ୍ତୁଳିତ। ମାତ୍ର ମଣିଷ ଏହାକୁ ଅନ୍ଧବିଶ୍ୱାସ ବୋଲି କହି ନିଜ ଆଚରଣରେ ପରିବର୍ତ୍ତନ ଆଣିବା ପରେ ଖୋଲିଗଲା ପରିବେଶ ପ୍ରଦୂଷଣର ବାଟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରତ୍ୟେକ ପ୍ରାଣୀ ଖାଦ୍ୟ ଶୃଙ୍ଖଳର ଗୋଟିଏ ଗୋଟିଏ କଡ଼ି ଏବଂ ସେଗୁଡ଼ିକ ପରସ୍ପର ସହ ଏଭଳି ସଂଶ୍ଳିଷ୍ଟ ଯେ ଗୋଟିଏ କଡ଼ିର ଅନୁପସ୍ଥିତିରେ ବିପର୍ଯ୍ୟସ୍ତ ହୋଇଯିବ ସମସ୍ତ ଶୃଙ୍ଖଳ। ପ୍ରାଚୀନ ପରମ୍ପରା ଭିତରେ ଥିବା ଏହି ବୈଜ୍ଞାନିକ ବାର୍ତ୍ତାକୁ ନିରୀକ୍ଷଣ ନ କରି ଆମ ଧର୍ମୀୟ ପରମ୍ପରାକୁ ଅନେକ ଅନ୍ଧବିଶ୍ୱାସ କହିଲେ, ଯାହା ଫଳରେ ପରିବେଶ ଉପରେ ପଡ଼ିଲା ପାହାର।

ଧରିତ୍ରୀ ହେଉଛି ଆମ ସମସ୍ତଙ୍କର ମାଆ। ତା' ଉପରେ ମଣିଷର ଯେତିକି ଅଧିକାର, ସେତିକି ଅଧିକାର ରହିଛି ଜୀବଜନ୍ତୁଙ୍କର। ତେଣୁ ସର୍ବନିମ୍ନ ସମ୍ବଳ ସହିତ ବଞ୍ଚିବା ଏବଂ ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବ୍ୟବହାର କରିବା ଥିଲା ବୈଦିକ ସଭ୍ୟତାର ଦୁଇଟି ପ୍ରଧାନ ନୀତି। ମାଟି ହେଉଛି ସୃଷ୍ଟି ସର୍ଜନାର ମୂଳାଧାର। ମୃତ୍ତିକାରୁ ହିଁ ଜୈବ ବିବିଧତାର ମୁଖ୍ୟ ଆଧାର। ଏକକୋଷୀ ଜୀବନରୁ ଆରମ୍ଭ ହୋଇଥିବା ପୃଥିବୀର ଜୀବନ ଅଭିଯାନ ଆଜି ମଣିଷ ପରି ଉନ୍ନତ ଓ ଚିନ୍ତାଶୀଳ ପ୍ରାଣୀ ପାଖରେ ପହଞ୍ଚି ପାରିବା ପଛରେ ରହିଛି ମାଟିର ବଳିଷ୍ଠ ଭୂମିକା। ମାଟିରୁ ଆରମ୍ଭ ଜୀବନ ଜିଇଁବାର କାହାଣୀ। ବକ୍ଷରୁ ଅମୃତ ସଦୃଶ ଜଳ ଦେଇ ସେ ବଞ୍ଚିବା ଶିଖେଇଛି ଏବଂ ଜୀବନ ଓ ଜଗତ ପାଇଁ ଗଢ଼ି ଦେଇଛି ମନୋରମ ପରିବେଶ। ବେଦରେ ଅଛି- 'ଭୂମି ମାତା ପୁତ୍ରୋହମ୍'। ଜୈବ ବିଭିନ୍ନତାର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରାକୃତିକ ସମ୍ପଦର ମାତ୍ରାଧିକ ବ୍ୟବହାରକୁ ବାରଣ କରାଯାଇଥିଲା, ଯାହାକୁ ଅକ୍ଷରେ ଅକ୍ଷରେ ମାନି ଚଳୁଥିଲେ ଆମ ପୂର୍ବଜମାନେ। ନିଜର ନ୍ୟାୟୋଚିତ ଆକାଂକ୍ଷାଗୁଡ଼ିକର ପୂରଣ ପାଇଁ ସେମାନେ କାମନା କରୁଥିଲେ ଧରିତ୍ରୀ ମାତାର ଆଶୀର୍ବାଦ। ମାତ୍ର ପରବର୍ତ୍ତୀ ସମୟରେ ଆମକୁ ଲୋଭ ଏମିତି ଗ୍ରାସିଲା ଯେ ଉଦ୍ଧତ ଅର୍ଥନୈତିକ ଶକ୍ତିମାନଙ୍କ ମଧ୍ୟରେ ଚାଲିଲା ମାଟି ଉପରେ ପତିଆରା ଜାହିର କରିବାର ପ୍ରତିଯୋଗିତା। ମାଟିର ଦାୟିତ୍ୱହୀନ ବ୍ୟବହାର ଦ୍ୱାରା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେଲା ପ୍ରାକୃତିକ ପରିସଂସ୍ଥା।

ଜଙ୍ଗଲ ବିଶ୍ୱର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୈବ ବିବିଧତାର ଗନ୍ତାଘର। ଏହା ଏପରି ଏକ ଜଟିଳ ପରିସଂସ୍ଥା, ଯେଉଁଠି ପ୍ରାକୃତିକ ନିୟମର ବଶବର୍ତ୍ତୀ ହୋଇ ଜୀବନ ବଞ୍ଚନ୍ତି ହାତୀ ଭଳି ବିରାଟ ପ୍ରାଣୀଠାରୁ କୀଟ ପତଙ୍ଗ ଓ ଅଣୁଜୀବ ପର୍ଯ୍ୟନ୍ତ ଅଗଣିତ ପ୍ରଜାତି। ଜୀବନ ରକ୍ଷାକାରୀ ପରିବେଶ ତନ୍ତ୍ରର ସଂରକ୍ଷଣ ଓ ତଥା ସବୁଜ ସମ୍ପଦର ସଂରଚନା ଓ ସମୃଦ୍ଧି ନିମନ୍ତେ ବଣରେ ସମସ୍ତେ




ସକ୍ରିୟ। ବିଶାଳ ବପୁଧାରୀ ହାତୀ ଦୈନିକ ପ୍ରାୟ ଅଠର ଘଣ୍ଟା ଚରିବୁଲି ଖାଇବା ସହିତ ବାରରୁ ପନ୍ଦର ଥର ମଳତ୍ୟାଗ କରେ ଏବଂ ମଳ ଜରିଆରେ ବୁଣେ ଦଶ ହଜାରରୁ ଅଧିକ ମଞ୍ଜି। ସେଥିରୁ ଜନ୍ମ ନିଏ ବେଲ, କୁମ୍ଭି, କଇଁଥ, ଚାର, ମହୁଲ, ଅଁଳା, କୁସୁମ, ଆମ୍ବ, ପଣସ ଆଦି ଅନେକ ପ୍ରକାର ଗଛ। ହାତୀର ମଳ ପୁଣି ଅନେକ କ୍ଷୁଦ୍ର ଜୀବଙ୍କ ଖାଦ୍ୟ ଭଣ୍ଡାର ଓ ଅଣୁଜୀବଙ୍କ ଆବାସ। ଫୁଲଟିଏ ଫଳରେ ପରିଣତ ହେବା ପାଇଁ ଆବଶ୍ୟକ ପରାଗ ସଙ୍ଗମ। ପ୍ରାୟତଃ ୭୫ ପ୍ରତିଶତରୁ ଅଧିକ ଉଦ୍ଭିଦର ପରାଗ ସଙ୍ଗମ ସମ୍ଭବ ହୁଏ କୀଟ ପତଙ୍ଗଙ୍କ ସହାୟତାରେ। ପରାଗ ସଙ୍ଗମରେ ସକ୍ରିୟ ଯୋଗଦାନ ରଖିଥିବା କୀଟ ପତଙ୍ଗ ମଧ୍ୟରେ ମହୁମାଛିର ସ୍ଥାନ ସବା ଆଗରେ। କୀଟ ବିଶେଷଜ୍ଞଙ୍କ ପର୍ଯ୍ୟବେକ୍ଷଣ ତଥ୍ୟ ଅନୁସାରେ, ଗୋଟିଏ ମହୁମାଛି ଦୈନିକ ଏକ ହଜାରରୁ ଅଧିକ ଫୁଲର ପରାଗ ସଙ୍ଗମ କରାଏ ଏବଂ ଏହି ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ମଞ୍ଜି ଓ ଫଳ ଉପରେ ଖାଦ୍ୟ ପାଇଁ ନିର୍ଭର କରନ୍ତି ମନୁଷ୍ୟ ସମେତ ଅନେକ ପ୍ରଜାତିର ପକ୍ଷୀ ଓ ପତଙ୍ଗ। ବୃକ୍ଷର ସାମଗ୍ରିକ ଅବଦାନ ଓ ପାରିବେଶିକ ସେବାର ମୂଲ୍ୟାୟନ କରି ବିଶେଷଜ୍ଞମାନେ କୁହନ୍ତି- ଏହା ମୌଳିକ ଖାଦ୍ୟ ଉତ୍ପାଦନକାରୀ ତଥା ନିର୍ମଳ ଜଳ ଓ ବିଶୁଦ୍ଧ ପବନର ଆଧାର। ସେଥିପାଇଁ ବୃକ୍ଷକୁ ଦେବତା ଜ୍ଞାନ କରି ଏକଦା ସବୁଜ ବନାନୀ ମନ୍ତ୍ର ଉଚ୍ଚାରଣ କରୁଥିଲେ ଏ ଦେଶର ମୁନିଋଷିଗଣ। ଦୁର୍ଭାଗ୍ୟର ବିଷୟ, ଗତ ତିନି ଶହ ବର୍ଷ ମଧ୍ୟରେ ଧ୍ୱଂସ ପାଇଁ ସାରିଛି ପାଖାପାଖି ୪୦ ପ୍ରତିଶତ ଜଙ୍ଗଲ।

ପାହାଡ଼, ତୃଣଭୂମି ଓ ଆର୍ଦ୍ରଭୂମି ଇତ୍ୟାଦି ଜୈବ ବିବିଧତାର ଅମାପ ଭଣ୍ଡାର। ଅନେକ ପ୍ରାକୃତିକ ଚକ୍ରୀୟ ପ୍ରକ୍ରିୟାକୁ ବଜାୟ ରଖି ପାରୁଥିବା ଆର୍ଦ୍ରଭୂମି ସନ୍ତସନ୍ତିଆ ଓ ତା'ର ଉପରି ଭାଗ ଘାସ ଦ୍ୱାରା ଆଚ୍ଛାଦିତ ହୋଇଥିବାରୁ ବିଭିନ୍ନ ପ୍ରଜାତିର ପକ୍ଷୀ, ସ୍ତନ୍ୟପାୟୀ ପ୍ରାଣୀ ତଥା କୀଟ ପତଙ୍ଗ ଆଦିଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ଚାରଣ ଭୂମି ଓ ପ୍ରଜନନ କ୍ଷେତ୍ର। ବୃକ୍ଷଲତା ବଢ଼ିବା ପାଇଁ ମଧ୍ୟ ଆର୍ଦ୍ରଭୂମି ଯୋଗାଏ ଅନୁକୂଳ ପରିବେଶ। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଆମ ଦେଶରେ ପ୍ରାୟ ଏକ ତୃତୀୟାଂଶ ଆର୍ଦ୍ରଭୂମିର ଅବକ୍ଷୟ ଘଟିଛି ଗଲା ପଚାଶ ବର୍ଷ ଭିତରେ। ଚିର ମୌନ ମୁଦ୍ରାରେ ଦଣ୍ଡାୟମାନ ପାହାଡ଼ଗୁଡ଼ିକ କେବଳ ନୈସର୍ଗିକ ଶୋଭାର ଗନ୍ତାଘର ନୁହେଁ, ତାହା ଜୀବନ ଜୀବିକାର ଆଧାର। ପାହାଡ଼ରୁ ସୃଷ୍ଟି ହୁଏ ଝରଣା ଓ ଝରଣାରୁ ନଦୀ, ଯାହା ଉପରେ ନିର୍ଭର କରି ବଞ୍ଚନ୍ତି ଅନେକ ପ୍ରଜାତିର ପ୍ରାଣୀ। ମାତ୍ର ବିକାଶ ନାଁରେ ଏଠି ଅବିଚାରିତ ଭାବରେ ଭଙ୍ଗା ଚାଲିଛି ପାହାଡ଼। ଦିନରାତି ବୁହା ଚାଲିଛି ପଥର। ମଣିଷ ଯଦି ଏଭଳି ପ୍ରକୃତି ବିରୋଧୀ ଅଭିଯାନରୁ ଓହରି ନ ଆସେ, ତେବେ ଜୀବଜନ୍ତୁଙ୍କ ପ୍ରାକୃତିକ ଆବାସସ୍ଥଳୀ ଧ୍ୱଂସ ପାଇବା ସହିତ ଉଜୁଡ଼ି ଯିବ ଉଦ୍ଭିଦ ପରିସଂସ୍ଥାନ। ବିପର୍ଯ୍ୟସ୍ତ ହୋଇଯିବ ଜୈବ ବିବିଧତା।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର**
**ଭଦ୍ରକ, ମୋ: ୬୩୭୧୬୪୨୪୬୪**

# ମୋ ଅର୍ଜିତ ପାପ ମୋ ଦୁଃଖର କାରଣ

ଆଉ ଟିକିଏ ଆଗେଇ କରି କହିଲେ- 'ମୋର ଅର୍ଜିତ ପାପ ମୋର ଦୁଃଖର କାରଣ/ ଏଇ ପାପକୁ ଏବେ କରୁଛି ସ୍ମରଣ।' ସଦ୍ୟ ପରଲୋକଗତ ଜଣେ ବିଶିଷ୍ଟ ବ୍ୟକ୍ତି ନିଜର ପରିଣତ ବୟସରେ ଯାହାକୁ ଭେଟିଲେ, ତାଙ୍କୁ ଏପରି କହୁଥିଲେ। ଶେଷ ଜୀବନ କଟିଥିଲା ନିଜେ ନିର୍ମାଣ କରିଥିବା ଏକ ସାତ ବେଡ୍‌ରୁମ୍‌ବିଶିଷ୍ଟ ବିରାଟ ଦୋ' ମହଲା ଘରେ। ଘରେ ସମ୍ପୂର୍ଣ୍ଣ ଏକଲା। କେବଳ ଦୁଇ ତିନି ଜଣ ସେବାକାରୀଙ୍କ ଗହଣରେ ଜୀବନ କଟୁଥିଲା। ବାପା ମା', ସାନ ଭାଇ ଭଉଣୀମାନେ, ସ୍ତ୍ରୀ ଓ ପୁଅଝିଅ ସମସ୍ତେ ମୃତ। ପ୍ରାୟ ୪ ବର୍ଷରୁ ଅଧିକ 'ଏକଲା ଜୀବନ'। ଅଚଳାଚଳ ସମ୍ପତ୍ତିର ଅଧିକାରୀ। ମଲା ବେଳକୁ ବୟସ ୯୦ ଟପି ଯାଇଥିଲା। ଜଣେ ବ୍ୟକ୍ତି ତାଙ୍କ ଜୀବନର ଶେଷ ପର୍ଯ୍ୟାୟରେ ଏପରି କାହିଁକି ଅନୁଭବ କରୁଥିଲେ ଓ ଭେଟ ହେଲେ ବାରମ୍ବାର



ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ

ସମସ୍ତଙ୍କୁ କହୁଥିଲେ ? ଏ ବିଷୟରେ ସାମାନ୍ୟ ଆଲୋଚନା କରିବା ହେଉଛି ଏଇ ପ୍ରବନ୍ଧର ଉଦ୍ଦେଶ୍ୟ।

ଜୀବନର ଶେଷ ପର୍ଯ୍ୟାୟରେ ଲୋକମାନେ ପ୍ରାୟତଃ ନିଜ ପାପ କିମ୍ବା ଭୁଲ୍‌ର ବୋଝ ଅନୁଭବ କରନ୍ତି, କାରଣ ସେତେବେଳେ ସେମାନେ ସ୍ୱାଭାବିକ ଭାବରେ ଭବିଷ୍ୟତରୁ ଅତୀତକୁ ଧ୍ୟାନ ଦିଅନ୍ତି। ଯୁବାବସ୍ଥା ଏବଂ ମଧ୍ୟ ବୟସରେ ଲୋକମାନେ ମୁଖ୍ୟତଃ ମହତ୍ତ୍ୱାକାଂକ୍ଷା, ଦାୟିତ୍ୱ ଏବଂ ଦୈନନ୍ଦିନ ଜୀବନଚର୍ଯ୍ୟାରେ ବ୍ୟସ୍ତ ଥାଆନ୍ତି, ଯାହା ଗଭୀର ଆତ୍ମଚିନ୍ତନ ପାଇଁ ଖୁବ୍ କମ୍ ସମୟ ଛାଡ଼ିଥାଏ। ଯେତେବେଳେ ସେମାନେ ବୟସ୍କ ହୁଅନ୍ତି ଏବଂ ଜୀବନର ଶେଷ ଆଡ଼କୁ ଆସନ୍ତି, ସେତେବେଳେ ଆସକ୍ତି, ମାୟା, ବିଭ୍ରାନ୍ତି କମିଯାଏ ଏବଂ ଚିତ୍ତ ଏକ ଶାନ୍ତ ଅବସ୍ଥା ଆଡ଼କୁ ଗତି କରେ, ଯାହା ଆତ୍ମନିରୀକ୍ଷଣକୁ ପ୍ରୋତ୍ସାହିତ କରେ। ମୃତ୍ୟୁର ଆସନ୍ନ ବାସ୍ତବତା ସ୍ପଷ୍ଟତା ଆଣିଥାଏ ଏବଂ ମନକୁ ପଛରେ ଛାଡ଼ି ଯାଉଥିବା ନୈତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟକୁ ମୂଲ୍ୟାଙ୍କନ କରିବାକୁ ବାଧ୍ୟ କରେ।

ଏହା ସହିତ ବୃଦ୍ଧାବସ୍ଥାରେ ଶାରୀରିକ ଅବନତି, ମାନସିକ ଶିଥିଳତା ଏବଂ ଦୁର୍ବଳ ଭାବପ୍ରବଣତା ପ୍ରାୟତଃ ଜଣେ ବ୍ୟକ୍ତିଙ୍କ ଅହଂକାର ଏବଂ ଗର୍ବର ଉତ୍ତେଜନାକୁ ଶୀତଳ କରିଦିଏ, ଯାହା ପୂର୍ବରୁ ସେମାନଙ୍କୁ ବ୍ୟକ୍ତିଗତ ଦୋଷ ସ୍ୱୀକାର କରିବାରୁ କ୍ଷାନ୍ତ କରିଥାଇ ପାରେ। ଯୁବାବସ୍ଥାରେ ଲୋକେ ସେମାନଙ୍କ ଭୁଲ୍‌କୁ ଯଥାର୍ଥ ମନେକରି କିମ୍ବା ଅବଜ୍ଞା କରି ପ୍ରାୟତଃ ଅନ୍ୟମାନଙ୍କୁ କିମ୍ବା ପରିସ୍ଥିତିକୁ ଦୋଷ ଦିଅନ୍ତି। କିନ୍ତୁ ପରବର୍ତ୍ତୀ ବର୍ଷଗୁଡ଼ିକରେ ସେମାନଙ୍କ ଭାବପ୍ରବଣତାରେ ପରିପକ୍ୱତା ଆସେ ଏବଂ ବିଚାରରେ କମ୍ ପକ୍ଷପାତିତା ଆସେ। ସେମାନେ ଦାୟିତ୍ୱ ଗ୍ରହଣ କରିବାର ସମ୍ଭାବନା ଅଧିକ ଥାଏ। ଏହି ସ୍ୱୀକାରୋକ୍ତି ଯନ୍ତ୍ରଣାଦାୟକ ହୋଇପାରେ, ତଥାପି ଏହା ଆଧ୍ୟାତ୍ମିକ ଜାଗରଣ ଜନିତ ଆତ୍ମଶୁଦ୍ଧିର ଏକ ଉନ୍ନୀତ ପର୍ଯ୍ୟାୟ। ଏହି ପର୍ଯ୍ୟାୟରେ ନିଜ ପାପକୁ ମନେ ରଖିବା କେବଳ ଅନୁତାପର ଏକ ଲକ୍ଷଣ ନୁହେଁ, ବରଂ ଏହି ଜୀବନ ଛାଡ଼ିବା ପୂର୍ବରୁ ମୁକ୍ତି, ପ୍ରାୟଶ୍ଚିତ୍ତ ଏବଂ ଶାନ୍ତି ପାଇଁ ଏକ ଗଭୀର ମାନବୀୟ ଇଚ୍ଛା।

ଏହି ସତ୍ୟ ଆଧାରିତ ଅନେକ ଐତିହାସିକ ଉଦାହରଣ ଅଛି, ଯେଉଁଠି କିଛି ଶକ୍ତିଶାଳୀ ଚରିତ୍ର ଜୀବନର ଶେଷ ପର୍ଯ୍ୟାୟରେ ନିଜ ଭୁଲ୍‌କୁ ବୁଝି ଅଜସ୍ର ଅନୁତାପ କରିଛନ୍ତି। ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ସମ୍ରାଟ ଅଶୋକ ରକ୍ତରଞ୍ଜିତ ନିଷ୍ଠୁର କଳିଙ୍ଗ ଯୁଦ୍ଧ ପରେ ଏକ ଗଭୀର ନୈତିକ ସଙ୍କଟ ଅନୁଭବ କରିଥିଲେ। ତାଙ୍କ ଉଚ୍ଚାକାଂକ୍ଷା ଯୋଗୁଁ ପ୍ରାଣ ହରାଇ ଥିବା ଲକ୍ଷ ଲକ୍ଷ ଜୀବନ ପାଇଁ ସେ ଦୋଷ ଏବଂ ଦୁଃଖରେ ଆକ୍ରାନ୍ତ ଥିଲେ। ଜୀବନର ଏହି ମୋଡ଼ ତାଙ୍କୁ ବୌଦ୍ଧ ଧର୍ମ ଗ୍ରହଣ କରି ହିଂସା ପରିତ୍ୟାଗ କରିବାକୁ ଏବଂ ତାଙ୍କ ଶାସନର ଅବଶିଷ୍ଟ ସମୟ ଶାନ୍ତି, କରୁଣା ଏବଂ ନୈତିକ ଧର୍ମ ପ୍ରସାର ପାଇଁ ଉତ୍ସର୍ଗ କରିବାକୁ ପ୍ରେରଣା ଦେଇଥିଲା। ଅଶୋକଙ୍କ ଅନୁତାପ ହେଉଛି ବିଜୟୀରୁ ବିବେକୀକୁ ରୂପାନ୍ତରଣର ସବୁଠାରୁ ଗଭୀର ଐତିହାସିକ ଉଦାହରଣ ମଧ୍ୟରୁ ଗୋଟିଏ।

ଊନବିଂଶ ଶତାବ୍ଦୀରେ ଡିନାମାଇଟ୍‌ର ଉଦ୍ଭାବକ ସ୍ୱିଡେନ୍‌ର ଆଲଫ୍ରେଡ ବର୍ଣ୍ଣାର୍ଡ଼ ନୋବେଲ ଗଭୀର ଆତ୍ମାନୁଶୀଳନର ଏକ ଅବସର ପାଇଲେ, ଯେତେବେଳେ 'ମୃତ୍ୟୁର ବଣିକ ମୃତ' ଶୀର୍ଷକ ଏକ ଅକାଳ ମୃତ୍ୟୁପତ୍ର ଏକ ଅଗ୍ରଣୀ ଖବରକାଗଜରେ ପ୍ରକାଶିତ ହୋଇଥିଲା। ପ୍ରଚଣ୍ଡ ବିସ୍ଫୋରଣରେ ତାଙ୍କ ଭାଇଙ୍କ ମୃତ୍ୟୁକୁ ଭୁଲ୍‌ବଶତଃ ତାଙ୍କ ମୃତ୍ୟୁ ଭାବି ଖବର ପ୍ରକାଶିତ ହୋଇଥିଲା। ଏଥିରେ ତାଙ୍କୁ ଯୁଦ୍ଧ ଏବଂ ବିନାଶରୁ ପ୍ରଚୁର ଲାଭ ପାଇଥିବା ଜଣେ ମୃତ୍ୟୁର ସୌଦାଗର ଭାବରେ ବର୍ଣ୍ଣନା କରାଯାଇଥିଲା। ଜନସାଧାରଣଙ୍କ ଏହି ଧାରଣା ତାଙ୍କୁ ବିଚଳିତ କରିଥିଲା ଏବଂ ତାଙ୍କ ଜୀବନର ଶେଷ ପର୍ଯ୍ୟାୟରେ ଏକ ଆଶ୍ଚର୍ଯ୍ୟକର ପରିବର୍ତ୍ତନ ଆଣିଥିଲା। ସେ ନୋବେଲ ପୁରସ୍କାର ପ୍ରତିଷ୍ଠା କରିବା ପାଇଁ ତାଙ୍କର ବିଶାଳ ସମ୍ପତ୍ତି ବ୍ୟବହାର କରି ଦେଇଥିଲେ, ଯାହା ଶାନ୍ତି, ବିଜ୍ଞାନ ଏବଂ ସାହିତ୍ୟରେ ଅବଦାନକୁ ସମ୍ମାନିତ କରିଥାଏ।

ପୌରାଣିକ କାହାଣୀରୁ ଏକ ଶକ୍ତିଶାଳୀ ଉଦାହରଣ ହେଉଛି ଭାରତୀୟ ମହାକାବ୍ୟ ମହାଭାରତର ଚର୍ଚ୍ଚିତ ଚରିତ୍ର ମହାରାଜ ଧୃତରାଷ୍ଟ୍ର। ପୁତ୍ର ମୋହରେ ଅହଂକାରୀ ଦୁର୍ଯୋଧନ ଏବଂ ଅନ୍ୟ ପୁତ୍ରମାନଙ୍କୁ ନିରୋଧ କରିବାରେ ସେ ବିଫଳ ହୋଇଥିଲେ। ଫଳରେ ସେମାନେ ଦ୍ରୌପଦୀଙ୍କ ଅପମାନ ଏବଂ ପାଣ୍ଡବମାନଙ୍କର ଅନ୍ୟାୟ ନିର୍ବାସନ ଭଳି ଗୁରୁତର ଅନ୍ୟାୟ କରିଥିଲେ। ସନ୍ତାନମାନଙ୍କ ପ୍ରତି ଅହେତୁକ ଆସକ୍ତି ଏବଂ ସ୍ୱଧାର୍ମିକତା ଉପରେ କାର୍ଯ୍ୟ କରିବାରେ ଅକ୍ଷମତା ତାଙ୍କୁ ଭୟଙ୍କର କୁରୁକ୍ଷେତ୍ର ଯୁଦ୍ଧକୁ



ନେଇଗଲା ଏବଂ ତାଙ୍କ ସମଗ୍ର ବଂଶର ବିନାଶ ଘଟିଥିଲା। ଧୃତରାଷ୍ଟ୍ରଙ୍କ ଏହି କାହାଣୀ ପ୍ରତ୍ୟେକ ପକ୍ଷପାତୀ ବ୍ୟକ୍ତିଙ୍କ ଜୀବନର ଶେଷ ପର୍ଯ୍ୟାୟରେ ଅନୁରୂପ ଅନୁଭବ ଏବଂ ଅନୁତାପ ଆଣିବ।

ଏତେଗୁଡ଼ିଏ ଉଦାହରଣ ଦେଇ ସାରିବା ପରେ ଏଇ ପରିପ୍ରେକ୍ଷୀରେ ହଠାତ୍ ଆଉ ଗୋଟିଏ କୌତୂହଳପ୍ରଦ ଉଦାହରଣ ମନେ ପଡ଼ିଯାଉଛି। ନ କହିଲେ ପ୍ରବନ୍ଧଟି ବୋଧହୁଏ ଅସମ୍ପୂର୍ଣ୍ଣ ରହିଯିବ। ଅବଶ୍ୟ ଏକଥା ପରିହାସରେ ମୋର ଜଣେ ରାଜନୈତିକ ବନ୍ଧୁ କହିଥିଲେ। ସରକାର ବଦଳିଲା ପରେ ସ୍ୱୟଂ ସେମାନଙ୍କର 'ଛାମୁ' ମଧ୍ୟ ଏପରି ମନସ୍ତାପରେ ଦିନ କାଟୁଛନ୍ତି ଓ ନିଜର ଅର୍ଜିତ ପାପକୁ ସ୍ମରଣ କରି ଅହରହ 'ହେ କ୍ଷମାର ସାଗର କ୍ଷମାନିଧି, ଆପଣ କ୍ଷମତା ଗୁଣରେ ମୋତେ ପୁଣିଥରେ କ୍ଷମତା ଦିଅନ୍ତୁ' ବୋଲି କହୁଛନ୍ତି।

ଉଚ୍ଚ ପଦାସୀନ ହୁଅନ୍ତୁ ବା ମୁରବିସ୍ଥାନୀୟ ହୋଇଥାନ୍ତୁ, ଜଣେ ବ୍ୟକ୍ତି ସେହି ସ୍ଥାନରେ ଥାଇ ଯଦି କେବେ ନିରପେକ୍ଷ ନହୁଏ, ଅପକର୍ମ କରେ ଅବା ସ୍ୱାର୍ଥରେ ଆବଦ୍ଧ ହୋଇ ବଞ୍ଚେ, ତା'ହେଲେ ଧୀରେ ଧୀରେ ସେ ଅନ୍ୟମାନଙ୍କ ବିଶ୍ୱାସ, ସମ୍ମାନ ଏବଂ ଆନ୍ତରିକତା ହରେଇ ନିଜ ମନର ଶାନ୍ତିକୁ ନିଜେ ନଷ୍ଟ କରିଦିଏ। ଏମାନଙ୍କ ଜୀବନ ପ୍ରାୟତଃ ଭଗ୍ନ ସମ୍ପର୍କ ଏବଂ ବିକୃତ ମାନସିକତା ଦ୍ୱାରା କ୍ଷତିଗ୍ରସ୍ତ ହୁଏ। ବ୍ୟକ୍ତିଗତ କୁତ୍ସିତ ସ୍ୱାର୍ଥ ବାହାରେ ଏମାନେ ଏକ ପ୍ରୀତିମୟ ଆନ୍ତରିକତାଭରା ପୃଥିବୀକୁ ଦେଖିବାର କ୍ଷମତା ହରାଇ ବସନ୍ତି। ଉତ୍ତମ ବୁଝାମଣା ଏବଂ ସହାନୁଭୂତିରୁ ବଞ୍ଚିତ ହୋଇ ଶେଷରେ ଏହି ବ୍ୟକ୍ତି ଗଭୀର ଅନୁତାପର ସମ୍ମୁଖୀନ ହୁଅନ୍ତି। ନ୍ୟାୟ ଏବଂ ସତ୍ୟକୁ ଅଣଦେଖା କରିବା ଦ୍ୱାରା ଏମାନଙ୍କ ଆତ୍ମା ଶାନ୍ତିରେ ବି ଇହଲୀଳା ସମ୍ବରଣ କରିପାରେ ନାହିଁ। ଜୀବିତାବସ୍ଥାରେ ସମାଜ ଓ ମୃତ୍ୟୁ ପରେ ବି ଏମାନେ ପରମାତ୍ମାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୁଅନ୍ତି।

ଜୀବନର ଅର୍ଥ ଖୋଜିବାକୁ ଆଧାର କରି କୁଆଡ଼େ ଥରେ ବର୍ଣ୍ଣାର୍ଡ ଶ' ପରିହାସରେ କହିଥିଲେ- 'ଖାଲି ଥିଲେ ଭରି ଦିଅ, ଭରି ଯାଇଛି ଯଦି ଆହୁରି ଭରି ଦିଅ, ଯେଉଁଠି ବ୍ୟଥା ହେଉଛି ହେଉଛି, ସେ ଜାଗାକୁ ବସି ଆଉଁସି ଚାଲ- ଏଇ ହେଉଛି ଜୀବନର ଅର୍ଥ।' ଜୀବନର ଅର୍ଥ ବିଷୟରେ ଭାବି ଦେଖିଲେ ତିନୋଟି ଯୁକ୍ତି ଅଛି। ଗୋଟିଏ ଯୁକ୍ତି ହେଉଛି- ଜୀବନ ସମ୍ପୂର୍ଣ୍ଣ ଅର୍ଥହୀନ। ଦ୍ୱିତୀୟଟି ହେଲା, ଥରେ ଜୀବନଟାର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଗଲେ ଜୀବନ ଅର୍ଥପୂର୍ଣ୍ଣ ହୋଇଯାଏ। ଯେହେତୁ ଜୀବନର ଲକ୍ଷ୍ୟ ଅଛି, ତେଣୁ ଅର୍ଥ ବି ଅଛି। ତୃତୀୟ ମତ ହେଉଛି, ଜୀବନର ଅର୍ଥ କିଛି ଥାଉ କି ନଥାଉ, ଜୀବନ ଯେହେତୁ ସତ୍ୟ, ଜୀବନକୁ ବିନା ପରୀକ୍ଷଣରେ ଜିଇଁବା ଉଚିତ ନୁହେଁ।

ଆପ୍ତବାକ୍ୟ: ଜୀବନର ଅର୍ଥ ଓ ଉଦ୍ଦେଶ୍ୟ ଥାଉ ବା ନଥାଉ, ପରୀକ୍ଷିତ ନ ହୋଇଥିବା ଜୀବନ ଜିଇଁବା ଅର୍ଥହୀନ। ତା'ର ଅର୍ଥ ହେଲା, ଅସ୍ତିତ୍ୱର ଅର୍ଥ ଓ ଉଦ୍ଦେଶ୍ୟ ନ ଜାଣି ଜିଇଁବାର ମାନେ କିଛି ନାହିଁ। କେବଳ ଦୈନନ୍ଦିନ ଜୀବନ ବିତାଇବାରେ ନିଜକୁ ସୀମିତ ରଖିବା ଜୀବନ ହେଉଛି 'ପଶୁତୁଲ୍ୟ'। ପ୍ରକୃତରେ ଆମର ଜୀବନ ଅର୍ଥହୀନ; କେବଳ ମନୁଷ୍ୟ ହୋଇଥିବାରୁ ଆମେ ତା' ସହିତ ଗୋଟିଏ ଅର୍ଥ ଓ ଉଦ୍ଦେଶ୍ୟ ଯୋଡ଼ି ଦେଇଥାଉ। ଜୀବନର ଅର୍ଥ ଖୋଜି ବସିଲେ ବଞ୍ଚିବା ଅସମ୍ଭବ। (ମୋର ଜଣେ ଅତି ଆତ୍ମୀୟଙ୍କ ସହିତ ନିକଟରେ ଏକ 'ରବିବାରିଆ ଗପସପ'ର ନିଷ୍କର୍ଷ।)

**ଗିଲ୍‌ବାଖ୍ ଷ୍ଟ୍ରାସେ ୯୫ଇ, ୪୧୪୬୬ ନଏସ୍, ଜର୍ମାନୀ**
drrajendradas.germany@gmail.com

## ରାଫାଲେ ଓ ବରଫ କାନ୍ଥ

ଦେଶର ସର୍ବୋଚ୍ଚ ସେନାଧ୍ୟକ୍ଷ ଅନୀଲ ଚୌହ୍ୱାନ୍ ସ୍ୱୀକାର କରିଛନ୍ତି ଯେ ମେ' ୭ ତାରିଖରେ ଅପରେସନ୍ ସିନ୍ଦୂର ଯେତେବେଳେ ଆରମ୍ଭ ମାତ୍ର ହୋଇଥିଲା, ଭାରତକୁ ସେ ସମୟରେ କେତେକ ଲଢୁଆ ଜେଟ୍ ହରାଇବାକୁ ପଡ଼ିଥିଲା, ଯାହା ମଧ୍ୟରେ ଫ୍ରାନ୍ସରୁ ଆମଦାନୀ କରାଯାଇଥିବା ବହୁଚର୍ଚ୍ଚିତ ରାଫାଲେ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଏହି ଜେଟ୍‌ଗୁଡ଼ିକର ସଂଖ୍ୟା କେତେ, ତାହା ସେ ଉଲ୍ଲେଖ କରି ନାହାନ୍ତି। ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ପାକିସ୍ତାନ ଏବଂ ପାକ୍-ଅଧିକୃତ କାଶ୍ମୀରରେ ଆକ୍ରମଣ କରିବା ବେଳେ ଏହା ହୋଇଥିଲା, ଯେଉଁଥିରେ ଭାରତ ଅବଶ୍ୟ ବିପୁଳ ସଫଳତା ହାସଲ କରିଥିଲା, କିନ୍ତୁ ଘଟଣାର ଅନେକ ଦିନ ପରେ ଏହା ପ୍ରକାଶ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତାହା ହୁଏତ ବାର୍ତ୍ତା ପ୍ରସାରଣର ଏକ ରଣକୌଶଳ ହୋଇପାରେ ଅଥବା ସେଥିରେ କିଛି ଅଭାବ ରହିଥାଇପାରେ, ଯାହା ତାଙ୍କ ବିବୃତିରୁ ପ୍ରମାଣିତ ହେଉଛି। ତେବେ ଏଥିରେ ଉତ୍ସୁକତା ରହିବାର କାରଣ- ଏକଥା ଭାରତ ଉପରେ ପାକିସ୍ତାନ ଦ୍ୱାରା ଲଦି ଦିଆଯାଇଥିବା କ୍ଷତି, ଅର୍ଥାତ୍ ଯୁଦ୍ଧ ବିମାନ ହରାଇବାର ତିନି ସପ୍ତାହରୁ ଅଧିକ ସମୟ ପରେ ଭାରତର ୧୪୫ କୋଟି ଲୋକଙ୍କ ସାମ୍ନାରେ ଖୋଲାଖୋଲି ପ୍ରକାଶ କରିବା ପରିବର୍ତ୍ତେ ବିଦେଶରେ ଏକ ସୁରକ୍ଷା ସମ୍ମିଳନୀରେ ଆନ୍ତର୍ଜାତିକ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରାଯାଇଛି। ଭାରତ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବା ବେଳେ ବିଶ୍ୱର ବହୁଚର୍ଚ୍ଚିତ ଯଥେଷ୍ଟ ବ୍ୟୟସାପେକ୍ଷ ରାଫାଲେ ବିମାନକୁ ଫ୍ରାନ୍ସ ସହିତ ସିଧାସଳଖ କଥାବାର୍ତ୍ତା କରି କ୍ରୟ କରିଥିଲା ଯାହାକୁ ଆକାଶ ମାର୍ଗରେ ସର୍ବାଧିକ ପ୍ରଭାବଶାଳୀ ଲଢୁଆ ବିମାନ ବୋଲି ଗ୍ରହଣ କରାଯାଉଥିଲା ଏବଂ ନିକଟ ଅତୀତର ଅପରେସନ୍ ସିନ୍ଦୂର କାଳରେ ଭାରତ ଏହି ବିମାନରୁ କେତେ ଗୋଟି ହରାଇ ଥିବାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ତେବେ ସମ୍ପ୍ରତି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏହି ପ୍ରସଙ୍ଗକୁ ବୁଲେଇ ବଙ୍କେଇ 'କ୍ଷତିଗୁଡ଼ିକ ଯୁଦ୍ଧର ଏକ ଅଂଶ ହୋଇଥାଏ' ବୋଲି କହିଛନ୍ତି।

ରାଫାଲେ ସମ୍ପର୍କରେ ୟୁକେ ବା ଯୁକ୍ତରାଜ୍ୟର ନିହାତି କମ୍‌ରେ ଗୋଟିଏ ସମ୍ବାଦପତ୍ର ଉଲ୍ଲେଖ କରିଥିଲା ଯେ ଅପରେସନ୍ ସିନ୍ଦୂର ଆରମ୍ଭ ହେବା ଦିନ ହିଁ ପାକିସ୍ତାନ ବାୟୁସେନା ନିକଟରେ ରହିଥିବା ଚୀନ୍‌ର ଯୁଦ୍ଧୋପକରଣ ଅତି ଉନ୍ନତ ମାନର ବିଚାର କରାଯାଉଥିବା ଫ୍ରାନ୍ସ ଜେଟ୍ ବା ଜେଟ୍‌ଗୁଡ଼ିକୁ ଉଡ଼ାଇ ଦେଇଥିଲା। ଭାରତ ଯଦିଓ ଏହି କଥାକୁ ଶକ୍ତ କାନ୍ଥ ଭିତରେ ଚାପି ରଖିବାକୁ ଉଦ୍ୟମ କରିଥିଲା, ତେବେ ଏହି କାନ୍ଥ ଯେ ବରଫର ଥିଲା ଏବଂ ଗଣମାଧ୍ୟମର ସାମ୍ବାଦିକଙ୍କ ପ୍ରଶ୍ନବାଣ ରୂପୀ ଖରାରେ ତରଳିଛି, ତାହା ଏବେ ସ୍ୱୀକାର କରିବାକୁ ପଡ଼ିବ। ପୁନଶ୍ଚ, ଶେୟାର ବଜାରରେ ଫରାସୀ ଏବଂ ଚୀନୀୟ ସାମରିକ ଜେଟ୍ ନିର୍ମାତାମାନଙ୍କ ଅଂଶଧନର ମୂଲ୍ୟରେ ଉପର ତଳ ହେବା ଯଥେଷ୍ଟ ପରିମାଣରେ ସୂଚନା ଦେଇ ସାରିଥିଲା ଯେ ଗୋଟିଏ ବା ଏକାଧିକ ରାଫାଲେ ଜେଟ୍ ଭାରତ ହରାଇଛି। ଅପରେସନ୍ ସିନ୍ଦୂର ପରେ ଅଗଣିତ ସାମ୍ବାଦିକ ସମ୍ମିଳନୀ ଏବଂ ନେତାମାନଙ୍କ ଭାଷଣରେ ଏକଥା ଶୁଣିବାକୁ ମିଳିଛି ଯେ ଭାରତର ସବୁ ପାଇଲଟ୍ ନିରାପଦ ରହିଛନ୍ତି, ଯଦିଓ କେତେକ ପାଇଲଟ୍‌ଙ୍କୁ ମୁକୁଳାଇବାକୁ ପଡ଼ିବା ସମ୍ପର୍କରେ ପରୋକ୍ଷରେ କିଛି ସୂଚନା ଦିଆଯାଇଥିଲା, କିନ୍ତୁ ଆକ୍ରମଣରେ ରାଫାଲେ କି ଅନ୍ୟ କୌଣସି ଲଢୁଆ ଜେଟ୍ ହରାଇ ଥିବା କଥା କେହି କହି ନଥିଲେ। ଏଇ ହରାଇବା କଥା ଯଦି ଘଟଣା ଘଟିବାର ତିନି ସପ୍ତାହରୁ ଅଧିକ ସମୟ ପରେ କୁହା ଯାଉଛି, ତା'ହେଲେ ପାକ୍-ପ୍ରାୟୋଜିତ ଆତଙ୍କବାଦ ବିରୁଦ୍ଧରେ ଦେଶର ସାମରିକ ଲକ୍ଷ୍ୟଭେଦ ସମ୍ପର୍କରେ ଶୁଣିବାକୁ ଲୋକମାନେ ଯେତେବେଳେ ଅତ୍ୟନ୍ତ ଉତ୍କଣ୍ଠିତ ଭାବରେ ଉତ୍କୀର୍ଣ୍ଣ ହୋଇ ରହୁଥିଲେ, ସେତେବେଳେ କାହିଁକି ସେକଥା କହିବାକୁ ସରକାର ହୁଅନ୍ତୁ କି ସେନାବାହିନୀ କୁଣ୍ଠାବୋଧ କଲେ ?

ଯେ କୌଣସି ଯୁଦ୍ଧରେ ବ୍ୟାପୃତ ସମସ୍ତ ପକ୍ଷଙ୍କର କିଛି ନା କିଛି କ୍ଷତି ହେବା ଏକ ସ୍ୱାଭାବିକ କଥା ଏବଂ ସାମରିକ-ଔଦ୍ୟୋଗିକ ପରିସରରୁ ଯେତେ ମୂଲ୍ୟବାନ ବା ଉନ୍ନତ ଧରଣର ସାମଗ୍ରୀ ନଷ୍ଟ ହୋଇଥାଉ ନା କାହିଁକି, ସେଗୁଡ଼ିକର ଦୋଷତ୍ରୁଟି ସମ୍ପର୍କରେ ଭାରତୀୟମାନଙ୍କୁ ଅନ୍ଧକାରରେ ରଖିବାର କୌଣସି ଆବଶ୍ୟକତା ନାହିଁ। ଭାରତ ପାକିସ୍ତାନକୁ ଉଚିତ ଜବାବ ଦେଇଥିବା ଏବଂ ଏହାର ବାୟୁସେନା ଭିତ୍ତିଭୂମିର ପ୍ରଭୂତ କ୍ଷତି ଘଟାଇ ଥିବା ସମ୍ପର୍କରେ କାହାର ତିଳେମାତ୍ର ସନ୍ଦେହ ନାହିଁ। କିନ୍ତୁ ସୀମାନ୍ତରେ ଗୁଳିଗୋଳା ବିନିମୟରେ ଯେମିତି ପ୍ରାଣ ହରାଉ ଥିବା ଲୋକମାନଙ୍କ ସଂଖ୍ୟା ସମ୍ପର୍କରେ ସମସ୍ତେ ଜାଣୁଛନ୍ତି, ସେମିତି ଯୁଦ୍ଧାସ୍ତ୍ରର କ୍ଷତି ସମ୍ପର୍କରେ ମଧ୍ୟ ଜାଣିବାର ଆବଶ୍ୟକତା ରହିଛି। ସିଡିଏସ୍‌ଙ୍କର ବିଳମ୍ବିତ ସ୍ୱୀକାରୋକ୍ତି ଏବେ ଯାହା ଭାରତବାସୀଙ୍କ ପାଇଁ କରିଛି, ତାହା ହେଉଛି ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିବା- କେହି କେହି ଗୋଟିଏ ରାଫାଲେ ନଷ୍ଟ ହୋଇଥିବା କହୁଥିବା ବେଳେ ଆଉ କେତେକ ପାଞ୍ଚଟି ହୋଇଥିବା ସମ୍ପର୍କରେ କହୁଛନ୍ତି। ଅନ୍ୟାନ୍ୟ ଯୁଦ୍ଧ ବିମାନ ଅପେକ୍ଷା ଢେର୍ ଅଧିକ ଗୁଣ ମୂଲ୍ୟବାନ ହୋଇଥିବା ରାଫାଲେ କେତେ ପ୍ରଭାବଶାଳୀ ଏବଂ ଏହି ବିମାନକୁ ନିଜ ପାଖରେ ନ ରଖିବା ବା ହରାଇବା ଭାରତୀୟ ବାୟୁସେନା ନିମନ୍ତେ କେତେ ମୂଲ୍ୟ ବହନ କରୁଛି, ସେ ସମ୍ପର୍କରେ ଅବଗତ ହେବା ସମସ୍ତ ଦେଶବାସୀଙ୍କ ନିମନ୍ତେ ଜରୁରୀ, କାରଣ ଏଇ ନିକଟରେ ସମ୍ପୃକ୍ତ ବିମାନ ଯୋଗାଣ ପାଇଁ ହୋଇଥିବା ଚୁକ୍ତିରେ ଘଟୁଥିବା ବିଳମ୍ବ ସମ୍ବନ୍ଧରେ ଆଇଏଏଫ୍‌ର ମୁଖ୍ୟ ଚିନ୍ତା ବ୍ୟକ୍ତ କରିଥିଲେ, ଯଦିଓ ଦୀର୍ଘ ସମୟ ଧରି ଏକଥା ସମସ୍ତେ ଜାଣିଛନ୍ତି ଯେ ତାଙ୍କ ଅଧୀନରେ ରଣନୀତିକ ଆବଶ୍ୟକତା ଦୃଷ୍ଟିରୁ ଥିବା ବଳ ସ୍କ୍ୱାଡ୍ରନ୍ ସଂଖ୍ୟା ଦୃଷ୍ଟିରୁ କମ୍ ଅଛନ୍ତି। ଏହା ବାଦ୍ ବହୁ ବିଲିଅନ୍ ଡଲାରବିଶିଷ୍ଟ ରାଫାଲେ ଚୁକ୍ତିକୁ ବନ୍ଦ ଲଫାପାରେ ରଖାଯିବା ପୂର୍ବରୁ, ସେ ସମ୍ପର୍କରେ କ'ଣ ଘଟିଛି, ତା' ଉପରେ ଉତ୍ତମ ରୂପେ ଚିନ୍ତନ କରାଯିବାର ଆବଶ୍ୟକତା ରହିଛି। ଆତଙ୍କବାଦକୁ ରାଷ୍ଟ୍ରନୀତି ଭାବରେ ଗ୍ରହଣ କରିଥିବା ପାକିସ୍ତାନକୁ ଭାରତ କଡ଼ା ଜବାବ ଏବଂ ଉଚିତ ଶିକ୍ଷା ଦେଇଥିବାରୁ ନିଃସନ୍ଦେହରେ ସମସ୍ତ ଭାରତବାସୀ ଆଜି ଗର୍ବିତ ଅନୁଭବ କରୁଛନ୍ତି। ତେବେ ଏକଥା ଯେମିତି ସରକାର ହୁଅନ୍ତୁ କି ସେନାବାହିନୀ ଦେଶବାସୀଙ୍କ ସମ୍ମୁଖରେ ସାହସର ସହିତ ଉପସ୍ଥାପନ କଲେ, ଠିକ୍ ସେମିତି ସେନାର ହୋଇଥିବା କ୍ଷତି, ଯାହା ଏକ ଅବଶ୍ୟମ୍ଭାବୀ କଥା, ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ ଦେଶବାସୀଙ୍କ ମନରେ ଆଜି ସନ୍ଦେହର ସାମାନ୍ୟ ବୀଜ ଅଙ୍କୁରିତ ହେବାର ସୁଯୋଗ ପାଇ ନଥାନ୍ତା।

## ଶ୍ରେଷ୍ଠ ଅସ୍ତ୍ର ସରଳତା

ଶତ୍ରୁ ପକ୍ଷ ଆକ୍ରମଣରୁ ରକ୍ଷା ପାଇବା ପାଇଁ ରଣ କ୍ଷେତ୍ରରେ ଅସ୍ତ୍ର ଦରକାର ହୋଇଥାଏ। ଅସ୍ତ୍ର ବିନା ଯୁଦ୍ଧ କ୍ଷେତ୍ରରେ ସଂଗ୍ରାମ କରିବା ଅସମ୍ଭବ। ସଂସାର ମଧ୍ୟ ଏକ ଯୁଦ୍ଧ କ୍ଷେତ୍ର ଭଳି। ଏହି କ୍ଷେତ୍ରରେ ଆମେ ଅନ୍ୟକୁ ଜୟ କରିବା ପାଇଁ କିଛି ଅସ୍ତ୍ର ଲୋଡ଼ିଥାଉ। ଲଢ଼େଇ କରି କାହାକୁ ଅକ୍ତିଆରକୁ ଆଣିବା ସହଜ ହୋଇପାରେ, ମାତ୍ର କାହାର ମନକୁ ଜିଣି ତାକୁ ନିଜର କରିନେବା ପାଇଁ ଦରକାର କେତେକ ଅଦେଖା ଅସ୍ତ୍ର। ସେହି ଅସ୍ତ୍ର ଭିତରେ ସରଳତା, ସତ୍ୟବାଦିତା ଗୋଟିଏ ଗୋଟିଏ ଅମୋଘ ଅସ୍ତ୍ର, ଯାହା ମାଧ୍ୟମରେ ଅନ୍ୟର ହୃଦୟକୁ ସହଜରେ ଜୟ କରି ହୋଇଥାଏ।

ଗୋଟିଏ ବଡ଼ ଗାଁରେ ଥିଲେ ଜଣେ ମାତ୍ର ବ୍ୟବସାୟୀ। ସମସ୍ତେ ତାଙ୍କରି ପାଖରୁ ସଉଦା କିଣି ଥାଆନ୍ତି। ଅଧିକ ଧନ ହୋଇ ଯିବାରୁ ବ୍ୟବସାୟୀ ଜଣକ ଲୋକମାନଙ୍କୁ ଭଲ ବ୍ୟବହାର କରୁ ନଥିଲେ। ଲୋକମାନେ ନାଚାର ହୋଇ ତାଙ୍କରି ପାଖରୁ ହିଁ ସଉଦା କିଣି ଥାଆନ୍ତି। କିଛି ବର୍ଷ ପରେ ସେହି ଗାଁରେ ଅନ୍ୟ କେତେ ଜଣ ଲୋକ ବ୍ୟବସାୟ ଆରମ୍ଭ କଲେ। ଫଳରେ ପ୍ରଥମ ବ୍ୟବସାୟୀଙ୍କ ଗ୍ରାହକ କମିଗଲେ। କିଛିଦିନ ପରେ ପ୍ରଥମ ବ୍ୟବସାୟୀଙ୍କ ଦୋକାନକୁ ଗ୍ରାହକ ଖୁବ୍ କମ୍ ଆସିଲେ। କାରଣ ଗ୍ରାହକମାନେ ପ୍ରଥମ ବ୍ୟବସାୟୀଙ୍କ ବ୍ୟବହାରରେ ସନ୍ତୁଷ୍ଟ ନଥିଲେ। ଯେଉଁ ବ୍ୟବସାୟୀଙ୍କର ଭଲ ବ୍ୟବହାର ଥିଲା, ସେଠାରେ ଲୋକଙ୍କ ଗହଳି ଲାଗୁଥିଲା।

ପଦାରବିନ୍ଦ

ପ୍ରଥମ ବ୍ୟବସାୟୀ ତାଙ୍କର ବ୍ୟବହାରକୁ ସୁଧାରୁ ନଥିଲେ, ବରଂ ଜ୍ୟୋତିଷ, ବାସ୍ତୁ ବିଚାରକଙ୍କ ପାଖକୁ ଯାଇ ଘରର କିଛି ଦୋଷ ଅଛି ବୋଲି ପ୍ରତିକାର କରିବାକୁ ଲାଗିଲେ। କେତେବେଳେ ଘରର କାନ୍ଥ ଭାଙ୍ଗି ନୂଆ କାନ୍ଥ କଲେ ତ କେବେ କବାଟ ବଦଳାଇଲେ। ଆଉ କେବେ ଘରର ରଙ୍ଗ ପରିବର୍ତ୍ତନ କଲେ। ଏହିପରି ଅଧିକରୁ ଅଧିକ ଅର୍ଥ ବ୍ୟୟ କଲେ। ହେଲେ ଫଳ କିଛି ପାଇଲେ ନାହିଁ। ଘରର ରଙ୍ଗ, ସାଜସଜ୍ଜା ଇତ୍ୟାଦି ଲୋକଙ୍କୁ ହୁଏତ ଆକର୍ଷିତ କରିପାରେ, ମାତ୍ର ବ୍ୟବହାର ଭଲ ନଥିଲେ ଗ୍ରାହକ ସେ ଦୋକାନୀଙ୍କ ମୁହଁ ଚାହାଁନ୍ତି ନାହିଁ।

ସବୁ ପ୍ରତିକାର ସତ୍ତ୍ୱେ ବ୍ୟବସାୟୀଙ୍କର ବ୍ୟବସାୟରେ ଦିନକୁ ଦିନ ଅଧଃପତନ ଘଟିବାକୁ ଲାଗିଲା। ସେହି ଲୋକଙ୍କୁ ଜଣେ ସନ୍ଥ କହିଲେ- ସମସ୍ତେ ଚିହ୍ନା ଥିବା ସ୍ଥାନରେ ବ୍ୟବସାୟ କରିବା ପାଇଁ ବାସ୍ତୁ ଉପରେ ପ୍ରାଥମିକତା ଦିଅନାହିଁ। ବ୍ୟବହାର ଉପରେ ଗୁରୁତ୍ୱ ଦିଅ। ତୁମ ବ୍ୟବହାର ଉତ୍ତମ ଥିଲେ ଲୋକେ ତୁମକୁ ଅପେକ୍ଷା କରିବେ। ବ୍ୟବହାର କଟୁ ଥିଲେ ଦୋକାନ ଖୋଲା ଥିଲେ ମଧ୍ୟ ଲୋକେ ଆସିବେ ନାହିଁ। ତୁମେ ଘର ପରିବର୍ତ୍ତନ କରନାହିଁ। ବ୍ୟବହାରରେ ପରିବର୍ତ୍ତନ ଆଣ। ସରଳ ଓ ସତ୍ୟବାଦୀ ହୁଅ। ସରଳତା ହେଉଛି ମଣିଷ ପାଇଁ ଶ୍ରେଷ୍ଠ ଅସ୍ତ୍ର।

# ଦୁର୍ନୀତିର ଗନ୍ତାଘର ବୁଢ଼ିବିଲି ପଞ୍ଚାୟତ




**କାମାକ୍ଷାନଗର, ୨୮/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ବ୍ଲକ ବୁଢିବିଲି ପଞ୍ଚାୟତ ଏବେ ପାଲଟିଛି ଦୁର୍ନୀତିର ଗନ୍ତାଘର । ରାସ୍ତାକାମ ଠାରୁ ଆରମ୍ଭ କରି ସାଇକେଲ ଷ୍ଟାଣ୍ଡ ନିର୍ମାଣ ପର୍ଯ୍ୟନ୍ତ ସବୁଠି ଦୁର୍ନୀତିର ଛିଟା ଲାଗିଥିବା ଅଭିଯୋଗ କରିଛନ୍ତି ପଞ୍ଚାୟତବାସୀ । ଏପରିକି ଦୁର୍ନୀତି ବିଷୟରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ସୂଚନା ଅଧିକାରକର୍ମୀଙ୍କୁ ସରପଞ୍ଚ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ । ପ୍ରକାଶ, କାମାକ୍ଷାନଗର ବ୍ଲକ ବୁଢିବିଲି ପଞ୍ଚାୟତରେ ସରକାରୀ ବ୍ୟୟ ଅଟକଳରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଅନେକ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । କିନ୍ତୁ ସବୁ କାର୍ଯ୍ୟରେ ବହୁ ଦୁର୍ନୀତି ହେଉଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତ ବାସିନ୍ଦା । ଅନେକ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ କୌଣସି ସୂଚନାଫଳକ ଲାଗିନଥିବା ବେଳେ ମନରେଗା କାର୍ଯ୍ୟରେ ଶ୍ରମିକ ବଦଳରେ ମେସିନ ଲଗାଇ କାମ ହେଉଥିବା ଅଭିଯୋଗ ଆସିଛି । ପଞ୍ଚାୟତରେ ଅନେକ ଗ୍ରାମକୁ ରାସ୍ତା କାମ ଆସିଥିବା ବେଳେ କେଉଁଠାରେ ରାସ୍ତା କାମ ନହୋଇ ବିଲ କରାଯାଇ ଅର୍ଥ ହଡପ ହୋଇଥିବା ଅଭିଯୋଗ ହୋଇଛି । ସେହିପରି ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଅର୍ଥ ଆସିଥିବା ବେଳେ କେବଳ ରଙ୍ଗ ମାରି ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ପଞ୍ଚାୟତର କଣ୍ଟାଝରିଆ ଟ୍ରେଞ୍ଚ କାମ, ଧାନଘର ଗଡି ରେ ଟ୍ରେଞ୍ଚ କାମ ଓ ମାନି କିଆ ଗ୍ରାମରେ ଟ୍ରେଞ୍ଚ କାମରେ ଅନେକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ଆସିଛି । ତେବେ ପଞ୍ଚାୟତର ବିଭିନ୍ନ ଦୁର୍ନୀତି ବିଷୟରେ ସୂଚନା ଅଧିକାରକର୍ମୀ ସୂର୍ଯ୍ୟକାନ୍ତ ବେହେରା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିବା ବେଳେ ସରପଞ୍ଚ ଓ ତାଙ୍କ ସ୍ୱାମୀ ତାଙ୍କୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି । ସେହିପରି ପଞ୍ଚାୟତକୁ ବିଭିନ୍ନ କାମ ଆସୁଥିବା ବେଳେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରାନଯାଇ ମେସିନ ମାଧ୍ୟମରେ କାମ କରାଯାଉଥିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଯାହା ଫଳରେ ଶ୍ରମିକମାନେ ହାତବାନ୍ଧି ଘରେ ବସିଥିବା ବେଳେ ସରପଞ୍ଚ ଓ ତାଙ୍କର ସମର୍ଥକମାନେ ଶ୍ରମିକମାନଙ୍କୁ କିଛି କାମନାହିଁ ବୋଲି କହି ବିଦା କରିଦେଉଥିବା ଅଭିଯୋଗ କରିଛନ୍ତି ପଞ୍ଚାୟତର ଶ୍ରମିକ । ସରକାର ମେସିନ ମାଧ୍ୟମରେ କାମ ବନ୍ଦ କରାଇ ଶ୍ରମିକମାନଙ୍କ ମାଧ୍ୟମରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବୁଢିବିଲି ପଞ୍ଚାୟତରେ ତାହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି । ରାତିରେ ମେସିନ ଲଗାଯାଇ ବିଭିନ୍ନ ସ୍ଥାନରେ କାମ କରାଯାଉଥିବା ବେଳେ ଶ୍ରମିକମାନଙ୍କୁ ଉପେକ୍ଷିତ କରାଯାଉଛି । ତେବେ ଲୋକଙ୍କ ପାଇଁ ସରକାରୀ ରାଜକୋଷରୁ ପଞ୍ଚାୟତର ଉନ୍ନତି ପାଇଁ ଆସୁଥିବା ଅର୍ଥକୁ ହଡପ କରି ବେଆଇନ ଭାବେ ସରପଞ୍ଚ ଓ ତାଙ୍କ ସମର୍ଥକମାନେ କାମ କରୁଥିବା ବେଳେ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି ହୋଇଛି । ତେବେ ଏ ସମ୍ପର୍କରେ ବୁଢିବିଲି ସରପଞ୍ଚ ସସ୍ମିତା ସାହୁ କିମ୍ବା କାମାକ୍ଷାନଗର ବିଡିଓ ପ୍ରଭୁ କଲ୍ୟାଣ ଦାଶଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

## ‘ବାବା’କୁ ନେଇ ଏବେ ଚର୍ଚ୍ଚା ଜୋର୍‌ଦାର୍

**ତାଳଚେର, ୨୮/ଏନ୍‌ଏନ୍‌ଏସ୍:** ତାଳଚେରରେ ବହୁ ଚର୍ଚ୍ଚିତ ‘ବାବା’କୁ ନେଇ ଏବେ ଚା’ ଖଟି ଠାରୁ ଆରମ୍ଭକରି ବାଟଘାଟରେ ଚର୍ଚ୍ଚା ଜୋରସୋର ଚାଲିଛି । ଖଣି ଉପନିର୍ଦ୍ଦେଶକ, ତହସିଲ, ତାଳଚେର ଥାନାରେ ଉତମ ବୁଝାମଣା କରି ବେଶ ବାବା ନିଜର ପାରଦର୍ଶିତା ଲାଭ କରି ଚାଲିଛନ୍ତି । ଘଟଣାରୁ ପ୍ରକାଶ ଗତକାଲି ‘ବାବା’ ନାମରେ ଚୋରା ବାଲି ବୋଝେଇ ହାଇୱାକୁ ଉପଖଣିନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଧରାଯାଇ ତାକୁ କୁଆଡ଼େ ମୋଟା ଅଙ୍କର ଜୋରିମନା କରାଯାଥିବା ଶୁଣିବାକୁ ମିଳୁଥିବା ବେଳେ ପୁନଶ୍ଚ ସେହି ଜାଗାରେ ‘ବାବା’ ଆର୍ବିଭାବ ହୋଇ ଜୋରିମନାର ଅର୍ଥ ଖସାଇ ଦେଇଥିବା କୁହାଯାଉଛି । ତେବେ ଏହି ବାହୁବଳୀ ‘ବାବା’ଙ୍କର ବେଶ ଦବଦବା ରହି ଆସିଥିବା ବେଳେ ଏ ‘ବାବା’ କୁଆଡ଼େ କୋଟି କୋଟି ଟଙ୍କା ରାତିରେ ରୋଜଗାର କରନ୍ତି ବୋଲି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ । ତେବେ କାହିଁକି ପ୍ରଶାସନ ଏହି ‘ବାବା’ଙ୍କୁ ଏତେ ପ୍ରଶୟ ଦେଉଛନ୍ତି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି । ଏଠି କଥା ଆସେ କେଉଁ ରାଜନୈତିକ ଛତ୍ରଛାୟାରେ ତଳେ ରହି ‘ବାବା’ ନିଜର ଐତିହାସିକ ପଦକ୍ଷେପ ନେଉଛନ୍ତି ତାହା ବିଭିନ୍ନ ମହଲରେ ବଡ଼ପ୍ରଶ୍ନ ଉଙ୍କି ମାରୁଛି । ଏସମ୍ପର୍କରେ ତାଳଚେର ଖଣି ଉପନିର୍ଦ୍ଦେଶକ ଦାୟୀତ୍ୱରେ ରହିଥିବା ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ଏବାବଦରେ ମୁଁ କିଛି ଜାଣେ ନାହିଁ । ତେବେ ଯଦି ଅଧିକାରୀ ଏସମ୍ପର୍କରେ ଜାଣି ନାହାନ୍ତି ତାହା ହେଲେ ଏହି ଚୋରା ବାଲି ବୋଝେଇ ହାଇୱା କାର୍ଯ୍ୟାଳୟକୁ କେଉଁଠୁ ଓ କିପରି ଆସିଲା ଏହା ଲୋକଙ୍କ ମନରେ ଏକ ଦ୍ୱନ୍ଦ ଉତ୍ପନ୍ନ କରୁଛି !

## ପରଜଙ୍ଗ ଡାକ୍ତଖାନାରେ ଅବ୍ୟବସ୍ଥାକୁ ନେଇ ଦାବିପତ୍ର



**ପରଜଙ୍ଗ, ୨୮/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଡାକ୍ତଖାନାରେ ବିଭିନ୍ନ ଅବ୍ୟବସ୍ଥା ଘେରରେ ଚାଲିଛି । ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ପଦବୀ ୨୧ ଥିବାବେଳେ ନିଯୁକ୍ତି ପାଇଛନ୍ତି ମାତ୍ର ୧୪ ଜଣ । ସେଥିମଧ୍ୟରୁ ଏମ୍‌ବିବିଏସ୍ କାର୍ଯ୍ୟରତ ଡାକ୍ତର ୭ ଜଣ । ଜଣେ କାର୍ଯ୍ୟରତ ଡାକ୍ତର ସପ୍ତାହରେ ୨୪ ଘଣ୍ଟା ସେବା ଯୋଗାଇ ୬ ଦିନ ଅଘୋଷିତ ଗାଏବ ରହୁଛନ୍ତି । ଦ୍ୱିତୀୟଟି ଡାକ୍ତର ଅଘୋଷିତ ଛୁଟିରେ ରହୁଥିବାରୁ ଆୟୁଷ ଡାକ୍ତର ଓପିଡିରେ ସେବା ଯୋଗାଇ ଏଲୋପାଥିକ୍ ଚିଠା ଲେଖୁଛନ୍ତି । ତୃତୀୟରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ରୋଗୀ ସେବା ଯୋଗାଉଛନ୍ତି । ଚତୁର୍ଥରେ ‘ସୁସ୍ଥ ଭାରତ’କୁ ଅଣଦେଖା କରାଯାଉଛି । ପଞ୍ଚମରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରଜଙ୍ଗ ବ୍ଲକରେ ଥିବା ୨୫ଟି ପଞ୍ଚାୟତ ଏବଂ କଙ୍କଡ଼ାହାଡ଼ର ୧୦ ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି । ଏଥି ସଙ୍ଗ ନିମିତ୍ତ ଶବ ବୋହା ଗାଡ଼ିର ବ୍ୟବସ୍ଥା କରାଯାଉ । ଷଷ୍ଠରେ ଶବ ବ୍ୟବଚ୍ଛେଦ ଗୃହ ଅଚଳ ଅବସ୍ଥାରେ ଥିବାରୁ ତାହାର ନବୀକରଣ କରାଯାଉ । ସପ୍ତମରେ ବିଶେଷଜ୍ଞ ଡାକ୍ତରଙ୍କ ସ୍ଥାନ ପୂରଣ କରାଯାଉ । ଅଷ୍ଟମରେ ୧୦୮ ଆମ୍ବୁଲାନ୍ସ ଗାଡ଼ି ଛିଡ଼ା ହୋଇ ମଧ୍ୟ ସେବା ଯୋଗାଇବାକୁ ଅନିଚ୍ଛା ଦେଖାଇବା ଇତ୍ୟାଦି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନୀଳମଣି ଦିଲ୍ଲୀପ ଚାନ୍ଦଙ୍କୁ ପରଜଙ୍ଗ କାର୍ଯ୍ୟରତ ସାମ୍ବାଦିକ ସଙ୍ଘର ସମସ୍ତ ସାମ୍ବାଦିକମାନେ ଦାବିପତ୍ର ପ୍ରଦାନ କରିଛନ୍ତି ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି




**ଯାଜପୁର, ୨୮/ଏନ୍‌ଏନ୍‌ଏସ୍:** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆଜି ମୋଟ ୩୪୫ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୭୩ ଗୋଟି । ରେଡ୍‌କ୍ରସ ପାଣ୍ଠିରୁ ଗୋଟିଏ ଅଭିଯୋଗର ଶୁଣାଣି କରାଯାଇଥିଲା । ୧୯୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ଯୁଧିଷ୍ଠିର ନାୟକ, ଉପ ଜିଲ୍ଲାପାଳ, ଯାଜପୁର ଶ୍ରୀ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ,ଶ୍ରୀ ହେମନ୍ତ କୁମାର ମହନ୍ତ, ତହସିଲଦାର, ଯାଜପୁର ଶ୍ରୀ ରବି ନାରାୟଣ ପାଢ଼ୀ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ଷ୍ଟେଟ୍ ବ୍ୟାଙ୍କ୍‌ରେ ସାମ୍ବାଦିକ ଓ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀଙ୍କୁ ଅଟକ

**ଧର୍ମଶାଳା, ୨୮/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ ଜାରକା ଷ୍ଟେଟବ୍ୟାଙ୍କକୁ ଆସିଥିବା କଲଣ ଗ୍ରାମର ଜଣେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଜଗବନ୍ଧୁ ଓଝା ଓ ତାଙ୍କର ଧର୍ମପତ୍ନୀଙ୍କ ସହିତ ବ୍ୟାଙ୍କ ମ୍ୟାନେଜର ଓ କର୍ମଚାରିଙ୍କ ଦୁର୍ବ୍ୟବହାର କରିଥିବାରୁ ଉଭୟ ଦମ୍ପତି ଦୁଃଖରେ ମ୍ରିୟମାଣ ହୋଇ ବ୍ୟାଙ୍କ୍ ଭିତରେ ଅସୁସ୍ଥ ହୋଇପଡ଼ିଥିବା ସମୟରେ ସାମ୍ବାଦିକ ବିନୋଦ ବିହାରୀ ସାହୁ ସେହି ବ୍ୟାଙ୍କରେ ନିଜର କୌଣସି କାମ ପାଇଁ ଉପସ୍ଥିତ ରହିଥିବା ବେଳେ ଏହି ଘଟଣାକୁ ଦେଖି ଉଭୟ ଦମ୍ପତିଙ୍କୁ ସାନ୍ତ୍ୱନା ଦେବା ସହ ଘଟଣା ସମ୍ପର୍କରେ ବୁଝିବା ସମୟରେ ବ୍ୟାଙ୍କ ମ୍ୟାନେଜର ସସ୍ମିତା ମଲିକଙ୍କ ନିର୍ଦ୍ଦେଶରେ ସିକ୍ୟୁରିଟିଗାର୍ଡ ବ୍ୟାଙ୍କର ଗେଟ ଚାବି ପକାଇବା ସହିତ ସାଇରନ ବଜାଇବାରୁ ବ୍ୟାଙ୍କରେ ଉପସ୍ଥିତ ରହିଥିବା ଗ୍ରାହକ ଓ ପାଖରେ ଥିବା ସମସ୍ତ ଦୋକାନୀ ଭୟଭୀତ ହୋଇ ଯାଇଥିବା ସହିତ ଏହି ସାଇରନ ଦୀର୍ଘ ସମୟ ଚାଲିବାରୁ ବ୍ୟାଙ୍କ ଭିତରେ ଥିବା ମହିଳା ସିନିୟର ସିଟିଜେନଙ୍କ ମୁଣ୍ଡ ବୁଲାଇ ବାନ୍ତି କରିବାରୁ ସାମ୍ବାଦିକ ସାହୁ ମ୍ୟାନେଜରଙ୍କୁ ସାଇରନ ବନ୍ଦ କରିବା ପାଇଁ କହିବାରୁ ଅଧଘଣ୍ଟା ପରେ ବନ୍ଦ କରାଯିବ ବୋଲି କହିଲେ । କିଛି ସମୟ ପରେ ଧର୍ମଶାଳା ପ୍ରେସକ୍ଲବର ସମସ୍ତ ସାମ୍ବାଦିକ ଓ ପୋଲିସ ପହଞ୍ଚିବା ପରେ ଗେଟ ଖୋଲା ଜିବାସହିତ ସାଇରନ ବନ୍ଦ କରାଯାଇଥିଲା ତୁରନ୍ତ ଅସୁସ୍ଥ ମହିଳାଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସାମ୍ବାଦିକ ସାହୁଙ୍କୁ ବ୍ୟାଙ୍କରୁ ଉଦ୍ଧାର କରାଯାଇଥିଲା । ପ୍ରକାଶ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓ ତାଙ୍କ ପତ୍ନୀଙ୍କୁ କ୍ୱେସି ଅପଡେଟ ପାଇଁ ମେସେଜ୍ ହୋଇଥିଲା ତେଣୁ ୪ ମାସ ହେବ ସେମାନ ବ୍ୟାଙ୍କକୁ ଦୌଡ଼ି ନିରାଶରେ ଫେରୁଥିଲେ ।ଶୁକ୍ରବାରଦିନ ଶ୍ରୀ ଓଝା ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ଧରି ବ୍ୟାଙ୍କକୁ ଆସିଥିଲେ । ବ୍ୟାଙ୍କ ଉପର ମହଲାରେ ହୋଇଥିବାରୁ ବୃଦ୍ଧା ଜଣଙ୍କର ଆଣ୍ଠୁର ସମସ୍ୟା ରହିଥିବାରୁ ଉପରକୁ ଶିଢ଼ି ଚଢି ପାରିବେ ନାହିଁ ବୋଲି ଡାକ୍ତରଙ୍କ ପେସ୍କ୍ରୁଶନ ମ୍ୟାନେଜରଙ୍କୁ ଦେଖାଇ ଥିଲେ ସୁଦ୍ଧା ତାଙ୍କ ସହିତ ଖରାପ ବ୍ୟବହାର କରିଥିବା କଥା ଅଭିଯୋଗ କରିଛନ୍ତି ।ପାସବୁକରେ ଫଟୋ ନଥିବାରୁ ସିକୁରିଟି ଗାର୍ଡ ଶ୍ରୀ ଓଝାଙ୍କୁ ରୁକ୍ଷ ବ୍ୟବହାର କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ତେଣୁ ଅବସର ପୁଲିସ ଅଧିକାରୀ ଏହିସବୁ ଘଟଣା ପାଇଁ ଧର୍ମଶାଳା ଥାନାରେ ବ୍ୟାଙ୍କ ଅଧିକାରୀଙ୍କ ନାମରେ ଏତଲା ଦର୍ଜ କରଛନ୍ତି । ସୂଚନାଥାଉକି ଦୁଇମାସ ପୂର୍ବରୁ ଏହିଭଳି ଜଣେ ଗ୍ରହକଙ୍କ ସହିତ ମ୍ୟାନେଜର ଏକାଉଣ୍ଟ ଖୁଲିବା ନେଇ ଯୁକ୍ତି ତର୍କ କରି ପୁଲିସ ଜିମା ଦେଇଥିଲେ । ଆଗରୁ ଏହିପରି ସିନିୟର ସିଟିଜେନଙ୍କୁ ବ୍ୟବହାର ଖରାପ କରିଥିବାରୁ ଆପୋଷ ସମାଧାନ ହୋଇଛି ବୋଲି ସୂଚନା ମିଳିଛି । ଏହିଭଳି ବାରମ୍ୱାର ବ୍ୟାଙ୍କ ମ୍ୟାନଜର ଦ୍ୱାରା ଘଟଣା ଘଟୁଥିବାରୁ ଧର୍ମଶାଳା ଅଞ୍ଚଳ ବାସି ଏହାକୁ ନିନ୍ଦା କରିବା ସହିତ ତାଙ୍କୁ ଯଥାଶୀଘ୍ର ବଦଳି କରିବା ପାଇଁ ଦାବି କରୁଛନ୍ତି ।

## ବାବା ଭୈରବାନନ୍ଦ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ

**ବଡଚଣା/ଚଣ୍ଡିଖୋଲ, ୨୮/ଏନ୍‌ଏନ୍‌ଏସ୍:** ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ, ପିଜି ଓ ବୃତ୍ତିଗତ ଶିକ୍ଷାର ଫଳ ଆଜି ପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ରଙ୍କ ଅନୁମତି କ୍ରମେ ନବମାଳତୀ ଅଡିଟୋରିୟମରେ ଏକ ଫଳ ପ୍ରକାଶନ ସଭା ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ ଅଧ୍ୟକ୍ଷ ମେଜର ଦିଲ୍ଲୀପ କୁମାର ନାୟକ ଅଧ୍ୟକ୍ଷତା କରିଥିଲାବେଳେ ମହାବିଦ୍ୟାଳୟର ପରୀକ୍ଷାନିୟନ୍ତ୍ରକ ପ୍ରଧାପକ ମଥୁରୀ ବେହେରା ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପପରୀକ୍ଷା ନିୟନ୍ତ୍ରକ ସତ୍ୟ ପ୍ରକାଶ ରାଉତ ଡ .ମୁକ୍ତିକାନ୍ତ ନାୟକ, ଆଡମିନିଷ୍ଟ୍ରେଟିଭି ବରସାର୍ ରଞ୍ଜୁଲତା ସାହୁ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧାପକ ବେଣୁଧର ସାମଲ, ଡ. ଦିଲ୍ଲୀପ କୁମାର ନାୟକ ପ୍ରମୁଖ ରହି ଫଳ ପ୍ରକାଶନ ପୁସ୍ତିକା ଉନ୍ମୋଚନ କରିଥିଲେ । ପରେ ପରୀକ୍ଷା ନିୟନ୍ତ୍ରକ ମଥୁରୀ ବେହେରା ଫଳ ଘୋଷଣା କରିଥିଲେ । ଶେଷରେ ଉପ ପରୀକ୍ଷା ନିୟନ୍ତ୍ରକ ସତ୍ୟ ପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ ଯୁକ୍ତ ୩ କଳାରେ ୯୭.୪ ଶତକଡା, ବିଜ୍ଞାନରେ ୯୪.୩ ଶତକଡା, ବାଣିଜ୍ୟରେ ୮୬.୮ଶତକଡା ପାସ୍ ହାର ରହିଥିବା ବେଳେ ବୃତ୍ତିଗତ ଶିକ୍ଷାରେ ୮୮.୪ ଶତକଡା ଓ ପିଜିରେ ୧୦୦ଶତକଡା ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳାରେ ସମାଜବିଜ୍ଞାନର ଛାତ୍ରୀ ଜ୍ୟୋତ୍ସ୍ନା ସାହାଣୀ (୯୦.୩୫ ଶତକଡା) ବିଜ୍ଞାନରେ ଗଣିତ ବିଭାଗର ଛାତ୍ର ସୌମ୍ୟ ରଞ୍ଜନ ଜେନା (୯୦.୮୫ ଶତକଡା) ଓ ବାଣିଜ୍ୟରେ ସୋନାଲି ପ୍ରିୟ ଦର୍ଶନୀରାଉତ ୮୦.୬୩ ଶତକଡା ନମ୍ବର ରଖି ଟପ୍ପର ହୋଇଥିବା ବେଳେ ବୃତ୍ତିଗତ ଶିକ୍ଷାରେ ରାମ ନାରାୟନ ମଲ୍ଲିକ ଆରଏମ୍‌ରେ ଛାତ୍ରୀ ହରପ୍ରିୟା ନାୟକ ଟପ୍ପର୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେହିପରି ପିଜି (ସ୍ନାତକୋତ୍ତର) ଶିକ୍ଷାର ବାଣିଜ୍ୟ ବିଭାଗର ଛାତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ ଓ ଶିକ୍ଷା ସ୍ନାତକୋତ୍ତର ଛାତ୍ରୀ ଶୁଭଶ୍ରୀ ଜେନା ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଚଳିତ ବର୍ଷ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ଭାବେ ଗଣିତ ବିଭାଗର ଛାତ୍ର ସୌମ୍ୟ ରଞ୍ଜନ ଜେନା ଯୋଗ୍ୟତା ଅର୍ଜନ କରିଛନ୍ତି । ଚଳିତ ବର୍ଷ ନୃତତ୍ୱ ବିଭାଗର ଜ୍ୟୋତି ପ୍ରକାଶ ନାୟକ, ଅର୍ଥନୀତି ବିଭାଗରେ ଶୁଭାଂଶୁ ମହାରଣା, ଶିକ୍ଷାରେ ଅର୍ଚ୍ଚନା ରାଉତ, ଇଂରାଜୀରେ ଐଶ୍ୱର୍ଯ୍ୟା ସ୍ମୃତିରଶ୍ମୀ ନାଥ, ଇତିହାସରେ ଦୀପ୍ତିମୟୀ ରାଉତ, ଓଡିଆ ଭାଷା ସାହିତ୍ୟରେ ସୋନାଲିକା ବେହେରା, ରାଜନୀତି ବିଜ୍ଞାନରେ ରବୀନ୍ଦ୍ର କୁମାର ତ୍ରିପାଠୀ, ସଂସ୍କୃତରେ ମନୋଜ କୁମାର ରାଉତ, ସମାଜ ବିଜ୍ଞାନରେ ଜ୍ୟୋସ୍ନା ସାହାଣୀ, ଉଦ୍ଭିଦ ବିଜ୍ଞାନରେ ଅମ୍ରିତା ଜେନା, ରସାୟନ ବିଜ୍ଞାନରେ ଶୁଭସ୍ମିତା ମହାନ୍ତି, ଭୂତତ୍ୱ ବିଭାଗରେ ଶୁଭଶ୍ରୀ ଆଚାର୍ଯ୍ୟ, ଗଣିତରେ ସୌମ୍ୟ ରଞ୍ଜନ ଜେନା, ପଦାର୍ଥ ବିଜ୍ଞାନ ରେ ସଂଗ୍ରାମ ମହାନ୍ତି, ପ୍ରାଣୀ ବିଜ୍ଞାନରେ ସୁଭାଷ କୁମାର ସାହୁ, ଓ ବାଣିଜ୍ୟରେ ସୋନାଲି ପ୍ରିୟଦର୍ଶନୀ ରାଉତ ଟପ୍ପର୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

## ଦୁଷ୍କର୍ମ ଅଭିଯୋଗରେ ବୃଦ୍ଧଙ୍କୁ ୨୦ ବର୍ଷ ଜେଲ୍

**କେନ୍ଦ୍ରାପଡ଼ା, ୨୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ନାବାଳିକା ବଳାତ୍କାର ମାମଲା (ଜିଆର କେସ ନଂ- ୯୮/୨୪)ର ଫଇସଲା ସୋମବାର ହୋଇଛି । ଆଡିସ୍‌ନାଲ ଡିଷ୍ଟ୍ରିକ୍ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକସୋ ମାମଲାର ଶୁଣାଣୀ କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡପଡା ଗ୍ରାମର ୭୦ ବର୍ଷିୟ ବୃଦ୍ଧ ବଟକୃଷ୍ଣ ସାହୁଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି । ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦେୟରେ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି । ଏଥିସହିତ ପିଡିତା ନାବାଳିକାଙ୍କୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ମାଧ୍ୟମରେ ୬ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପିପି ଆଇନଜୀବୀ ମନୋଜ ସାହୁ କହିଛନ୍ତି ଯେ ଗତ ୨୦୨୪ ମସିହା ନଭେମ୍ବର ୨୮ ତାରିଖରେ ଏହି ଘଟଣା ହୋଇଥିଲା । ଏହି ଦିନ ପୂର୍ବାହ୍ନ ୧୧ଟା ସମୟରେ ପିଡିତା ୯ ବର୍ଷର କନ୍ୟା ଘରେ ଥିଲେ । ବଟକୃଷ୍ଣ ଏହି ଏକୁଟିଆ ସମୟର ସୁବିଧା ଉଠାଇ ବଳାତ୍କାର କରିଥିଲେ । ସେହି ସମୟରେ ପିଡିତାଙ୍କ ମୁହଁରେ ଗାମୁଛା ବାନ୍ଧି ଦେଇଥିଲେ । ଏହି ଘଟଣା ପରିବାର ସଦସ୍ୟ ଜାଣିବା ପରେ ୨୯ ତାରିଖରେ ଅଭିଯୋଗ ପତ୍ର ଦେଇଥିଲେ ବୋଲି ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି ।

## କୋଇଲା ଖଣି ସଂପ୍ରସାରଣ ପାଇଁ ୭ ପରିବାରକୁ ଉଚ୍ଛେଦ



**ତାଳଚେର, ୨୮/ଏନ୍‌ଏନ୍‌ଏସ୍:** ଏମ୍‌ସିଏଲ୍ ବଳରାମ କୋଇଲା ଖଣି ସଂପ୍ରସାରଣ ପାଇଁ ଆଜି ପୁଲିସ୍ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ କଳମଛୁଇଁ ଗ୍ରାମର ୭ଟି ପରିବାରକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି । ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସାଶ୍ୱତ ସୋଭନ ମହାପାତ୍ର, ତାଳଚେର ଏସଡିପିଓ ଭରତ ଚନ୍ଦ୍ର ବେହେରା, ହିଙ୍ଗୁଳା ଜିଏମ ମାହାମୁଦ ମିଆଁ ଏବଂ ପୁଲିସ୍ ସହାୟତାରେ ଏହି ଉଚ୍ଛେଦ କାର୍ଯ କରାଯାଇଥିଲା । ଏମ୍‌ସିଏଲ୍ ସୂଚନା ଅନୁଯାୟୀ, ଏହି ୭ପରିବାରକୁ ସମ୍ପୂର୍ଣ୍ଣ ନିଯୁକ୍ତି କ୍ଷତିପୂରଣ ଅର୍ଥ ମିଳିସାରିଥିବା ବେଳେ ସେମାନଙ୍କ ଘର ଭାଙ୍ଗିନଥିଲେ ଯାହାକି, ଖଣିର ନିକଟରେ ରହିଥିବାରୁ ଖଣି ସଂପ୍ରସାରଣ ହୋଇ ପାରୁନଥିଲା । ଏପରିକି ଖଣି ଉତ୍ପାଦନ ଓ ପରିବହନ ବାଧାପ୍ରାପ୍ତ ହେଉଥିଲା । ଏହି ଉଚ୍ଛେଦ ବେଳେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିବା ବେଳେ ପୁଲିସ୍ ପ୍ରଶାସନ ପପକ୍ଷରୁ ବୁଝାସୁଝା କରିବାପରେ ଘର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା । ଖଣି କର୍ତ୍ତୃପକ୍ଷ ସମସ୍ତ ପରିବାରବର୍ଗଙ୍କ ଆସବାବପତ୍ରକୁ ଗାଡ଼ି ସାହାୟତାର ପଠାଇ ଦେଇଥିଲେ । କ୍ଷତିଗ୍ରସ୍ତ ପରିବାରଙ୍କ ଅଭିଯୋଗ ତାଙ୍କୁ ଘର ବାବଦକୁ ଟଙ୍କା ମିଳିନଥିବରୁ ସେମାନେ ଘର ଛାଡ଼ି ଯାଉନଥିଲେ ବୋଲି ପ୍ରକାଶ କରିଛନ୍ତି ।

## ମହାବିନାୟକ ମନ୍ଦିରରେ ଶୀତଳ ଷଷ୍ଠୀ ଉତ୍ସବ

**ବଡଚଣା, ଚଣ୍ଡିଖୋଲ, ୨୮/ଏନ୍‌ଏନ୍‌ଏସ୍:** ବାରଣାବନ୍ତ ପର୍ବତ ମଧ୍ୟସ୍ଥଳରେ ପ୍ରସିଦ୍ଧ ମହାବିନାୟକ ମନ୍ଦିର ଅବସ୍ଥିତ । ସେଠାରେ ପ୍ରତ୍ୟେକ ବର୍ଷ ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଆସୁଅଛି । ଚଳିତ ମାସରେ ଏହି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସେଠାରେ ପ୍ରଥମେ ଶୀତଳ ଷଷ୍ଠୀ ଉତ୍ସବ ପୂଜାର୍ଚ୍ଚନା ହେବା ପରେ ବିବାହ ଉତ୍ସବ ଆରମ୍ଭ ହୋଇଥଲା । ବର ପକ୍ଷରୁ ଭଗବାନ ଶିବଙ୍କୁ ଏକ ସୁସଜିତ ବିମାନରେ ବସାଇ ମନ୍ଦିର ପରିକ୍ରମା କରଯାଇ ବେଦୀ ମଣ୍ଡପ ପାଖରେ ପହଞ୍ଚା ଯାଇଥିଲ । ଏହି ବିମାନ ସମ୍ମୁଖରୁ ବାଜା, ସଂକୀର୍ତ୍ତନ ସହିତ ବାଣ ଫୁଟାଇ ଫୁଲ ଗୁଡ଼ିକ ବିମାନ ଉପରକୁ ପକାଯାଇ ଏକ ବିରାଟ ପଟୁଆର କରାଯାଇଥିଲା ବେଦୀ ମଣ୍ଡପରେ ବର ପହଞ୍ଚିବା ପୂର୍ବରୁ କନ୍ୟା ପକ୍ଷରୁ ମଙ୍ଗନ୍ ହାଣ୍ଡି ବସାଯାଇ ବ୍ରାହ୍ମଣ ମଙ୍ଗଳ ଆଳତି କରି କନ୍ୟା ପିତା ଅନନ୍ତ ଚରଣ ପୃଷ୍ଟି ଓ ବରପିତା ପର୍ଶୁରାମ ବିଶ୍ୱାଳଙ୍କୁ ବେଦୀ ମଣ୍ଡପକୁ ଆସିବାକୁ ଆମନ୍ତ୍ରଣ କରିଥିଲେ । ଏହାପରେ ଚାରିକର୍ମ କରାଯାଇ ବଡ଼ ସିଂହାର, ପଞ୍ଚାମୃତ ସ୍ନାନ କରଜାଇ ଥିଲା । ବ୍ରାହ୍ମଣ ପଣ୍ଡିତ ନାରାୟଣ ତ୍ରିପାଠୀ, ଝୁଲିଆ ପଣ୍ଡା, ସୁରେନ୍ଦ୍ର ନାଥ ପଣ୍ଡା, ହିମାଂଶୁ ପଣ୍ଡା, ନିଲୁ ପଣ୍ଡା ପ୍ରମୁଖ ବିବାହ ମନ୍ତ୍ର ଉଚ୍ଚାରଣ କରି ଶିବ, ପାର୍ବତୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥଲେ ବର ପକ୍ଷରୁ ଆସିଥିବା ବରଯାତ୍ରୀ ଓ କନ୍ୟା ପକ୍ଷରୁ ଥିବା ସମସ୍ତ ଅତିଥିମାନଙ୍କ ପାଇଁ ମଧ୍ୟାହ୍ନ ସମୟ ଓ ରାତ୍ର ସମୟରେ ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଶ୍ରୀ ମହାବିନାୟକ ଟ୍ରଷ୍ଟିର ଅଧ୍ୟକ୍ଷ ଧନେଶ୍ୱର ସାମଲଙ୍କ ତତ୍ତ୍ୱାବଧାନରେ ଶୀତଳ ଷଷ୍ଠୀ ଉତ୍ସବ ଓ ଶିବ ପାର୍ବତୀ ବିବାହ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।

## ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ ସଚେତନତା ଅଭିଯାନ



**ଯାଜପୁର, ୨୮/ଏନ୍‌ଏନ୍‌ଏସ୍:** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଷାକ୍ତ, ଅପମିଶ୍ରିତ ମଦ ଓ ତମାଖୁ ନିଷେଧ ସମ୍ପର୍କୀୟ ଜିଲ୍ଲାସ୍ତରୀୟ ସଚେତନତା ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି । ଜନସାଧାରଣ ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇ ପାରିବେ ସେ ବିଷୟ ଗମ୍ଭୀରତାର ସହିତ ନେବାର ସମୟ ଆସିଛି । ସୂଚନାଯୋଗ୍ୟ ଯେ ତମାଖୁ, ବିଷାକ୍ତ ମଦ ଓ ଡ୍ରଗସ ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସ ମଇ ୩୧ ତାରିଖ ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ସଚେତନତା ଅଭିଯାନ ଜାରୀ ରହିବ । ତମାଖୁ ସେବନର ଅପକରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବାକୁ ପଡ଼ିବ । ଯାଜପୁର ଜିଲ୍ଲାରେ ଏହି ସଚେତନତା ଅଭିଯାନ ବିଭିନ୍ନ ବିଭାଗର ସହଭାଗିତାରେ ଆରମ୍ଭ ହୋଇଛି । ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା କଳା ସଂସ୍କୃତି ସଂଘ, ବ୍ଲକ୍ କଳା ସଂସ୍କୃତି ସଂଘ ଓ ନଗର କଳା ସଂସ୍କୃତି ସଂଘ ଦ୍ୱାରା ପାଲା ଓ ଦାସକାଠିଆ ମାଧ୍ୟମରେ ତୃଣମୂଳ ସ୍ତରରେ ସଚେତନତା ବାର୍ତ୍ତା ପହଞ୍ଚାଇବେ । ଏହି ଅଭିଯାନ ସମୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମସ୍ତ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିଙ୍କୁ ଅନ୍ତର୍ଭୁକ୍ତ କରି ସଚେତନତା ବାର୍ତ୍ତା ପହଞ୍ଚାଇବେ । ଏସ.ଏଚ୍.ଜି ଗ୍ରୁପ ମାଧ୍ୟମରେ ମଦମୁକ୍ତ ପଞ୍ଚାୟତ ମନୋନୀତ କରିବେ । ଏଫ୍.ଏମ୍ ଚ୍ୟାନେଲ ଓ ଲୋକାଲ ଟିଭି ଚ୍ୟାନେଲ ମାଧ୍ୟମରେ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ରେଡ଼ିଓ ଜିଙ୍ଗଲ ଓ ଅଡିଓ ଭିଜୁଆଲ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇବେ । ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ବ୍ୟାପକ ସଚେତନତା ଅଭିଯାନ ମାଧ୍ୟମରେ ମଦପିଇ ଗାଡ଼ି ଚଳାଇବାକୁ ରୋକି ପାରିବେ । ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏନ୍.ଜି.ଓଙ୍କ ଦ୍ୱାରା ନିଶା ନିବାରଣ କେନ୍ଦ୍ର ମାଧ୍ୟମରେ ସଚେତନ କରାଇବେ । ଏହି ସମୟ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, କର୍ମଶାଳା ଓ ସମ୍ମିଳନୀ ମାଧ୍ୟମରେ ସ୍ୱତନ୍ତ୍ର ସଚେତନତା ଅଭିଯାନ କରିବେ । ଜଙ୍ଗଲ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବ୍ୟାପକ ବୃକ୍ଷ ରୋପଣ କରିବେ । କ୍ରୀଡା ବିଭାଗ ପକ୍ଷରୁ ଗଣଦୌଡ ଅଭିଯାନ କରିବେ । ମିଶନଶକ୍ତି ବିଭାଗ ଏସ୍‌ଏଚ୍‌ଜିମାନଙ୍କୁ ଅନ୍ତର୍ଭୁକ୍ତ କରାଇ ଜନ ସଚେତନ କରାଇବେ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା କରାଇ ଜିଲ୍ଲାରୁ ୫ ଜଣ କୃତି ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରକୁ ପଠାଇବେ । ଏହି ବୈଠକରେ ଜିଲ୍ଲା ଅବକାରୀ ଅଧିକ୍ଷକ ଦିବ୍ୟ କିଶୋର ଟଣ୍ଡେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ପ୍ରକାଶ ଚନ୍ଦ୍ର ବଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଜଗବନ୍ଧୁ ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଫକିର ମୋହନ ଟୁଡୁ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅବକାରୀ ଅନିତା ଓଝା, ରେଞ୍ଜ ଇନ୍ସପେକ୍ଟର, କାଳନ୍ଦୀ ବେହେରା, ମିଶନ ଶକ୍ତି ଡିପିସି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଜ୍ଞାନପ୍ରଭା ମିଶନ ଦ୍ୱାରା କର୍କଟ ରୋଗ ସଚେତନତା



**ନାଉଗାଁ, ୨୮/ଏନ୍‌ଏନ୍‌ଏସ୍:** ନାଉଗାଁ ବ୍ଲକ ଅବଦଲପୁର ସ୍ଥିତ ହରିହାରାନନ୍ଦ ମାତୃ ଆଶ୍ରମ ଠାରେ ଜ୍ଞାନପ୍ରଭା ମିଶନ ଆନୁକୂଲ୍ୟରେ ମାଆ ଗୁରୁ ପ୍ରେମାନନ୍ଦଜୀଙ୍କର ଜୟନ୍ତୀ ଅବସରରେ ଏକ କର୍କଟ ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରଟି ବାଗଚି ଶ୍ରୀ ଶଙ୍କରା ହସ୍ପିଟାଲର ଅଭିଜ୍ଞ ଚିକିତ୍ସକ ଡା. ଅଭିଷେକ ଦଣ୍ଡପାଟ ଓ ଡା. ନିହାରିକା ଦାସଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରୂପରେଖ ଓ ଆଜିର ସମାଜରେ କର୍କଟ ରୋଗର ଭୟଭହିତ ବିଷୟରେ ଜ୍ଞାନପ୍ରଭା ମିଶନର ସମ୍ପାଦିକା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ଏହାପରେ ଚିକିତ୍ସକମାନେ ଅତ୍ୟାଧୁନିକ ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ପ୍ରକାର କର୍କଟ ରୋଗର କାରଣ, ନିରାକରଣ, ଚିକିତ୍ସା ଆଦି ବିଷୟରେ ବିଶେଷ ଭାବରେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜ୍ଞାନପ୍ରଭା ମିଶନର ସନ୍ୟାସୀନି ସ୍ୱାମୀ ଦୁର୍ଗେସାନନ୍ଦ ମାଆ, ସ୍ୱାମୀ ସୁମେଧାନନ୍ଦ ମାଆ, ବ୍ରହ୍ମଚାରିଣୀ କୃଷ୍ଣମୟୀ ମାଆ, ବ୍ରହ୍ମଚାରିଣୀ ମଧୁମୟୀ ମାଆ, କୁହୁକିନୀ ମାଆ ଓ ସମସ୍ତ ଗୁରୁଭାଇ ଓ ମାଆମାନେ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## କଲେଜ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



**ଧର୍ମଶାଳା, ୨୮/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ପଞ୍ଚାୟତ ବଜ୍ରଗିରି ଉଚ୍ଚ ମାଧମିକ ବିଦ୍ୟାଳୟର କର୍ମଚାରୀ ବିଜୟ କୁମାର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପ୍ରଭାସ ଚନ୍ଦ୍ର ଚୋଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାର କଲେଜର ପୂର୍ବତନ ଅଧକ୍ଷ ଅନନ୍ତ କିଶୋର ମହାନ୍ତି ଓ ପତିତପାବନ ବଳସାମନ୍ତ ଯୋଗଦେଇ ଅବସର ଗ୍ରହଣ କରିଥିବା ଶ୍ରୀ ସାହୁ ସତ୍ୟନିଷ୍ଠ ରହି ନିଜର ଗୁରୁଦାୟିତ୍ୱ ସମାପନ କରିଛନ୍ତି ବୋଲି କହିଥିଲେ । ଅଧାପକ ସଞ୍ଜୟ କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅଧାପକ ବାବାଜୀ ଚରଣ ସାହୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅଧାପକ ଅମର ରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲାପାଳଙ୍କ ଅଫିସ୍ ଘେରିଲେ ଟ୍ରକ୍ ମାଲିକ ସଂଘ

**ଢେଙ୍କାନାଳ, ୨୮/ଏନ୍‌ଏନ୍‌ଏସ୍:** ବିଭିନ୍ନ ଦାବି ନେଇ ଢେଙ୍କାନାଳ ଶିଳ୍ପାଞ୍ଚଳ ଟ୍ରକ୍ ମାଲିକମାନେ ଆଜି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଜିଲ୍ଲା ଶିଳ୍ପାଞ୍ଚଳ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏହି ଆନ୍ଦୋଳନରେ ଜିଲ୍ଲାବ୍ୟାପୀ ଶତାଧିକ ଟ୍ରକ୍ ମାଲିକ ସାମିଲ ହୋଇଥିଲେ । ସ୍ଥାନୀୟ ବାଜିଚୌକ ଛକ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଟ୍ରକ୍ ମାଲିକମାନେ ସହର ପରିକ୍ରମା କରିଥିଲେ । ବିଭିନ୍ନ ଦାବି ସମ୍ବଳିତ ପ୍ଲା କାର୍ଡ ଧରି ଟ୍ରକ୍ ମାଲିକମାନେ ନାରବାଜି ଦେଇଥିଲେ । ପରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରି ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଜିଲ୍ଲାରେ ବିଭିନ୍ନ ଶିଳ୍ପ ଗଢି ଉଠିଛି । ଶିଳ୍ପ ଅନୁଷ୍ଠାନମାନଙ୍କ ପାଇଁ ଜମି ଅଧିଗ୍ରହଣ ସମୟରେ ସ୍ଥାନୀୟଲୋକଙ୍କୁ ଅଗ୍ରାଧିକାର ଦେବା ପାଇଁ ଜିଲ୍ଲା ପ୍ରଶାସନ ଲୋକପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଗଢି ଉଠିଥିବା କଳକାରଖାନାର କର୍ତ୍ତୃପକ୍ଷ ଜମିହରାଙ୍କୁ ପ୍ରତାରଣା କରୁଥିବାରୁ ଜମିହରା ପରିବାରମାନେ ନାନା ସମସ୍ୟାରେ ପଡୁଛନ୍ତୁ । କିନ୍ତୁ କମ୍ପାନୀ ବାହାର ରାଜ୍ୟ ଏବଂ କିଛି ଜିଲ୍ଲା ବାହାର ଏବଂ କିଛି ଜିଲ୍ଲା ଭିତରରୁ ମୁଷ୍ଟିମେୟ ଲୋକଙ୍କୁ ଅଗ୍ରାଧିକାର ଦେଇ ସ୍ଥାନୀୟ ବାସିନ୍ଦାଙ୍କ ଅଧିକାରକୁ ଗୋଇଠା ମାରିଚାଲିଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହା ହେବା ଦ୍ୱାରା ଗାଡି ମାଲିକମାନେ ଋଣ ଶୁଝି ପାରୁନାହାଁନ୍ତି । ଏନେଇ ବାରମ୍ବାର ଜିଲ୍ଲାପାଳଙ୍କୁ ଗୁହାରି କରୁଥିଲେ ମଧ୍ୟ କୌଣସି ପ୍ରତିକାର ନକରୁଥିବାରୁ ଆଜି ପ୍ରତୀକ ପ୍ରଦର୍ଶନ କରାଯାଇଛି । ତେବେ ସେମାନଙ୍କ ସମସ୍ୟା ପ୍ରତିକାର ନକଲେ ଆଗାମୀ ସମୟରେ ଜିଲ୍ଲାବ୍ୟାପୀ ଟ୍ରକ୍ ମାଲିକମାନେ ଟ୍ରକ୍ ଚଳାଚଳ ବନ୍ଦ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମୁହ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଆଦର୍ଶ କ୍ଲବ୍ ପକ୍ଷରୁ କବିତା ପାଠ ଓ ଆଲୋଚନାଚକ୍ର

# ‘ତମାଖୁ ସେବନ ସାମାଜିକ ବିକାଶରେ ବଡ଼ ପ୍ରତିବନ୍ଧକ’

**ବେଗୁନିଆ,୨।୬/ଏନ୍ଏନ୍ଏସ୍:** ବେଗୁନିଆ ସଦର ମହକୁମାରେ ଆଦର୍ଶ କ୍ଲବ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ‘ଅଦୃଶ୍ୟମାନ ବିପଦର କାରଣ - ତମାଖୁ’ ଶୀର୍ଷକ କବିତା ପାଠ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବର ଉପଦେଷ୍ଟା ବିଶିଷ୍ଟ ରସାୟନ ବିଜ୍ଞାନୀ ଡ. ହରିପ୍ରସାଦ ଦାସ ପୌରୋହିତ୍ୟ କରିଥିଲେ। ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସଭାପତି ସମସ୍ତଙ୍କୁ ତମାଖୁ ବର୍ଜନ ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଏହି ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ଦେବା ସହ ସ୍ୱରଚିତ ତମାଖୁ ବର୍ଜନ ସଚେତନତା ସଙ୍ଗୀତ ଗାନ କରିଥିଲେ। ଏଥିରେ ସ୍ଥାନୀୟ ଥାନାଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା ମୁଖ୍ୟଅତିଥି, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ସ୍ଥାନୀୟ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଓ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥି ରୂପେ ଯୋଗଦେଇ ତମାଖୁରେ ବ୍ୟବହୃତ ନିକୋଟିନ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ଓ କେବଳ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ହିଁ ଏଥିରୁ ନିଜକୁ ଦୂରେଇ ପାରିବା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବୟିତ୍ରୀ ମାନସୀ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବିକେତନ ଗୌରଚରଣ ସାମନ୍ତସିଂହାର, ଇଂ ରାମମାନସ ପଣ୍ଡା, ରାମଚନ୍ଦ୍ର ବେହେରା, ପ୍ରଧାନଶିକ୍ଷକ ଦିବାକର ସାହୁ , ଶିକ୍ଷାବିତ ପତିତପାବନ ବଳବନ୍ତରାୟ , ଡାକ୍ତର ପ୍ରମୋଦ କୁମାର କହଲସିଂହ, କୃଷନେତା ମଦନ ମୋହନ ସାହୁ, ସମାଜସେବୀ ବ୍ରଜବନ୍ଧୁ ପଣ୍ଡା, କୈଳାସ ନାଥ ପଟ୍ଟନାୟକ, ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର ପାଲଟାସିଂହ, ଅଶ୍ୱିନୀ ପଟ୍ଟନାୟକ, ସବିତା ରାୟ ଓ ବି. କେ ଜ୍ୟୋତ୍ସ୍ନାରାଣୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଅନୁଷ୍ଠାନର ଉପ ସଭାପତି ମହେଫୁଜ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।



## ପୋଖରୀରେ ବୁଡ଼ି ୧୮ ମାସର ଶିଶୁକନ୍ୟା ମୃତ

**କୋଣାର୍କ,୨।୬/ଏନ୍ଏନ୍ଏସ୍:** ସୋମବାର କୋଣାର୍କ ଥାନା ଅଧୀନସ୍ଥ କୁରୁଜଙ୍ଗ ପଞ୍ଚାୟତ ଭାଣପୁର ଗ୍ରାମରେ ମା’ ରୋଷେଇ କରୁଥିବା ବେଳେ ୧୮ମାସର ଶିଶୁକନ୍ୟା ଚାଲିଚାଲି ଯାଇ ଘର ପାଖ ପୋଖରୀରେ ପଡ଼ିଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ଭାଣପୁର ଗ୍ରାମର ଦୀପକ କାଣ୍ଡିଙ୍କ କନ୍ୟା ସ୍ମୃତିରେଖା କାଣ୍ଡି ମାତ୍ର ୧୮ମାସର ହୋଇଥିବା ବେଳେ ମା’ ରୋଷେଇ କରୁଥିବା ସମୟରେ ଅଜାଣତରେ ମା’ ନିକଟରୁ ପଳାଇଆସି ଚାଲି ଚାଲି ଘର ନିକଟସ୍ଥ ଏକ ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ। ଝିଅକୁ ପାଖରେ ନ ପାଇ ମା’ ଝିଅକୁ ଖୋଜିବା ସହିତ ପରିବାର ଲୋକେ ସମସ୍ତେ ଖୋଜାଖୋଜିରେ ଲାଗି ଯାଇଥିଲେ। ମାତ୍ର କିଛି ସମୟ ପରେ ଶିଶୁ କନ୍ୟାଟି ପୋଖରୀରେ ଭାସୁଥିବା ଦେଖି ତୁରନ୍ତ ତାକୁ ପରିବାର ଲୋକ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ଶିଶୁକନ୍ୟାଟିର ମୃତ୍ୟୁ ହୋଇସାରିଥିବା ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପାଇଁ ଭାଣପୁର ଗାଁରେ ଶୋକର ଛାୟା ଖେଳିଯାଇଥିଲା। ଖବର ପାଇ କୋଣାର୍କ ପୁଲିସ ଶିଶୁକନ୍ୟାର ଶବ ଜବତକରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବା ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ନିଯୁକ୍ତ

**ଅସ୍ତରଙ୍ଗ,୨।୬/ଏନ୍ଏନ୍ଏସ୍:** କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପିର ଯୁବ ସଂଗଠକ ରାକେଶ କୁମାର ବିଶ୍ୱାଳଙ୍କୁ ସାଂସଦ ବିଭୁ ପ୍ରସାଦ ତରାଇ ପୁରୀ ଜିଲ୍ଲା (ସ୍ୱାସ୍ଥ୍ୟ ବିଭାଗ)ର ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ପ୍ରତିନିଧି ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ବିଶ୍ୱାଳ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ଲୋକମାନେ କିଭଳି ଉନ୍ନତ ମାନର ଚିକିତ୍ସା ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ରାକେଶ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସାଂସଦ ଡ଼ଃ ବିଭୂପ୍ରସାଦ ତରାଇ ପ୍ରମୁଖଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର ଅଗ୍ରଗତି ପାଇଁ କାର୍ଯ୍ୟ କରିବେ ବୋଲି ରାକେଶ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସାଂସଦ ଦାୟିତ୍ୱ ଦେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ସମୂହ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିପାଟଣା,୨।୬/ଏନ୍ଏନ୍ଏସ୍:** ଶ୍ରୀ ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନରେ ସହ ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କ ସହିତ ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମୂହ ଭାବରେ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସ୍ଥାନୀୟ ତହସିଲଦାର କଳ୍ପନା ଦାସ, ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ପ୍ରଧାନ ଶିକ୍ଷକ ଅର୍ଣ୍ଣବ କୁମାର ବେହୁରା, ବିଜୟ କୁମାର ବେହେରା, ସୁଷମାରାଣୀ ମହାପାତ୍ର, ଶରତଚନ୍ଦ୍ର ଆଚାର୍ଯ୍ୟ, ପ୍ରଦୀପ ପ୍ରଧାନ, ସୁନୀତା ରାଉତରାୟ, ଏ ବି ଇ ଓ ଯଶୋଦା ସାହୁ, ଶିକ୍ଷକ ନେତା ଆଲୋକ ରଞ୍ଜନ ସାହୁ, ରଶ୍ମିରଞ୍ଜନ ପଣ୍ଡା, ଜମେଶ୍ୱର୍ ମଲ୍ଲିକ, ଦୀନକୃଷ୍ଣ ସାହୁ, ପ୍ରଭାକର ମଲ୍ଲିକ, ପ୍ରଫେସର ମନମୋହନ ରାଉତ, ବେସରକାରୀ ବିଦ୍ୟାଳୟ ସଂଘ ସଭାପତି ଅଭିମନ୍ୟୁ ନାୟକ ଓ ଆଦର୍ଶ ବିଦ୍ୟାଳୟ ର ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟ ନିଷ୍ଠା ଓ କାର୍ଯ୍ୟକାଳରେ ସମର୍ପିତ ଅବଦାନକୁ ପ୍ରଶଂସା କରିଥିଲେ। ଅବସର ଗ୍ରହଣ କରିଥିବା ସହ ଶିକ୍ଷାଧିକାରୀ ମଞ୍ଜୁଲତା ରାଉତ, ଶିକ୍ଷକ ସଲିଳ କୁମାର ମହାନ୍ତି, ଶିକ୍ଷୟିତ୍ରୀ ବିଦ୍ୟୁଲତା ପଣ୍ଡା, ମଧୁମିତା ମହାନ୍ତି, ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ବିଭାଗ ତରଫରୁ ସମ୍ମାନପତ୍ର ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ସିଆରସିସି ମମିତା ଦଳେଇ, ଝୁନୀ ଦେଇ ଓ ଅନ୍ୟମାନଙ୍କ ସହିତ କାର୍ଯ୍ୟାଳୟର ସ୍ୱିଟି ଦଳାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୀଳମାଧବ ମୋଟର କର୍ମଚାରୀ ସଂଘ ବୈଠକ

# ଜୁନ୍ ୨୨ରେ ନିର୍ବାଚନ, ସାଧାରଣ ସଭା ନିଷ୍ପତ୍ତି

**କଣ୍ଟିଲୋ,୨।୬/ଏନ୍ଏନ୍ଏସ୍:** କଣ୍ଟିଲୋ ନୀଳମାଧବ ମୋଟର କର୍ମଚାରୀ ସଂଘର ପ୍ରତ୍ୟେକ ନୀତି ନିୟମ ଅନୁଯାୟୀ ରବିବାର ସଂଧ୍ୟାରେ ସଂଘ କାର୍ଯ୍ୟାଳୟରେ ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ପରିଚାଳନା କମିଟି ସଦସ୍ୟମାନଙ୍କର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରୁ ସଭାପତିଙ୍କ ପରାମର୍ଶ ଅନୁଯାୟୀ ସଂଘର ବରିଷ୍ଠ ସଦସ୍ୟ ବାଇଧର ମିଶ୍ର(ପଠାଣି ଭାଇନା)ଙ୍କ ଅକାଳ ବିୟୋଗ ଓ ପହେଲଗାଁରେ ଆତଙ୍କବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ୨୬ଜଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମରେ ଦୀର୍ଘ ୨୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଏହି ନୀଳମାଧବ ମୋଟର କର୍ମଚାରୀ ସଂଘ ପ୍ରତ୍ୟେକ ଗାଡ଼ି ମାଲିକ, ଗାଡ଼ିମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଓ ସର୍ବୋପରି ସର୍ବସାଧାରଣ ଜନତାଙ୍କୁ ସେବା ଯୋଗାଇ ଆସୁଥିବାର ବହୁ ନଜିର ଅଛି। ସମ୍ପାଦକ ଉପସ୍ଥିତ କମିଟି ସଦସ୍ୟମାନଙ୍କୁ ବିଗତ ବର୍ଷ ମାନଙ୍କର ପ୍ରତ୍ୟେକ ଆୟବ୍ୟୟର ଟିକିନିଖି ହିସାବ ଫର୍ଦ୍ଦ ପଢ଼ି ଶୁଣାଇବା ଓ ଗୋଟିଏ ଗୋଟିଏ ନକଲ ଦେଇ ସଦସ୍ୟମାନଙ୍କର ସହମତି ଓ ଅନୁମୋଦନ ପ୍ରାପ୍ତ ହେବା ପରେ ସଭାପତି ଏହାକୁ ଦୃଢ଼ି କରଣ କରିଥିଲେ। ବର୍ତ୍ତମାନର କର୍ମକର୍ତ୍ତାଙ୍କ ସମୟ ସୀମା ତିନିବର୍ଷ ଶେଷ ହୋଇଥିବାରୁ ସଭାପତି ନୂତନ କର୍ମକର୍ତ୍ତା ଚୟନ କିମ୍ବା ନିର୍ବାଚନ ସମ୍ପର୍କେ ବିଭିନ୍ନ ଦିଗରୁ ତର୍ଜମା କରିବା ପରେ ଆସନ୍ତା ଜୁନ୍ ୨୨ ତାରିଖରେ ସାଧାରଣ ସଭା ଓ ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ଘୋଷଣା ହୋଇଥିବା ସୂଚନା ମିଳିଛି।




## ଗ୍ରାମବାସୀଙ୍କ ଦ୍ୱାରା ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ

**ବାଲିପାଟଣା,୨।୬/ଏନ୍ଏନ୍ଏସ୍:** ସରିପୁର୍ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ଆଜି ପୂର୍ବାହ୍ନରେ ଗିରୀଙ୍ଗେଶ୍ୱରି ମନ୍ଦିର ପରିସରରେ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଗ୍ରାମବାସୀଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ ନେତା ଜମେଶ୍ୱର ମଲ୍ଲିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ଡ ପ୍ରଭାତ କୁମାର ରଥ, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ପୂର୍ବତନ ବିଇଓ ନଳିନୀ ମହାନ୍ତି, ମଞ୍ଜୁଲତା ରାଉତ, ରମେଶ ଚନ୍ଦ୍ର ମହାରଣା, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଯଶୋଦା ସାହୁ, ଶିକ୍ଷକ ନେତା ଆଲୋକ କୁମାର ସାହୁ, ଦୀନକୃଷ୍ଣ ସାହୁ, ପ୍ରଭାକର ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରୀମତୀ ପଣ୍ଡାଙ୍କ ନିଷ୍ଠାପର ସେବା ଓ ରଚନାତ୍ମକ ଚିନ୍ତାଧାରାର ଭୂୟସୀ ପ୍ରଶଂସା କରିଥିଲେ। ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀମାନେ ମାନପତ୍ର ଓ ଉପଢ଼ୌକନ ମାନ ଦେଇ ସମ୍ମାନିତ କରିଥିଲେ। ସିଆର୍‌ସିସି ମମିତା ଦଳାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଜ୍ୟୋତ୍ସ୍ନାରାଣୀ ଦାଶ,ସଞ୍ଜୁଲତା ରାଉତରାୟ, ସୁଷମା କୁମାରୀ ଦାସ, ରୋଜାଲିନ ସାହୁ, ଜୋସ୍ନାରାଣୀ ବେହେରା ପ୍ରମୁଖଙ୍କ ସହିତ ଛାତ୍ରଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ। ଛାତ୍ର ଛାତ୍ରୀମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରି ମନୋରଞ୍ଜନ କରିଥିଲେ।




## ଶ୍ରୀ ଶ୍ରୀ ଗତିଶ୍ୱର ଦେବଙ୍କ ପୀଠରେ ଶୀତଳଷଷ୍ଠୀ

**ବାଣପୁର,୨।୬/ଏନ୍ଏନ୍ଏସ୍:** ବାଣପୁର ବ୍ଲକ୍ ଅଧୀନସ୍ଥ ମଙ୍ଗରାଜପୁରର ଗତିଶ୍ୱର ଦେବଙ୍କ ପୀଠରେ ପାଳିତ ହୋଇଛି ଦେବଦମ୍ପତି ବିବାହ ଓ ଶୀତଳ ଷଷ୍ଠୀ। ପ୍ରତିବର୍ଷ ଭଳି ଏ ବର୍ଷ ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ଶ୍ରୀ ଶ୍ରୀ ଗତିଶ୍ୱର ଦେବ ବିଜେ ମଙ୍ଗରଜପୁରଙ୍କ ପୀଠରେ ମନ୍ତ୍ରପୂତ ବ୍ରହ୍ମନ୍ ଦ୍ୱାରା ସମ୍ପାଦିତ ହୋଇଛି। ଗ୍ରାମର ବ୍ରଜକିଶୋର ପଣ୍ଡା ଓ ତାଙ୍କ ସହଧର୍ମିଣୀ କନ୍ୟା ପକ୍ଷ ଓ ତପନ କୁମାର ପଣ୍ଡା ଓ ତାଙ୍କ ସହଧର୍ମିଣୀ ସୌଦାମିନୀ ପଣ୍ଡା ବରପକ୍ଷ ହୋଇ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁରୋହିତ ଦିଲୀପ କୁମାର ପଣ୍ଡା ଓ ଅରୁଣ ବିଗ୍ରହଙ୍କ ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ମନ୍ଦିର ପରିବେଶ। ବର ବେଶରେ ସୁସଜ୍ଜିତ ହୋଇ ପ୍ରଭୁ ଗତିଶ୍ୱର୍ ବୃଷଭ ଆରୋହଣ କରି ବାଜା ପଟୁଆରରେ ଗ୍ରାମ ପରିକ୍ରମା କରିବା ପରେ ପହଞ୍ଚିଥିଲେ ମନ୍ଦିର ନିକଟରେ। ବଟ ବରଣ କରି ନେଇ ଆସିଥିଲେ ବିବାହ ମଣ୍ଡପକୁ, ସେଠାରେ ସୁସଜ୍ଜିତ ହୋଇ ବସିଥିଲେ ମା’ ଜଗତ ଜନନୀ ପାର୍ବତୀ। ଏହି ଦୁର୍ଲଭ ବିବାହ ଦେଖିବାକୁ ଗ୍ରାମରେ ପ୍ରବଳ ଭିଡ଼ ଜମିଥିଲା। ଷଷ୍ଠୀ ଦିନ ଦୁଇଟି ଅଲଗା ଅଲଗା ବିମାନରେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ମଙ୍ଗରଜପୁର ଗ୍ରାମବାସୀଙ୍କ ସହାୟତାରେ ଶୃଙ୍ଖଳାର ସହ କାର୍ଯ୍ୟ ଶେଷ ହୋଇଥିଲା। ଶୀତଳଷଷ୍ଠୀ ଉପଲକ୍ଷେ ଏକ ସାମାଜିକ ନାଟକ ‘ଖରାପ ଝିଅର ଗପ’ ଯାହାକି ମାଧବ ବିଶ୍ୱାଳଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହେବାକୁ ଯାଉଥିବା ଗ୍ରାମର ସଭାପତି ରାଜକିଶୋର ପଣ୍ଡା ସୂଚନା ଦେଇଛନ୍ତି।



**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Girolu Gopi Reddy, aged about 20 years, S/o- Girolu Mohan Reddy, At - Sikharchandi Nagar, Po- Kiit, Ps- Infocity, Bhubaneswar, Dist- Khordha, Pin-751024 hereby declare that I have changed my name from G. Gopi to Girolu Gopi Reddy. Henceforth, I shall be known as **Girolu Gopi Reddy** for all purposes.

## ଚୋରି ଘଟଣା ପରେ ନିର୍ମାଣ ହେଲା କୁଆଁପାଳ-ବାଲିଚନ୍ଦ୍ରପୁର ସୁରକ୍ଷା ବାଡ଼

**ମାହାଙ୍ଗା,୨।୬/ଏନ୍ଏନ୍ଏସ୍:** ମାହାଙ୍ଗା ପୂର୍ତ୍ତବିଭାଗ ଅଧୀନ କୁଆଁପାଳ-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ କେନାଲ ରାସ୍ତାର କେନାଲ ପାର୍ଶ୍ୱରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ପଥଚାରୀଙ୍କୁ ସୁରକ୍ଷା ଦେବା ପାଇଁ ଲୁହା ବାଡ ନିର୍ମାଣ କରାଯାଇଥିଲା। ତେବେ ଏହି ସୁରକ୍ଷା ବାଡ ମୂଲ୍ୟବାନ ଦସ୍ତା ପ୍ଲେଟରେ ତିଆରି କରାଯାଇଥିବାରୁ ଏହାକୁ ଲୁଟିବାକୁ ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟି ପଡିଥିଲା।

ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରଥମେ କୁସୁପୁରଠାରୁ ବାଗସରପୁର ପର୍ଯ୍ୟନ୍ତ ପ୍ରାୟ ୨ କିମିରୁ ଉର୍ଦ୍ଧ୍ୱ ବାଡ଼ ଦୁର୍ବୃତ୍ତମାନେ କାଟି ନେଇଥିଲେ। ପରେ କୁଆଁପାଳଠାରୁ ଅଡମ ମହେଶପୁର ପର୍ଯ୍ୟନ୍ତ ଥିବା ଏହି ବାଡକୁ ଦୁର୍ବୃତ୍ତମାନେ କାଟି ନେଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଦେଖିଦେବାରୁ ଦୁର୍ବୃତ୍ତମାନେ କାଟିଥିବା ଲୁହାବାଡକୁ ଛାଡି ପଳାଇଯାଉଥିବାବେଳେ ପୁଲିସ ସେମାନଙ୍କୁ ନୂର୍ତାଙ୍ଗଠାରୁ ଗାଡି ସହ ଦୁର୍ବୃତ୍ତମାନଙ୍କୁ ଗିରଫ କରିଥିଲା। ଏହି ସୁରକ୍ଷାବାଡ଼ରେ ପ୍ଲେଟ୍‌ରେ ଲଗାଯିବା ପାଇଁ ଦୀର୍ଘ ଦିନ ହେବ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଆସୁଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପୂର୍ତ୍ତବିଭାଗ ପକ୍ଷରୁ ଏହାର ମରାମତି କରାଯାଉନଥିଲା। ଦୀର୍ଘ ଦିନ ପରେ ଏବେ ଏହି ସୁରକ୍ଷା ବାଡ଼ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି।

## ସାଲେପୁର-ଛତିଆ ରାସ୍ତାର ଉଭୟପାର୍ଶ୍ୱରେ ବୃକ୍ଷରୋପଣ କେବଳ କାଗଜପତ୍ରରେ

**କୁଆଁପାଳ,୨।୬/ଏନ୍ଏନ୍ଏସ୍:** ସାଲେପୁର-ଛତିଆ ପୂର୍ତ୍ତବିଭାଗ ରାସ୍ତା ପ୍ରଶସ୍ତୀକରଣ ନାମରେ ବ୍ୟାପକ ଗଛ କଟାଯାଇଥିଲା। ଏ ସମ୍ପର୍କରେ ସୂଚନା ତଥ୍ୟରୁ ମୋଟ ଗଛ କଟାଯିବା ସମ୍ପର୍କିତ ଖବର ଜଣାଯିବା ପରେ ରାସ୍ତାର ଉଭୟପାର୍ଶ୍ୱରେ ବୃକ୍ଷରୋପଣ କରାଯିବା ପାଇଁ ମାହାଙ୍ଗା ଅଞ୍ଚଳର ସୂଚନା କର୍ମୀ ତଥା ବୃକ୍ଷପ୍ରେମୀ ବିବେକାନନ୍ଦ ଦାସ ଗଣମାଧ୍ୟମରେ ଦାବି କରିଥିଲେ। ତେବେ ମାହାଙ୍ଗା ବ୍ଲକର ଗୋପାଳପୁର ଅଞ୍ଚଳର ସମାଜସେବୀ ବିକ୍ରମକେଶରୀ ନାଥଙ୍କ ଅଭିଯୋଗର ଉତ୍ତର ପୂର୍ତ୍ତବିଭାଗ ଡିଭିଜନ-୨ ସୁପରିଟେଣ୍ଡିଂ ଇଂଜିନିୟରଙ୍କ କାର୍ଯ୍ୟାଳୟରୁ ପ୍ରଦାନ କରାଯାଇଛି। ୨୭/୨୪୦କି.ମି ରାସ୍ତା ସାଲେପୁର ଠାରୁ ଛତିଆର ଉଭୟପାର୍ଶ୍ୱରେ ୨୩୪୮ଟି ବୃକ୍ଷରୋପଣ ପାଇଁ ମୋଟ ୨,୫୩,୮୦୬ଟଙ୍କା ଖର୍ଚ୍ଚ କରାଯିବ ବୋଲି ଚିଠି ମାଧ୍ୟମରେ ପ୍ରସ୍ତାବ ଦିଆଯାଇଥିଲା। ପ୍ରଦାନ କରାଯାଇଥିବା ତଥ୍ୟର ୪ନଂ ସିରିଏଲ୍‌ରେ ଦର୍ଶାଯାଇଛି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ରାସ୍ତାର ଉଭୟପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟ ଶେଷ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ସାଲେପୁର-ଛତିଆ ଉଭୟ ପାର୍ଶ୍ୱରେ କୌଣସି ବୃକ୍ଷରୋପଣ କରାଯାଇ ନାହିଁ। ତେବେ ବିକ୍ରମକେଶରୀ ନାଥଙ୍କୁ ଜଙ୍ଗଲ ବିଭାଗ କଟକ ପକ୍ଷରୁ ଚିଠିରେ ପ୍ରଦାନ ତଥ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁଥିରେ ଅନେକ ଭୁଲ୍ ତଥ୍ୟ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ତୁରନ୍ତ ସାଲେପୁର-ଛତିଆ ପୂର୍ତ୍ତବିଭାଗ ରାସ୍ତାର ଉଭୟପାର୍ଶ୍ୱରେ ଚାରା ବୃକ୍ଷରୋପଣ ପାଇଁ ସର୍ବସାଧାରଣରେ ଦାବି ହେଉଛି।

ଭାରତୀୟ ବିମାନବନ୍ଦର ଅର୍ଥନୈତିକ ନିୟାମକ ପ୍ରାଧିକରଣ
(ଭାରତ ସରକାରଙ୍କ ଏକ ସାମ୍ବିଧାନିକ ସଂସ୍ଥା)
୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ-୧୧୦୦୦୩
ଫୋନ୍-୨୪୬୯୫୦୪୪-୪୭, ଫାକ୍ସ: ୨୪୬୯୫୦୪୮, ୱେବସାଇଟ୍: http://aera.gov.in

**ଆବେଦନ ଦାଖଲ ତାରିଖ ବୃଦ୍ଧି**

୦୭.୦୫.୨୦୨୫ରେ ପ୍ରକାଶିତ ଖାଲି ପଦବୀ ସର୍କୁଲାର ନମ୍ବର A-20014/Consultants/2023-24-Estb./22994, ତା. ୦୭.୦୫.୨୦୨୫ ଅନୁଯାୟୀ, ଉପଯୁକ୍ତ ଚ୍ୟାନେଲ୍ ମାଧ୍ୟମରେ ଆବେଦନ ଗ୍ରହଣ କରିବାର ଶେଷ ତାରିଖକୁ ୨୬.୦୬.୨୦୨୫ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

cbc03112/12/0003/2526 ଉପମୁଖ୍ୟ, ଏଇଆର୍‌ଏ

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

[illegible] Divisional Railway Manager (Engg.), [illegible] E-KGP-WEST-20-2025, [illegible] E-KGP-EAST-43-2025, [illegible] E-KGP-SOUTH-26-2025, [illegible] E-KGP-SOUTH-27-2025, [illegible] E-KGP-SOUTH-28-2025, [illegible] E-KGP-EAST-44-2025, [illegible] www.ireps.gov.in [illegible]

(PR-223)

## ଶିଶୁଅନନ୍ତ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିପାଟଣା,୨।୬/ଏନ୍ଏନ୍ଏସ୍:** ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର କର୍ମଚାରୀ ଶ୍ରୀଧର ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ମଧୁମତି ରଥ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ରଶ୍ମିତା ମହାପାତ୍ର, ଲିଜିନା ସାହୁ, ଅଭିଜିତ ସାହୁ, ଅଜୟ ତ୍ରିପାଠୀ, ବାବୁରାମ ମହାନ୍ତିଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, କଲେଜ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ଗୃହିଣୀଙ୍କ ସ୍ମୃତିଚାରଣ ସଭା

**ବେଗୁନିଆ,୨।୬/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ କଣ୍ଠାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ପୂର୍ବତନ ସେନାନୀ ବସନ୍ତ କୁମାର ହୋତାଙ୍କ ସହଧର୍ମିଣୀ ଅନୁପମା ହୋତାଙ୍କ ଏକାଦଶାହ ପାଳନ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନିଜ ବାସଭବନ ପରିସରରେ ଆୟୋଜିତ ଏହି ସଭାରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପ୍ରାରମ୍ଭରେ ଦିବଙ୍ଗତାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହ ଆତ୍ମୀୟ ସ୍ୱଜନମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବାସହ ‘ନିରୁପମା ଅନୁପମା’ ଶୀର୍ଷକ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ସ୍ୱର୍ଗତା ହୋତା ଏକଧାରାରେ ଜଣେ ସୁଗୃହିଣୀ, ଧର୍ମପରାୟଣା, ଉଦାରଚେତା ଓ ବନ୍ଧୁପ୍ରାଣା ମହିଳା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଣ୍ଠାବାଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଆରିକମା ସରପଞ୍ଚ ପ୍ରଦୀପ କୁମାର ବାରିକ, ସମାଜସେବୀ ମନୋଜ କୁମାର ପ୍ରଧାନ, ଲକ୍ଷ୍ମୀପ୍ରିୟା ପଣ୍ଡା, ପଣ୍ଡିତ ଅଶୋକ କୁମାର ମହାପାତ୍ର, କବି ଗଙ୍ଗାଧର ଓଝା, କବୟିତ୍ରୀ ମାନସୀ ଦାସ, ଫାର୍ମାସିଷ୍ଟ ଅମୀୟ କୁମାର ପଣ୍ଡା, ଶିକ୍ଷାବିତ ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ବିଦ୍ୟାଧର ମହାରଣା, ଶିଶିର କୁମାର ଆଚାର୍ଯ୍ୟ, ମିହିର କୁମାର ଆଚାର୍ଯ୍ୟ ଓ ବ୍ରହ୍ମାକୁମାରୀ ସରସ୍ୱତୀଙ୍କ ସମେତ ବହୁ ସଜ୍ଜନ ସ୍ୱର୍ଗତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଜ୍ୟେଷ୍ଠପୁତ୍ର ଆଲୋକ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ମାଟି ତଳୁ ମିଳିଲା ଅଢ଼େଇ ...

ଉଲ୍ଲେଖଯୋଗ୍ୟ ଯେ, ସୁନ୍ଦରଗଡ଼ର କେ.ବଲାଙ୍ଗ ଥାନା ଅଞ୍ଚଳରୁ ୪ ଟନ୍ ଓଜନର ବିସ୍ଫୋରକ ଗାଡ଼ି ଲୁଟ୍ ହୋଇଥିଲା । ଏହି ଲୁଟ୍‌ରେ ମାଓବାଦୀଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଥିଲା । ଏହାରି ଭିତରେ ଗତକାଲି ରଘୁନାଥପାଲ୍ଲୀ ପୁଲିସ ଡେଟୋନେଟର ଓ ଗିଲେଟିନ ବିସ୍ଫୋରକ ବୋଝେଇ ଦୁଇଟି ଗାଡ଼ିକୁ ଦେଓଗାଁ ସ୍ଥିତ ଏକ ପେଟ୍ରୋଲ୍ ପମ୍ପ୍ ନିକଟରୁ ଜବତ କରିଥିଲା । ଅବଶିଷ୍ଟ ବିସ୍ଫୋରକର ସନ୍ଧାନ କରାଯାଉଥିବା ବେଳେ ବିସ୍ଫୋରକ ବୋଝେଇ ୨ ଗାଡ଼ି ଜବତ ହେବା ଓ ମାଟିତଳୁ ବିସ୍ଫୋରକ ଉଦ୍ଧାର ଘଟଣା ଲୁଟ୍ ୪ଟନ ବିସ୍ଫୋରକ ସାମଗ୍ରୀର ଅଂଶବିଶେଷ ବୋଲି ବିବେଚନା କରାଯାଉଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଜାରି ରହିବା ସହ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖାଯାଇଛି ।

### ଆତ୍ମସମର୍ପଣ କଲେ ୧୬ ...

ମାଓବାଦୀଙ୍କୁ ଦମନ ଲାଗି ଅପରେସନ ଚାଲିଥିବା ବେଳେ ଅନ୍ୟପଟେ ପୁଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି ଲାଲାବାହିନୀର ସଦସ୍ୟ ।

### ବଢ଼ିଲା +୩ ନାମଲେଖା ...

୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୬ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି । ମାତ୍ର ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ଜୁନ୍ ୧ ରବିବାର ସୁଦ୍ଧା ମାତ୍ର ୨ଲକ୍ଷ ୫୬ହଜାର ୩୫୦ ଜଣ ଆବେଦନ କରିଛନ୍ତି । ତନ୍ମଧ୍ୟରୁ ୨ଲକ୍ଷ ୪୮ହଜାର ୫୨୮ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି । ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୬ ହଜାର କମ ରହିଛି ।

### ଭଦ୍ରକକୁ ୨୭୫କୋଟିର ପ୍ରକଳ୍ପ ...

ଜନତାଙ୍କ ସେବାରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟରତ । ଏହାର ହିସାବ ଆମେ ଆସନ୍ତା ୧୨ ତାରିଖରେ ଜନତା ଜନାର୍ଦ୍ଦନଙ୍କୁ ଦେବୁ । ବିରୋଧୀ ଦଳ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଯେ କୌଣସି ସରକାରଙ୍କ ପ୍ରଥମ କର୍ତ୍ତବ୍ୟ । ବିଶ୍ୱସ୍ତରୀୟ ସେବା ନାଁ ରେ ୨୪ ବର୍ଷର ଶାସନ କେବଳ ରଙ୍ଗମାରିବା ଏବଂ ନିଜର ବାଜା ବଜାଇବାରେ ଚାଲିଗଲା । କିନ୍ତୁ, ପ୍ରକୃତ ବିକାଶ ଏବେ ଆରମ୍ଭ ହୋଇଛି । ଆଗାମୀ କିଛି ବର୍ଷରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ଦଶା ଓ ଦିଶା ସଂପୂର୍ଣ୍ଣଭାବେ ବଦଳିବାକୁ ଯାଉଛି । ୫-ଟିର ରଙ୍ଗମରା ଶିକ୍ଷା ନୁହେଁ, ବାସ୍ତବ ଅର୍ଥରେ ଓଡ଼ିଶାର ବିକାଶ ହେବ । ଆମ ସରକାର 'ଉତ୍କର୍ଷ ଓଡ଼ିଶା'ର ମାତ୍ର ୧୨୦ ଦିନରେ ୮୦ ହଜାର କୋଟିରୁ ବି ଅଧିକ ଟଙ୍କାର ପ୍ରକଳ୍ପ ପାଇଁ ଆରମ୍ଭ କରିଛନ୍ତି । ଏହା ବ୍ୟତୀତ ଗତ ୨୨ ତାରିଖରେ ୧ ଲକ୍ଷ ୬୫ ହଜାର କୋଟି ଟଙ୍କାର ୧୦ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ରାଜ୍ୟ ସରକାର ଦ୍ୱାରା ଆରମ୍ଭ କରଯାଇଥିବା ଓଡ଼ିଶାର ଶିଳ୍ପ ବିପ୍ଳବ ପ୍ରତି ଜିଲ୍ଲାରେ ଶିଳ୍ପାୟନ କରିବ । ଓଡ଼ିଶାରେ ଏବେ ଯେଉଁ ଶିଳ୍ପ ବିପ୍ଳବ ଆରମ୍ଭ ହେବାକୁ ଯାଉଛି, ସେଥିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ମଧ୍ୟ ରହିଛି । ଏହି ଦୁଇଟି ପ୍ରକଳ୍ପ ଭଦ୍ରକ ଟେକ୍ସଟାଇଲ ପାର୍କରେ ପ୍ରତିଷ୍ଠା କରାଯିବ । ଗୋଟିଏ ହେଲା ଆଇଓସିଏଲ ପକ୍ଷରୁ ଭଦ୍ରକରେ ୪,୩୭୭ କୋଟି ଟଙ୍କା ବିନିଯୋଗରେ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ ଏବଂ ଏହା ଦ୍ୱାରା ପ୍ରାୟ ୪୩୦୦ ଲୋକଙ୍କୁ ନିଯୁକ୍ତି ମିଳିବ । ଏହା ସହିତ ୨୨୨୩.୨୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏମସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ଭଦ୍ରକରେ ଗୋଟିଏ ଏଚଏମଏଲଏସ୍ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରିବ । ଏହାଦ୍ୱାରା ୧୧୫୦ ଲୋକଙ୍କୁ ନିଯୁକ୍ତି ମିଳିବ ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ,ଭଦ୍ରକ ଜିଲ୍ଲାକୁ ମଧ୍ୟ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଆମର ପ୍ରାଥମିକତା । ଆଜି ଜିଲ୍ଲା ପାଇଁ ୨୭୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଜନକଲ୍ୟାଣକାରୀ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା । ଜିଲ୍ଲା ସଦର ମହକୁମା ଡାକ୍ତରଖାନା ସହିତ ଏଥିରେ ରାସ୍ତା, କ୍ରୀଡା ଭିତ୍ତିଭୂମି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଲାଇବ୍ରେରୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ ପାର୍କ ନିର୍ମାଣ ପ୍ରକଳ୍ପ ରହିଛି । ଭଦ୍ରକ ଜିଲ୍ଲାବାସୀଙ୍କ ସେବାରେ ଏ ସବୁ ପ୍ରକଳ୍ପ ଗୁଡିକ ଉଦ୍ଦିଷ୍ଟ । କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଭଦ୍ରକ ମାଟି ବୀରତ୍ୱର ମାଟି । ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଆମ ସରକାର ଗୋଟିଏ ବର୍ଷ ଭିତରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ଏବଂ କରୁଛନ୍ତି, ତାହା ଲୋକଙ୍କ ସରକାର ଙ୍କ ପ୍ରତିବଦ୍ଧତା ଦିଗରେ ସୂଚାଉଛି । ଏହି ଉନ୍ନତିମୂଳକ ପ୍ରକଳ୍ପ ସମସ୍ତ ଭଦ୍ରକବାସୀଙ୍କ ଦୃଢ଼ ସମର୍ଥନର ପ୍ରତିଫଳନ । ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଧନ୍ୟବାଦ ଦେଇଥିଲେ ।

### ଆଉ ଖୋଲିବନି ନୂଆ ମଦ ...

ବିକ୍ରିରେ ବ୍ରେକ୍ ଲଗାଯିବାକୁ କଡ଼ା ପଦକ୍ଷେପ ନିଆଯିବ । ଏପରିକି ଅବକାରୀ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା ରହିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତ ମାର୍ଚ୍ଚ ୩୧ ତାରିଖରୁ ରାଜ୍ୟରେ ୨୦୨୩-୨୪ ବର୍ଷର ଅବକାରୀ ନୀତି ଶେଷ ହୋଇଗଲାଣି । ଏହା ଭିତରେ ଦୁଇ ମାସ ବିତିଯାଇଥିଲେ ମଧ୍ୟ ନୂଆ ନୀତି ଆସିନଥିବାବେଳେ ଚଳିତ ମାସ ମଝିରୁ ୩ବର୍ଷିଆ ଅବକାରୀ ନୀତି ଲାଗୁ ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ସୂଚନା ପରେ ମଦ ବ୍ୟବସାୟୀ ଏହାକୁ ସ୍ୱାଗତ କରିଛନ୍ତି । କିନ୍ତୁ ପଲିସୀର ରୂପରେଖ ସ୍ପଷ୍ଟ ହୋଇନଥିବାରୁ ଟେନସନ ବଢ଼ିଛି । ଯେହେତୁ ଆଉ ମଦ ଦୋକାନ ନଖୋଲିବାକୁ ମନ୍ତ୍ରୀ ସ୍ପଷ୍ଟ ସୂଚନା ଦେଇଛନ୍ତି ତେଣୁ ଲାଇସେନ୍ସ ଅବଧି ସରିଯାଉଥିବା ପୁରୁଣା ମଦ ଦୋକାନ ପାଇଁ ଆଉ ଲଟେରୀ ବ୍ୟବସ୍ଥା ରହିବ କି ନାହିଁ ତାକୁ ନେଇ ବି ଉଠିଛି ସଂଶୟ । ଏଥିସହ ଲାଇସେନ୍ସପ୍ରାପ୍ତ ଦୋକାନୀଙ୍କ ପାଇଁ ମଦ ବିକ୍ରି ନେଇ ରହିଥିବା ମିନିମମ୍ ଗ୍ୟାରେଣ୍ଟି କୋଟା(ଏମଜେକ୍ୟୁ) ନୀତି ରହିବ ନା ବଦଳିବ ତାହା ବି ସ୍ପଷ୍ଟ ହୋଇନାହିଁ ।

### ତାଉ ଦେଖାଉଛି ତାତି ...

ମୟୂରଭଞ୍ଜ ଜିଲ୍ଲାରେ ସାମାନ୍ୟ ବର୍ଷା ହୋଇଥିବା ଜଣାପଡିଛି । ଆସନ୍ତା ୧୦ଦିନ ଧରି ମୌସୁମୀ ଓଡ଼ିଶା ସମେତ ବିଭିନ୍ନ ସ୍ଥାନରେ ନିଷ୍କ୍ରିୟ ରହିବ । ରାଜ୍ୟକୁ ପଶ୍ଚିମ ପବନ ବହୁଥିବାରୁ ମୌସୁମୀର ଏକ ଚାଦର ଓଡିଶା ଉପରେ ଘେରି ହୋଇଛି । ଅପରପକ୍ଷେ ଭୁବନେଶ୍ୱରରେ ଆସନ୍ତା ୮/୯ଦିନ ତାପମାତ୍ରା ୩୯ ଡିଗ୍ରି ଉପରେ ରହିବ । ଦୁଇ ତିନି ଦିନ ଯାଏଁ ୪୦ରୁ ୪୧ଡିଗ୍ରୀ ଛୁଇଁ ପାରେ ତାପମାତ୍ରା । ସେହିପରି କଟକରେ ୩୯ ଡିଗ୍ରି ତଥା ୪୦ ପର୍ଯ୍ୟନ୍ତ ତାପମାତ୍ରା ଆଗାମୀ ଦୁଇ ତିନ ରହିବ ବୋଲି ଅନୁମାନ କରାଯାଇଛି । ୧୧ ଜିଲ୍ଲାରେ ତାତି ବଢିବା ନେଇ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ ।

### ହଂସ ଦାରୁକା ଓଡ଼ିଶା ଟପ୍ପର ...

ରାଙ୍କ ୩୯ ରଖି ଟପ୍ପର ହୋଇଛନ୍ତି ହଂସ । ସେହିଭଳି ନବନିତ ଅଲ୍ ଇଣ୍ଡିଆ ରାଙ୍କ ୯୭ ରଖି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି । ଲୋୟଲା ସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ର ହେଉଛନ୍ତି ହଂସ । ପ୍ରଥମ ପ୍ରୟାସରେ ହିଁ ଆଇଆଇଟି କ୍ରାକ୍ କରି ଅଲ୍ ଇଣ୍ଡିଆ ରାଙ୍କ୍ ୩୯ ରଖିଛନ୍ତି । ସେ ୩୬୦ରୁ ୩୦୦ ମାର୍କ ଆଣିଛନ୍ତି । ସେ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସ ନେଇ ପଢ଼ିବାକୁ ଆଗ୍ରହ ରଖିଛନ୍ତି । ତେବେ ଚଳିତ ବର୍ଷ ଜେଇଇ ଆଡଭାନ୍ସଡ୍ ପାଇଁ ମୋଟ ୧୮୭୨୨୩ ପ୍ରାର୍ଥୀ ନାମ ପଞ୍ଜିକୃତ କରିଥିଲେ । ସେମାନଙ୍କ ମଧ୍ୟରୁ ୧,୮୦,୪୪୨ ଜଣ ପେପର ୧ ଓ ପେପର ୨ ପରୀକ୍ଷା ଦେଇଥିଲେ । ୯,୪୦୪ ଜଣ ଛାତ୍ରୀ ଆଶାୟୀଙ୍କ ସେମତ ମୋଟ ୫୪,୩୭୮ ଜଣ ପରୀକ୍ଷାର୍ଥୀ କାଉନସେଲିଂ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ପ୍ରକାଶଥାଉ କି, ଦେଶରେ ଜେଇଇ ମେନ୍ ପରୀକ୍ଷାରେ ସର୍ବାଧିକ ମାର୍କ ରଖିଥିବା ୨ଲକ୍ଷ ପିଲା ଜେଇଇ ଆଡଭାନ୍ସଡ ପରୀକ୍ଷା ଲାଗି ମନୋନିତ ହୋଇଥାନ୍ତି । ଏହି ପରୀକ୍ଷାରେ ଯେଉଁମାନେ ସର୍ବାଧବକ ମାର୍କ ରଖିଥାନ୍ତି ସେହିମାନେ ହିଁ କେବଳ ଦେଶର ପ୍ରମୁଖ ଆଇଆଇଟି ଇନ୍‌ଷ୍ଟିଚ୍ୟୁଟରେ ନାମଲେଖାଇବାର ସୁଯୋଗ ପାଇଥାନ୍ତି । ଏହି ପରୀକ୍ଷା ମୋଟ ୩୬୦ ମାର୍କର ଥିଲା, ଯେଉଁଥିରେ ପେପର-୧ ଏବଂ ପେପର-୨ ଉଭୟ ୧୮୦ ଲେଖାଏଁ ମାର୍କର ଥିଲା । ତେବେ ଦେଶରେ ମୋଟ ୨୧ଟି ଆଇଆଇଟି ଇନ୍‌ଷ୍ଟିଚ୍ୟୁଟରେ ପ୍ରାୟ ୧୭୭୪୦ ସିଟ ରହିଥିବା ବେଳେ ଏନ୍‌ଆଇଟିରେ ୨୪୨୨୯ସିଟ୍ ଏବଂ ଆଇଆଇଆଇଟି(ଟ୍ରିପୁଲ ଆଇଆଇଆଇଟି)ରେ ୮୫୪୬ଟି ସିଟ୍ ରହିଛି ।

## ଜିଲ୍ଲାସ୍ତରୀୟ ସଚେତନତା ଅଭିଯାନ ପ୍ରସ୍ତୁତି ବୈଠକ

# 'ଆମ ସଂକଳ୍ପ ନିଶା ନୁହେଁ, ଜୀବନ'



**ଖୋର୍ଦ୍ଧା,୨୬/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ସଂପୂର୍ଣ୍ଣ ରୋକିବା ପାଇଁ ବଳିଷ୍ଠ ପଦକ୍ଷେପ ଲାଗି ଜିଲ୍ଲାସ୍ତରୀୟ ସଚେତନତା ଅଭିଯାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଜିଲ୍ଲାବ୍ୟାପୀ ତୃଣମୂଳ ସ୍ତରରୁ, ସହରାଞ୍ଚଳ ସମସ୍ତ ସ୍ଥାନରେ ମଇ ୩୧ରୁ ଜୁନ୍ ୨୬ ପର୍ଯ୍ୟନ୍ତ ବିଭିନ୍ନ ବିଭାଗ ଏକତ୍ରିତ ମାଧ୍ୟମରେ ସଚେତନତା କାର୍ଯ୍ୟ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମର ରାଜ୍ୟବ୍ୟାପୀ ବ୍ୟାପକ ସଚେତନତା ଅଭିଯାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଇ ୩୧ ତାରିଖ ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ଦିନ ରାଜ୍ୟର ସମସ୍ତ ଜିଲ୍ଲାପାଳ ମାନଙ୍କ ସହ ଅଭାଷୀ ବୈଠକ ମାଧ୍ୟମରେ ଉଦ୍ଘାଟନ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର କୋଣ ଅନୁକୋଣରେ, ବିଭିନ୍ନ ଲୋକାଞ୍ଚଳ ସ୍ଥାନ, ଯଥା ବ୍ଲକ୍ ମୁଖ୍ୟାଳୟ, ପଞ୍ଚାୟତ ମୁଖ୍ୟାଳୟ, ଗ୍ରାମରେ ଥିବା ଲୋକାଶ୍ରିତ ସ୍ଥାନ ଗୁଡିକରେ ପାରମ୍ପରିକ ନୃତ୍ୟଗୀତ ମାଧ୍ୟମରେ ଜିଲ୍ଲା କଳାକାର ସଂଘ ଓ ବ୍ଲକ୍ କଳାକାର ସଂଘ ଦ୍ୱାରା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ପରିଚାଳନାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ମଧ୍ୟ ପ୍ରଚାର ପ୍ରସାର କାର୍ଯ୍ୟ ଅନୁଷ୍ଠିତ ହେବାକୁ ଜିଲ୍ଲାପାଳ ପ୍ରକାଶ କରିଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଭୁବନେଶ୍ୱର ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ, ଖୋର୍ଦ୍ଧା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ଯୋଗଦେଇ ଜିଲ୍ଲାରେ ଉକ୍ତ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ପ୍ରସ୍ତାବ ଏବଂ କାର୍ଯ୍ୟ କ୍ରମ ସଂଗଠିତ ଉପରେ ପ୍ରସ୍ତାବ ରଖିଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଜିଲ୍ଲାର ସମସ୍ତ ବ୍ଲକରେ ସଚେତନତା ରଥ ଯାଇ ଗାଁ ଗାଁରେ ସଚେତନତା ବାର୍ତ୍ତା ପହଞ୍ଚାଇବ । ଜିଲ୍ଲାରେ ଛାତ୍ରଛାତ୍ରୀ ଏବଂ ଯୁବପୀଢ଼ିମାନଙ୍କୁ ଅଭିଯାନରେ ସାମିଲ ପାଇଁ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା କ୍ରୀଡ଼ାଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କ୍ରୀଡ଼ାଧିକାରୀମାନେ ଉକ୍ତ ଅଭିଯାନ ଜିଲ୍ଲାରେ ସଫଳ ହେବା ଓ ଶତ ପ୍ରତିଶତ ଜନସାଧାରଣଙ୍କୁ ସଚେତନତା ଦିଗରେ ନିଜ ନିଜ ବିଭାଗୀୟ ସମ୍ପୂର୍ଣ୍ଣ ସହଯୋଗ ଅବକାରୀ ବିଭାଗକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମିଶନ ଶକ୍ତି ସଂପୃକ୍ତି, ବ୍ଲକ୍ ସ୍ତରୀୟ କର୍ମଶାଳା, ଯୋଗ ଦିବସ ସଚେତନତା ଅଭିଯାନ, ଜନପ୍ରତିନିଧିମାନଙ୍କୁ ସାମିଲ କରିବା, ଜିଲ୍ଲା ପୋଲିସ ଓ ପରିବହନ, ସ୍ୱାସ୍ଥ୍ୟ ବିଭାଗ ଆଦିର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଜିଲ୍ଲାପାଳ ଶ୍ରୀ ରାଣା ସଚେତନତା ଅଭିଯାନକୁ ସଫଳ ତା ପାଇଁ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷାଧିକାରୀ ଦିଲ୍ଲୀପ ହିଆଳ, ଡି ପି ସି ମିଶନ ଶକ୍ତିଙ୍କ ସମେତ ସଂପୃକ୍ତ ବିଭାଗୀୟ କାର୍ଯ୍ୟନ୍ୱୟନ ଅଧିକାରୀମାନେ ଯୋଗଦେଇଥିଲେ ।

## ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଗ୍ରାମବାସୀଙ୍କ ଦାବି

**ଖୋର୍ଦ୍ଧା,୨୬/ଏନ୍‌ଏନ୍‌ଏସ୍:** ବେଗୁନିଆ ବ୍ଲକ ଅଧୀନସ୍ଥ ହଜ ଗ୍ରାମପଞ୍ଚାୟତ ନିଧିପୁର ଗ୍ରାମର ବହୁ ଚାଷୀ ମୁଖ୍ୟତଃ ଚାଷକାର୍ଯ୍ୟ କରି ନିଜ ପରିବାର ପ୍ରତିପୋଷଣ କରୁଥିବାବେଳେ, ଚାଷୀ ମାନଙ୍କ ସୁବିଧା ନିମନ୍ତେ ବହୁ ବର୍ଷପୂର୍ବେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳ ସେଚନର ସୁବିଧା ପାଇଁ ଏକ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଥିଲା । ବର୍ତ୍ତମାନ ଚାଷ ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି ହେବାଫଳରେ ଚାଷୀ ସଂଖ୍ୟା ଆଶାତିତ ଭାବରେ ବୃଦ୍ଧି ପାଇଛି, ଫଳରେ ଆବଶ୍ୟକ ଅନୁଯାୟୀ ସମସ୍ତ ଚାଷ ଜମି ଗୁଡିକୁ ପାଣି ଯୋଗାଇବା ସମ୍ଭବପର ହୋଇପାରୁନାହିଁ, ଯାହାଫଳରେ ଅନେକ ଫସଲ ପାଣି ଅଭାବରୁ ନଷ୍ଟ ହୋଇଯାଇଛି । ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଧିପୁର ଗ୍ରାମରେ ଏକ ନୂତନ ଉଠା ଜଳ ସେଚନ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ଗ୍ରାମବାସୀମାନେ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ସମ୍ପର୍କିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।

## ଅନାସ୍ଥାରେ ବିଜୟଲାଭ ପରେ ବ୍ଲକ୍ ଅଧ୍ୟକ୍ଷାଙ୍କ ବିଜୟ ଉତ୍ସବ



**ନିଶ୍ଚିନ୍ତକୋଇଲି,୨୬/ଏନ୍‌ଏନ୍‌ଏସ୍:** ଏହି କିଛି ଦିନ ହେବ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ହୋଇଉଠିଛି ଚଳଚଞ୍ଚଳ । ଏହାକୁ ନେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଅଧିକାରୀମାନଙ୍କ ମଧ୍ୟରେ ଛନକା ପଶିଛି । ବହୁ ଉନ୍ନୟନ ମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାର ଜଣାଯାଇଛି । ଏହି ସମୟରେ ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ଆସୁଛି । ଏହାକୁ ନେଇ ସାଧାରଣରେ ନାନା କଳ୍ପନା ଜଳ୍ପନା ଚାଲୁଛି । କିଛି ଦିନ ନଯାଉଣୁ ଉପାଧ୍ୟକ୍ଷା ନିର୍ବାଚନ ପରେ ଏବେ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି । ଏହି ସମୟରେ ସମିତିର କାର୍ଯ୍ୟାଳୟର ଗତିବିଧି ଓ କାର୍ଯ୍ୟାଳୟରେ ଥିବା ଅଧିକାରୀମାନଙ୍କର କାହା ଇଙ୍ଗିତରେ ସମିତି କାର୍ଯ୍ୟକାରୀ ହେବ ତାହା ନେଇ ସାଧାରଣରେ ନାନା ଆଲୋଚନା ଦେଖାଦେଇଛି । ବର୍ତ୍ତମାନ ବିଜୁ ଜନତା ଦଳ ସମର୍ଥୀତ ଅଧ୍ୟକ୍ଷା ରୋଜୀ ସେଠୀ ତାଙ୍କର ପଦ ବଜାୟୀ ରଖିଲା ପରେ ଆଜି ବିଜୟ ଉତ୍ସବ ପାଳନ କରାଯାଇଛି । ଏଥିରେ ବ୍ଲକର ବହୁ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ବରିଷ୍ଠ ବିଜେଡି କର୍ମୀ, କର୍ମକର୍ତ୍ତା, ଯୁବକବନ୍ଧୁ, ମହିଳାନେତ୍ରୀମାନେ ଯୋଗଦାନ କରି ଉତ୍ସବ ମନାଇଥିଲେ । ବ୍ଲକ ଅଧ୍ୟକ୍ଷା ରୋଜୀ ସେଠୀ କହିଥିଲେ ଆଜି ଧର୍ମର ଜୟ ଓ ଅଧର୍ମର ପରାଜୟ ହୋଇଛି । ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ ଅଞ୍ଚଳର ସମସ୍ତ ଭାଉଭଉଣୀମାନଙ୍କ ଆର୍ଶିବାଦ ମୋ ପ୍ରତି ରହିଛି । ବ୍ଲକ ଗଠନ ହେବା ଦିନଠାରୁ ଏଭଳି ହୀନ ରାଜନୈତିକ ମନୋଭାବ ପୋଷଣ କରି ବ୍ଲକ ଅଧ୍ୟକ୍ଷା ପଦକୁ ଅନାସ୍ଥା କରାଯାଇ ନଥିଲା । ଏବେ ଯେଉଁ ଅପପ୍ରଚେଷ୍ଟା କରାଯାଉଛି ତାହା କେବେ ଫଳପ୍ରଦ ହେବ ନାହିଁ ବୋଲି ବହୁ ବରିଷ୍ଠ ସରପଞ୍ଚ ଅନନ୍ତ କର ପ୍ରକାଶ କରିଥିଲେ । ସମଗ୍ର ଓଡିଶାରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ସୁନାମକୁ କେବେ ବଦ୍‌ନାମ କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ । ଆଜି ଦିବା ୧୦ ଘଟିକା ସମୟରେ ବୁହାଳ ଗ୍ରାମ ପଞ୍ଚାୟତ ନିକଟସ୍ଥ ଶ୍ରୀ ଶ୍ରୀଗୋପୀନାଥଜିଉ ମହାପ୍ରଭୁଙ୍କୁ ଦର୍ଶନ କରି ବାଜା, ବାଣରେ ପ୍ରକମ୍ପିତ ହୋଇ ଏକ ମୋଟରସାଇକେଲ ରାଲିରେ ନିଶ୍ଚିନ୍ତକୋଇଲି ବଜାରସ୍ଥ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଏବଂ ବ୍ଲକ୍ ଛକସ୍ଥିତ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ବ୍ଲକ ଅଭିମୁଖେ ଯାତ୍ରା କରିଥିଲେ । ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ପରିସରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଅଧ୍ୟକ୍ଷା ଶ୍ରୀମତୀ ସେଠୀ ତାଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ । ବିଜୟ ଉତ୍ସବରେ ସରପଞ୍ଚ ସ୍ୱାଧୀନ ଭୂୟାଁ, ହିଂମାଶୁ ନାରାୟଣ ମଲ୍ଲ, ବିଶ୍ୱଭୂଷଣ ନାୟକ, ପ୍ରଦୋଷ କୁମାର ସାହୁ, ଆଶୁତୋଷ ତ୍ରିପାଠୀ, ପ୍ରମୋଦ କୁମାର ସ୍ୱାଇଁ, ଅନୀଲ କୁମାର ଭୂୟାଁ, ଜ୍ୟୋତି ପ୍ରକାଶ ସ୍ୱାଇଁ, ଜୟଦେବ ରାଉତ, ନିତ୍ୟାନନ୍ଦ ସେଠୀ, ରାଜୀବ ଲୋଚନ ବେହେରା, କ୍ଷୀରୋଦ ଚନ୍ଦ୍ର ପଣ୍ଡା, ପରକ୍ଷିତ ରାଉତ, ବିନୋଦ ସାମଲ, ବିପ୍ଳବ କାପ, ଜ୍ୟୋତିରଞ୍ଜନ ସ୍ୱାଇଁ, ନାରୀନେତ୍ରୀ ଅମ୍ରିତା ସିଂହ, କୈଳାସ ଚନ୍ଦ୍ର ସାମନ୍ତରାୟ, ପ୍ରାକ୍ତନ ସରପଞ୍ଚ ଜ୍ୟୋତିରଂଜନ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଓ ମହିଳା ଗୋଷ୍ଠୀମାନେ ଉପସ୍ଥିତ ଥିଲେ ।

### ୩ ଯବାନ୍ ସହିଦ୍, ୬ ନିଖୋଜ ...

ଅନେକ ଯବାନ୍ ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ । ତେବେ ସୌଭାଗ୍ୟବଶତଃ ୪ ଯବାନ୍‌ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୬ଜଣ ନିଖୋଜ ରହିଛନ୍ତି । ହାବିଲଦାର ଲଖବିନ୍ଦର ସିଂହ, ଲାନ୍ସ ନାଏକ ମୁନିଶ ଠାକୁର ଏବଂ ପୋର୍ଟର ଅଭିଷେକ ଲଖଡାଙ୍କ ମୃତଦେହ ଉଦ୍ଧାର କରାଯାଇଛି ।

### ନିଟ୍-ପିଜି ୨୦୨୫ ପରୀକ୍ଷା ...

ନିଟ୍-ପିଜି ଭଳି ଯୋଗ୍ୟତାଭିତ୍ତିକ ପରୀକ୍ଷା ଆୟୋଜନ କରିବା ସମ୍ଭବ ନୁହେଁ ଦର୍ଶାଇ ଏନ୍‌ବିଇଏମ୍‌ଏସ୍ ଏବେ ନିଜ ଆଡୁ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି ।

ଏନ୍‌ବିଇଏମ୍‌ଏସ୍ ଦର୍ଶାଇଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯିବ । ପରୀକ୍ଷା ସ୍ଥଗିତ ରଖିବା ନିଷ୍ପତ୍ତି ଲଜିଷ୍ଟିକ୍ ସଂଶୋଧନ, ପରୀକ୍ଷା କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା ଏବଂ ସମସ୍ତ ପ୍ରାର୍ଥୀଙ୍କୁ ଏକକାଳୀନ ସ୍ଥାନ ଦେବା ପାଇଁ ଭିତ୍ତିଭୂମି ବୃଦ୍ଧି କରିବା ଦୃଷ୍ଟିରୁ ନିଆଯାଇଛି । କର୍ତ୍ତୃପକ୍ଷ ଏନେଇ ଏକ ବିଜ୍ଞପ୍ତି ଜାରି କରି କହିଛନ୍ତି, 'ନିଟ୍-ପିଜି ୨୦୨୫ ପରୀକ୍ଷା ପରିଚାଳନା ପାଇଁ ସଂଶୋଧିତ ତାରିଖ ଶୀଘ୍ର ସୂଚିତ କରାଯିବ । ନୂତନ ପରୀକ୍ଷା ସୂଚୀ ଏବଂ ଅତିରିକ୍ତ ନିର୍ଦ୍ଦେଶାବଳୀ ବିଷୟରେ ଅଧିକ ଅପଡେଟ୍ ପାଇଁ ପ୍ରାର୍ଥୀମାନଙ୍କୁ ନିୟମିତ ଭାବରେ ଏନ୍‌ବିଇଏମ୍‌ଏସ୍‌ର ସରକାରୀ ୱେବସାଇଟ୍ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି ।

### ପ୍ରକାଶ ପାଇଲା ସିପିଇଟି ...

କରିଥିଲେ । ସେଥିମଧ୍ୟରୁ ୫୬,୯୭୬ ଜଣ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିଲେ । ତେବେ ରାଜ୍ୟରେ ୧୧୬ଟି ପିଜି କଲେଜ୍‌ରେ ରହିଥିବା ୩୦,୮୦୨ ପିଜିରେ ନାମଲେଖା ଲାଗି ମେ' ୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଆସନ୍ତକାଲି ଜୁନ୍ ୩ରୁ ୮ ତାରିଖ ପର୍ଯ୍ୟନ୍ତ ଚଏସ୍‌ଫିଲିଙ୍ଗ ପ୍ରକ୍ରିୟା ଚାଲିବ । ଆସନ୍ତ ୧୩ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ବୋଲି ଜଣାଯାଇଛି ।

### ହୁ ହୁ ବଢ଼ିଲାଣି କରୋନା ...

ଗତ ୨୪ ଘଣ୍ଟାରେ କେରଳ, ତାମିଲନାଡୁ ଓ ମହାରାଷ୍ଟ୍ରରେ ମଧ୍ୟ ଜଣେ ଲେଖାଏଁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ତେବେ ସଂକ୍ରମଣ ଗୁରୁତର ସ୍ଥିତି ସୃଷ୍ଟି କରୁନାହିଁ । ଅଧିକାଂଶ ଲୋକ ଘରେ ସଙ୍ଗରୋଧରେ ରହି କରୋନାରୁ ସୁସ୍ଥ ହେଉଛି । ଏବେ ଚିନ୍ତା କରିବାର କୌଣସି କାରଣ ନାହିଁ କୁହାଯାଇଛି ।

### ରାଜ୍ୟରେ ପଜିଟିଭ୍ ସଂଖ୍ୟା ...

ପିନ୍ଧନ୍ତୁ, ଦରକାର ପଡ଼ିଲେ ଗ୍ଲୋଭସ୍ ବ୍ୟବହାର କରନ୍ତୁ, ହାତ ଧୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ସେହିପରି ଆଗକୁ ହେବାକୁ ଥିବା ପୁରୀ ରଥଯାତ୍ରା ନେଇ ଖୁବଶୀଘ୍ର ପୁରୀରେ ସମୀକ୍ଷା ବୈଠକ ବସିବ । ଏଥିରେ ସ୍ୱାସ୍ଥ୍ୟ ବିଭାଗ ନିଜର ମତ ରଖିବ । ରାଜ୍ୟ ପ୍ରଶାସନ ଯାହା ନିଷ୍ପତ୍ତି ନେବେ ତାକୁ ମାନିବାକୁ ପଡ଼ିବ ବୋଲି ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ।

## ଅଳଗୁମ ପଞ୍ଚାୟତ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ସାକ୍ଷୀଗୋପାଳ,୨୬/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜାଗେଶ୍ୱରୀ କ୍ରିକେଟ କ୍ଲବ ଅଳଗୁମରେ ପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଅଳଗୁମ ସୁରାଲାଗି କ୍ରିକେଟ ପଡ଼ିଆ ଠାରେ ଉଦଘାଟିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ମେଡ଼ିକାଲ କଲେଜ ପୁରୀ, ଚକ୍ଷୁ ବିଭାଗର ମୁଖ୍ୟ ଡ. ପ୍ରଫେସର ରାଜେନ୍ଦ୍ର କୁମାର ବେହେରା, ନାଏବ ସରପଞ୍ଚ ଧୀରଞ୍ଜନ ବିଶ୍ୱାଳ, ବକୁଳବନ ମହୋତ୍ସବ କମିଟି ସମ୍ପାଦକ ଯଯାତି କେଶରୀ ରାୟ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ କ୍ରିକେଟ ମ୍ୟାଚକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଗ୍ରାମ ପଞ୍ଚାୟତର ଜନପ୍ରତିନିଧି ମାନେ ଯୋଗଦେଇଥିଲେ । ଉଦଘାଟନୀ ମ୍ୟାଚରେ ଚଉଦଗୁଣ୍ଠ କ୍ରକେଟ କ୍ଲବ ତିନି ଉଇକେଟରେ ବିଜୟୀ ଲାଭ କରିଛି । ପ୍ରଥମ ମ୍ୟାଚ ଚଉଦଗୁଣ୍ଠ ଓ ଟିକରପଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟିକରପଡା କ୍ରିକେଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୭୫ ରନ କରିଥିଲେ । ଜବାବରେ ଚଉଦଗୁଣ୍ଠ କ୍ରକେଟ ଦଳ ୧୧ ଓଭର ୨ଟି ବଲରେ ୮ଉଇକେଟ ହରାଇ ୭୬ ରନ କରିବାରେ ସକ୍ଷମ ହୋଇଥିଲା । ମ୍ୟାଚ ପରିଚାଳନା କରିଥିଲେ । ଜାଗେଶରି କ୍ରିକେଟ କ୍ଲବର ସୁନୀଲ କୁମାର ବରାଳ,କାଶୀନାଥ ସେଠୀ, ପବିତ୍ର କୁମାର ସେଠୀ, ଆଶିଷ ବରାଳ । ଚାମ୍ପିଅନ୍ ଚଉଦଗୁଣ୍ଠ କ୍ରିକେଟ୍ ଦଳକୁ ୨୦ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା ।

## ଚାରିଛକ ଥାନା ପକ୍ଷରୁ ସଚେତନତା ଶିବିର



**ଚାରିଛକ,୨୬/ଏନ୍‌ଏନ୍‌ଏସ୍:** ଚାରିଛକ ଥାନା ଅଞ୍ଚଳରୁ ଚୋରି, ଡକାୟତି,ରାହାଜାନୀ, ଦୁର୍ଘଟଣା ଆଦି ରୋକିବାକୁ ଥାନା ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଇନ ସଚେତନତା ଶିବିରରେ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀଙ୍କ ସମେତ ଏହି ଥାନା ଅଧିନରେ ଥିବା ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ୱାର୍ଡ ସଭ୍ୟ/ସଭ୍ୟା ଗ୍ରାମ ମୁରବୀ, ଯୁବକ ସଂଘର କାର୍ଯ୍ୟକର୍ତ୍ତା, ବ୍ୟବସାୟୀ ସଂଘର କର୍ମକର୍ତ୍ତା, ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ବିଭିନ୍ନ ମନ୍ଦିର କମିଟି ସଦସ୍ୟମାନେ ଯୋଗଦେଇଥିଲେ । ଆଜିର ଏହି ବୈଠକରେ ବିଭିନ୍ନ ମନ୍ଦିର, ମସଜିଦ, ସ୍କୁଲ ,ବ୍ୟବସାୟ ପ୍ରତିଷ୍ଠାନସ୍ଥାନରୁ କିଭଳି ଚୋରି ନ ହେବା ସହିତ ବିଭିନ୍ନ ସ୍ଥାନରେ ନିଶାଦ୍ରବ୍ୟ ସେବନକରୀ ଅସାମାଜିକ ଯୁବକମାନଙ୍କ ଦୌରାତ୍ମ୍ୟ, ଗ୍ରାମାଞ୍ଚଳରେ ଚୋରି ରାହାଜାନୀ କରି ଜେଲ ଯାଇ ପୁର୍ନବାର ଫେରିବା ପରେ ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ, ମନ୍ଦିର ମସଜିଦ, ସ୍କୁଲ, କଲେଜ ଓ ବଡ଼ ବଡ଼ ବ୍ୟବସାୟିକ ଅନୁଷ୍ଠାନଗୁଡିକରେ ସିସି ଟିଭି ଲଗାଇବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ଗାଁରେ ଚୋରି, ଡକାୟତିରେ, ରାହାଜାନୀ ଓ ଗଣ୍ଡଗୋଳରେ ସଂପୃକ୍ତଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବା ସହ ପ୍ରତ୍ୟେକ ଗାଁରେ କମିଟି କରି ପୁଲିସକୁ ସୂଚନାଦେବାକୁ ଥାନା ଅଧିକାରୀ ଅନୁରୋଧ କରିଥିଲେ । ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଜନ ପ୍ରତିନିଧି, ଶିକ୍ଷାବିତ, ଆଇନଜୀବୀ, ସାମ୍ବାଦିକ, ବ୍ୟବସାୟୀ, ଗ୍ରାମ ମୁରବୀ, ବରିଷ୍ଠ ନାଗରିକ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟସଭ୍ୟା ପ୍ରମୁଖ ଯୋଗଦେଇଥିଲେ । ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜିର ଇତିହାସ

- ୧୯୦୧-ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ପ୍ରଥମ କବି ଜୀ ଶଙ୍କର କୁରୁପଙ୍କ ନିଧନ।
- ୧୯୧୫-ବ୍ରିଟିଶ ସରକାର ରବୀନ୍ଦ୍ରନାଥ ଟାଗୋରଙ୍କୁ ନାଇଟ୍‌ହୁଡ୍ ଉପାଧି ପ୍ରଦାନ କରିଥିଲେ।
- ୧୯୧୮-ଗାନ୍ଧିଜୀଙ୍କ ଅଧ୍ୟକ୍ଷତାରେ ଇନ୍ଦୋରରେ ହିନ୍ଦୀ ସାହିତ୍ୟ ସମ୍ମିଳନୀରେ ହିନ୍ଦୀକୁ ରାଜଭାଷାର ମାନ୍ୟତା ମିଳିଥିଲା।
- ୧୯୨୪-ତାମିଲନାଡୁରେ ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ରହିଥିବା ଏମ୍ କରୁଣାନିଧି ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୪୭-ବ୍ରିଟିଶ ଶାସନରେ ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତର ବିଭାଜନର ଘୋଷଣା କରିଥିଲେ।
- ୧୯୭୨-ଆଧୁନିକ ଯୁଦ୍ଧପୋତ ନୀଳଗିରିକୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜଳାବତରିତ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଆଜି ପୁରୁଣା ନିବେଶରୁ ଭଲ ରିଟର୍ଣ୍ଣ ପାଇବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ। କ୍ୟାରିୟର୍ ଦିଗ ଉପରେ ଧ୍ୟାନ ଦେବେ। ଛୋଟ ଭାଇ-ଭଉଣୀ ନୂଆ ଉପଲବ୍ଧି ହାସଲ କରିବେ। ପାରିବାରିକ ଜୀବନ ସୁଖମୟ ହେବ।

**ବୃଷ**: କ୍ୟାରିୟରର ନୂଆ ଶିଡ଼ି ଚଢ଼ିବେ। ଲଭ୍, କ୍ୟାରିୟର ଓ ଆର୍ଥିକ ମାମଲାଗୁଡ଼ିକରେ ଭାଗ୍ୟ ସାଥ୍ ଦେବ। ପୁରୁଣା ସମ୍ପତ୍ତିରୁ ଧନ ଲାଭ ହେବ। ପରିଜନଙ୍କ ସହଯୋଗ ପାଇବେ। ରୋମାଣ୍ଟିକ ଜୀବନ ଖୁବ୍ ବଢ଼ିଆ ରହିବ।

**ମିଥୁନ**: ଆଜି ମିଶ୍ରିତ ପରିଣାମ ପାଇବେ। କଠିନ ପରିଶ୍ରମ ଓ ନିଷ୍ଠାରେ କରାଯାଇଥିବା କାମ ଭଲ ପରିଣାମ ଦେବ। ପାରିବାରିକ ଜୀବନରେ ଦାୟିତ୍ୱ ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହୋଇପାରେ। ଭୌତିକ ସୁଖ ସୁବିଧା ହାସଲ ହେବ।

**କର୍କଟ**: ଆର୍ଥିକ ସ୍ଥିତି ଆଜି ସୁଦୃଢ଼ ରହିବ। କରଜରୁ ମୁକ୍ତ ହେବେ। ଆୟର ନୂଆ ସୋର୍ସ ମିଳିବ। ଲକ୍ଷ୍ୟକୁ ହାସଲ କରିବେ। ସମ୍ପତ୍ତି ସହିତ ଜଡ଼ିତ ବିବାଦରୁ ମୁକ୍ତ ହେବେ। ପ୍ରତିଦିନ ଯୋଗ ଓ ଧ୍ୟାନ କରନ୍ତୁ।

**ସିଂହ**: ଅଫିସ୍‌ରେ ଆପଣଙ୍କ କାମ ଖୁବ୍ ଭଲ ରହିବ। ସିନିୟର୍ସଙ୍କ ସପୋର୍ଟ ମିଳିବ। କ୍ୟାରିୟରର ପ୍ରମୋଶନ ଯୋଗ ରହିଛି। ସମ୍ପର୍କରେ ଭଲ ପାଇବା ଓ ବିଶ୍ୱାସ ବଜାୟ ରହିବ। ଜୀବନସାଥିଙ୍କ ସହଯୋଗ ପାଇବେ।

**କନ୍ୟା**: ପୁରୁଣା ନିବେଶରୁ ଭଲ ରିଟର୍ଣ୍ଣ ପାଇବେ। ସହକର୍ମୀମାନଙ୍କ ସପୋର୍ଟ ମିଳିବ। ଚାକିରି-କାରବାରରେ ପ୍ରମୋଶନ ଯୋଗ ରହିଛି। ଶିକ୍ଷାଗତ କାମରେ ରୁଚି ବଢ଼ିବ। ଜୀବନରେ ଉର୍ଜା ଓ ଉତ୍ସାହ ରହିବ।

**ତୁଳା**: କରଜରୁ ଆଜି ମୁକ୍ତି ମିଳିବ। ଅଫିସ୍‌ରେ ବ୍ୟସ୍ତ ରହିବେ। କାମର ଚାପ ରହିବ। ପରିଜନଙ୍କ ସହିତ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀଙ୍କୁ ବିଦେଶରେ ପଢ଼ିବାକୁ ସୁଯୋଗ ମିଳିବ।

**ବିଛା**: ନିଜ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପଦ-ପ୍ରତିଷ୍ଠା ବୃଦ୍ଧି ହେବ। ସମ୍ପର୍କରେ ତାଳମେଳ ରହିବ। ପରିବାର ସହିତ ଛୁଟି ଉପଭୋଗ କରିବେ। ଭୌତିକ ସୁଖ-ସୁବିଧା ବୃଦ୍ଧି ହେବ।


**ଧନୁ**: ପେସାଗତ ଜୀବନ ବଢ଼ିଆ ରହିବ। ପାରିବାରିକ ଜୀବନ ଆନନ୍ଦମୟ ରହିବ। ପରିବାର ସହିତ କ୍ୱାଲିଟି ଟାଇମ୍ ଅତିବାହିତ କରିବେ। ଅଫିସ୍‌ରେ ପରିଚୟ ବଢ଼ିବ। ଭୌତିକ ସୁଖ-ସମ୍ପଦା ବୃଦ୍ଧି ହେବ।

**ମକର**: ଜୀବନରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବ। କାର୍ଯ୍ୟଗୁଡ଼ିକର ଆହ୍ୱାନକୁ ଠିକ୍ ଭାବରେ ହ୍ୟାଣ୍ଡେଲ୍ କରିବେ। ଶାସନ-ସତ୍ତା ଆପଣଙ୍କ ପକ୍ଷରେ ହେବ। ସମ୍ପର୍କରେ ରୋମାନ୍ସ ଭରପୂର ରହିବ।

**କୁମ୍ଭ**: ଆର୍ଥିକ ସ୍ଥିତି ମଜଭୁତ ହେବ। କ୍ୟାରିୟର୍‌ରେ ନୂଆ ଅବସର ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମାତାପିତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଆଜି ମୁଣ୍ଡବିନ୍ଧା ଓ ହଜମ ସମସ୍ୟା ହୋଇପାରେ।

**ମୀନ**: ଦିନଟି ବହୁତ ଶୁଭ। ଅପ୍ରତ୍ୟାଶିତ ସୋର୍ସରୁ ଧନ ଲାଭ ହେବ। କାରବାରରେ ବାତାବରଣ ଅନୁକୂଳ ରହିବ। ଯାତ୍ରା ଯୋଗ ରହିଛି। ପାରିବାରିକ ଜୀବନ ସୁଖମୟ ରହିବ। ଜୀବନର ସବୁ କ୍ଷେତ୍ରରେ ସଫଳତା ପାଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା।**
**ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ। (୧୦/୬)**
**ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ।**
**ସୋବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ। (୧୦/୭)**

୧.ସପ୍ତମହର୍ଷି ତତ୍‌ପୂର୍ବବର୍ତ୍ତୀ ଚାରିଜଣ ମହର୍ଷି ଓ ମନୁଗଣ ଏ ସମସ୍ତ ଆମ୍ଭ ମନରୁ ଜାତ ହେଇଥିଲେ। ସମଗ୍ର ଜଗତର ମନୁଷ୍ୟ ଏବଂ ସେମାନଙ୍କର ପ୍ରଜା ହେଉଛନ୍ତି ସେମାନଙ୍କର ବଂଶଧର। ଏହାର ଅର୍ଥ ହେଉଛି ଯେ ମରିଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ ଏମାନେ ସପ୍ତମହର୍ଷି। ପୂର୍ବବର୍ତ୍ତୀ ଚାରିଜଣ ହେଲେ - ସନକ, ସନନ୍ଦ, ସନାତନ ଓ ସନତକୁମାର। ମନୁ ୧୪ ଜଣ। ମନୁ, ଭୃଗୁ ଆଦି ମହାନ ଋଷିଗଣ ମଧ୍ୟ ସୃଷ୍ଟି ଆରମ୍ଭ ପରେ ଏହି ଦିବ୍ୟ ପ୍ରକ୍ରିୟାରେ ସାମିଲ ହେଇଥିଲେ।


୨. ଯେଉଁମାନେ ଆମ୍ଭର ଭୃଗୁ ମନୁ ଆଦି ରୂପ ବିଭୂତି ବା ବିସ୍ତାର ଏବଂ ଯୋଗ ଅର୍ଥାତ ବିସ୍ତାର କରିବାର ସାମର୍ଥ୍ୟ ଯଥାର୍ଥ ରୂପେ ଜାଣନ୍ତି, ସେମାନେ ସ୍ଥିର କର୍ମଯୋଗର ଅଧିକାରୀ ହୁଅନ୍ତି - ଏଥିରେ ସନ୍ଦେହ ନାହିଁ। ଏଥିରୁ ଜଣାପଡେ ଯେ ଏହି ମହାପୁରୁଷଗଣ ଈଶ୍ୱରଙ୍କର ବିଶେଷ ଅଭିବ୍ୟକ୍ତି ଅଥବା ବିଭୂତି ଅଟନ୍ତି। ଶ୍ରୀ ରାମକୃଷ୍ଣ କହନ୍ତି - ତେଲ ଦୀପରେ ନଥିଲେ ଯେପରି ଜଳେ ନାହିଁ, ସେପରି ଜଗତ ଈଶ୍ୱରଙ୍କ ବିନା ଚାଲିପାରିବନି।

# ଶକ୍ତି ଦେବୀ-କୁମାରୀ



ପ୍ରାଚୀନ କାଳରେ ଭାରତକୁ ଶାସନ କରିଥିବା ରାଜା ଭରତଙ୍କର ଥିଲେ ଆଠ ଜଣ ଝିଅ ଓ ଗୋଟିଏ ପୁଅ। ଭରତ ତାଙ୍କ ସାମ୍ରାଜ୍ୟକୁ ସମାନ ନଅ ଭାଗରେ ବାଣ୍ଟି ନିଜର ସନ୍ତାନମାନଙ୍କୁ ଦେଇଥିଲେ। ଦକ୍ଷିଣର କ୍ଷେତ୍ର ପଡ଼ିଥିଲା ତାଙ୍କ ଝିଅ କୁମାରୀ ଭାଗରେ। କୁମାରୀଙ୍କୁ 'ଶକ୍ତି ଦେବୀ'ଙ୍କ ଅବତାର ବୋଲି କୁହାଯାଏ। ଦକ୍ଷିଣ ଭାରତର ଏହି ଭାଗରେ କୁମାରୀ କୁଶଳତାପୂର୍ବକ ଶାସନ କରିଥିଲେ। ଭଗବାନ ଶିବଙ୍କୁ ବିବାହ କରିବାକୁ ତାଙ୍କର ଇଚ୍ଛା ଥିଲା। ଏଥିପାଇଁ ସେ ଶିବଙ୍କୁ ପୂଜା କରୁଥିଲେ। ଏଥିରେ ଭଗବାନ ଶିବ ପ୍ରସନ୍ନ ହୋଇ ବିବାହ କରିବାକୁ ରାଜି ହୋଇଥିଲେ ମଧ୍ୟ ନାରଦ ମୁନି ବାନାସୁରନ୍‌ର ହତ୍ୟା କୁମାରୀଙ୍କ ହାତରେ ହେଉ ବୋଲି ଚାହୁଁଥିଲେ। ଏହି କାରଣରୁ ଭଗବାନ ଶିବ ଓ କୁମାରୀଙ୍କର ବିବାହ ହୋଇପାରିଲା ନାହିଁ। ଏହା ମଧ୍ୟରେ କୁମାରୀଙ୍କ ସୌନ୍ଦର୍ଯ୍ୟରେ ଅଭିଭୂତ ବାନାସୁରନ୍ ବିବାହର ପ୍ରସ୍ତାବ କୁମାରୀଙ୍କ ସମ୍ମୁଖରେ ରଖିଥିଲା। ତାଙ୍କୁ ଯୁଦ୍ଧରେ ହରେଇଲେ ସେ ବାନାସୁରନ୍‌ଙ୍କୁ ବିବାହ କରିବେ ବୋଲି ତାଙ୍କ ସମକ୍ଷରେ ପ୍ରସ୍ତାବ ରଖିଥିଲେ କୁମାରୀ। ଦୁଇ ଜଣଙ୍କ ଭିତରେ ଯୁଦ୍ଧ ହେଲା ଓ ବାନାସୁରନ୍‌କୁ ମୃତ୍ୟୁ ପ୍ରାପ୍ତି ହେଲା। ତେଣୁ କୁମାରୀଙ୍କ ସ୍ମରଣରେ ଦକ୍ଷିଣ ଭାରତର ସେହି ସ୍ଥାନର ନାମ ରଖାଯାଇଥିଲା କନ୍ୟାକୁମାରୀ। ଭଗବାନ ଶିବ ଓ କୁମାରୀଙ୍କ ବିବାହର ପ୍ରସ୍ତୁତି ଯେଉଁ ସ୍ଥାନରେ ହୋଇଥିଲା ତାହା ପରବର୍ତ୍ତୀ ସମୟରେ ରଙ୍ଗବେରଙ୍ଗ ବାଲିରେ ପରିବର୍ତ୍ତିତ ହୋଇଗଲା ବୋଲି କୁହାଯାଏ। କନ୍ୟାକୁମାରୀ ଦକ୍ଷିଣ ଭାରତର ମହାନ ଶାସକ ଚୋଳ, ଚେର, ପାଣ୍ଡ୍ୟଙ୍କ ଅଧୀନରେ ରହିଲା। ସେଠାରେ ଥିବା ସ୍ମାରକଗୁଡ଼ିକରେ ଏହି ଶାସକମାନଙ୍କର ଛାପ ଏବେ ବି ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ। ତେବେ ଏହି ସ୍ଥାନର ନାମ କନ୍ୟାକୁମାରୀ ରଖିବା ପଛରେ ଉପରୋକ୍ତ ପୌରାଣିକ କାହାଣୀ ରହିଛି।

# ଜଣେ ବୟସ୍କ ଗ୍ରାଜୁଏଟ୍




ଛୋଟ ପିଲାଙ୍କୁ ଯଦି ପାଠପଢ଼ିବା ପାଇଁ କୁହାଯାଏ ତେବେ ସେମାନେ ପାଠପଢ଼ା ପାଇଁ ଅନିଚ୍ଛା ପ୍ରକାଶ କରନ୍ତି। କିନ୍ତୁ ବଡ଼ ହେଉ ହେଉ କେଉଁ କୌଶଳକୁ ଶିଖିଲେ ଆମ ଜୀବନରେ କିଛି ଭଲ କରିପାରିବା ଓ ବଡ଼ ଆକାରର କିଛି କରିପାରିଲେ ଆମ ଜୀବନ ସହଜ ହେବ ସେ ବିଷୟରେ ସେମାନେ ଜାଣିପାରନ୍ତି। ଏହି କାରଣରୁ ଲୋକମାନେ ଅଧିକ ବୟସ ପର୍ଯ୍ୟନ୍ତ ପାଠ ପଢ଼ନ୍ତି। କିନ୍ତୁ ଜଣେ ବୟସ୍କ ମହିଳା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଖାଇଛନ୍ତି ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି। ତେଣୁ ତାଙ୍କ କାହାଣୀ ସମସ୍ତେ ଜାଣିବା ଉଚିତ। ରିପୋର୍ଟ ଅନୁସାରେ ୭୪ ବର୍ଷୀୟା ଡୋରୋଟିଆ ଲେଭି ଡେ ସଜେକେଲୀ ନ୍ୟୁୟର୍କର ହଣ୍ଟର କଲେଜରୁ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଛନ୍ତି। ଏହାପରେ ସେ ପ୍ରମାଣିତ କରିଛନ୍ତି ଯେ ବୟସ ଏକ ସଂଖ୍ୟା ଓ ଜୀବନରେ କେବେ ମଧ୍ୟ ଶିକ୍ଷାର ଆରମ୍ଭ ହୋଇପାରେ। ଆର୍ଜେଣ୍ଟିନାରେ ଜନ୍ମଗ୍ରହଣ କରିଥିବା ଡୋରୋଟିଆ ନିଜର ପ୍ରାରମ୍ଭିକ ଶିକ୍ଷାରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏପରିକି ଜଣେ ଶିକ୍ଷକ ଏହା ମଧ୍ୟ କହିଥିଲେ ଯେ ସେ କେବେ ମଧ୍ୟ ହାଇସ୍କୁଲ ପାସ୍ କରିପାରିବେ ନାହିଁ। ଏଥିରେ ତାଙ୍କର ଆତ୍ମବିଶ୍ୱାସ ପ୍ରଭାବିତ ହୋଇଥିଲା। ଏହାପରେ ଶିକ୍ଷା ପ୍ରତି ତାଙ୍କର ରୁଚି ବୃଦ୍ଧି ପାଇଥିଲା। ଅନ୍ତତଃ ୨୦୧୭ରେ ସେ ମ୍ୟାନ୍‌ହଟନ କମ୍ୟୁନିଟି କଲେଜରେ ଆଡ୍‌ମିଶନ ନେଲେ। ସେହିଠାରୁ ସେ ୪.୦ ଜିପିଏ ସହିତ ଆସୋସିଏଟ୍ ଡିଗ୍ରୀ ପ୍ରାପ୍ତ କରିଥିଲେ। ୨୦୧୯ରେ ସେ ହଣ୍ଟର କଲେଜରେ ଆଡ୍‌ମିଶନ ନେଇ ତିନୋଟି ବିଷୟ- ଜର୍ମାନ ଭାଷା ଓ ସାହିତ୍ୟ, ଇଂରାଜୀ ଓ ଷ୍ଟୁଡିଓ କଳା। ଏଠାରେ ୩.୯୮ ଜିପିଏ ସହିତ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିବା ସହିତ ନିଜ କ୍ଲାସ୍‌ର ସେ ଜଣେ ପ୍ରେରଣାଦାୟକ ଛାତ୍ରୀ ଭାବରେ ସୁନାମ ଅର୍ଜନ କଲେ। ତେବେ ସ୍ପାନିଶ, ଇଂରାଜୀ, ଜର୍ମାନ ଓ ଫ୍ରେଞ୍ଚ୍ ଭାଷାରେ ଡୋରୋଟିଆ ବେଶ୍ ପାରଙ୍ଗମ। ତାଙ୍କ ଅନୁସାରେ ଜୀବନ ପରି ଶିକ୍ଷା ମଧ୍ୟ ଏକ ଯାତ୍ରା।

# ରିବର୍ଣ୍ଣ ଡଲ୍‌ର କ୍ରେଜ୍



ପୂରା ଦୁନିଆରେ ଆଜି ରିବର୍ଣ୍ଣ ଡଲ୍‌ର କ୍ରେଜ୍ ଦେଖିବାକୁ ମିଳୁଛି। କିଛି ମହିଳାଙ୍କ ପାଇଁ ଏହି ରିବର୍ଣ୍ଣ ଡଲ୍ ବହୁତ ବଢ଼ିଆ ଚିକିତ୍ସା ପଦ୍ଧତି ପ୍ରମାଣିତ ହୋଇଛି। ବିଶେଷ କରି ଯେଉଁମାନେ ନିଜ ସନ୍ତାନକୁ ହରାଇଛନ୍ତି କିମ୍ବା କେବେ ମା' ହୋଇପାରି ନାହାନ୍ତି ସେମାନଙ୍କ ପାଇଁ ଏହା ଏକ ସଫଳ ଚିକିତ୍ସା ପଦ୍ଧତି। କିନ୍ତୁ ଅନେକ ମହିଳା ଅଛନ୍ତି ଯେଉଁମାନେ ରିବର୍ଣ୍ଣ ଡଲ୍‌କୁ ସଉକରେ ରଖିଥାନ୍ତି। ଏହି ଡଲ୍ ସମ୍ପୂର୍ଣ୍ଣ ଭାବରେ ମଣିଷ ପରି ବ୍ୟବହାର କରୁଥିବାରୁ ଏପରି ମହିଳାମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଡଲ୍ ସହିତ ମଣିଷ ପରି ବ୍ୟବହାର ଦେଖାଇଥାନ୍ତି। ତେବେ ଏହି ଡଲ୍‌ମାନଙ୍କୁ ନେଇ ଏକ ବିବାଦ ଦେଖାଦେଇଛି ବ୍ରାଜିଲ୍‌ରେ ଯେଉଁଟି ବେଶ୍ ଚର୍ଚ୍ଚାରେ ରହିଛି। ଏହି ବିବାଦ ଏତେ ତୀବ୍ର ରୂପ ଧାରଣ କରିଛି ଯେ ବ୍ରାଜିଲ୍ ସଂସଦ ପର୍ଯ୍ୟନ୍ତ ଏହି ଘଟଣା ପହଞ୍ଚି ଯାଇଛି। ଏପରିକି ଏହା ଉପରେ ଏକ କାନୁନ ମଧ୍ୟ ତିଆରି ହେବାକୁ ଯାଉଛି। ଏହି ହାଇପର୍-ରିୟଲିଷ୍ଟିକ୍ ଡଲ୍ସକୁ ରିବର୍ଣ୍ଣ ଡଲ୍ସ ବୋଲି କୁହାଯାଉଛି। ଏହି କଣ୍ଢେଇ ଏତେ ଅସଲି ଦେଖାଯାଏ ଯେ ଲୋକମାନେ ଏହାକୁ ଏକ ଶିଶୁ ବୋଲି ଭାବିନିଅନ୍ତି। କିଛି ଲୋକ ଅସଲି ପିଲା ଭାବରେ ଏହାକୁ ପାଳନ କରିଥାନ୍ତି। ନିକଟରେ ସାଓ ପାଓଲ୍ ଠାରେ ରିବର୍ଣ୍ଣ ମମ୍ବର ଏକ ସମୂହ ଭିଲା ଲୋବୋସ୍ ପାର୍କରେ ଏକତ୍ରିତ ହୋଇଥିଲେ। ଏମାନଙ୍କର ଏହା ଥିଲା ଦଶମ ବାର୍ଷିକୀ ସମାରୋହ। ଏହି ଡଲ୍ସଙ୍କ ସହିତ ଲୋକମାନେ ଭାବନାତ୍ମକ ମୁହୂର୍ତ୍ତ ସେୟାର୍ କରନ୍ତି। ଇନ୍‌ଫ୍ଲୁଏନ୍ସରଙ୍କ ସହିତ ଏମାନେ ବାର୍ଥ ସିମ୍ୟୁଲେସନ୍ ଓ ମଲ୍‌ରେ ବୁଲୁଥିବା ବେଳର ଭିଡିଓ ତିଆରି କରିଛନ୍ତି। କିଛି ଲୋକ ଏହାକୁ ମନୋରଞ୍ଜନ ବୋଲି ଭାବନ୍ତି ତ କିଛି ଲୋକ ଏହାକୁ ପାଗଳପଣ ବୋଲି କହନ୍ତି।

# ସ୍ପେସ୍ ଷ୍ଟେସନ୍‌ର ଖାସ୍ ପ୍ରୟୋଗ





ମଣିଷ ମଙ୍ଗଳ ଗ୍ରହ ପର୍ଯ୍ୟନ୍ତ ଯିବାକୁ ଚାହୁଁଛି ଓ ଏପରି କରି ସେ ଅନ୍ତର୍ଗ୍ରହର ଯାତ୍ରା ଆରମ୍ଭ କରିବାକୁ ଚାହୁଁଛି। କିନ୍ତୁ ମଙ୍ଗଳ ଗ୍ରହକୁ ଯିବା ଏକ ଆହ୍ୱାନମୂଳକ କାର୍ଯ୍ୟ। ତେବେ ବର୍ତ୍ତମାନ ମଣିଷ ଏତେ ଦୂର ଯାତ୍ରା ପାଇଁ ପ୍ରସ୍ତୁତ ହୋଇନାହିଁ। ଏଥିପାଇଁ ଅନ୍ତଃରାଷ୍ଟ୍ରୀୟ ସ୍ପେସ୍ ଷ୍ଟେସନ୍‌ରେ ଅନେକ ପ୍ରୟୋଗ ଚାଲିଛି। ସେଥିପାଇଁ ବୈଜ୍ଞାନିକମାନେ ଏବେ ମାଛିମାନଙ୍କୁ ସେଠାକୁ ପଠାଇବା ପାଇଁ ସ୍ଥିର କରିଛନ୍ତି। ଯଦିଓ ମାଛିମାନେ ଆମମାନଙ୍କୁ ସମସ୍ୟାରେ ପକାଇ ଥାଆନ୍ତି କିନ୍ତୁ ଏମାନେ ଅନ୍ତରୀକ୍ଷ ଯାତ୍ରାରେ ହିରୋ ଭାବରେ ନିଜକୁ ପ୍ରମାଣିତ କରିପାରନ୍ତି। ବୈଜ୍ଞାନିକମାନେ ମାଛିମାନଙ୍କୁ ଆଖି ଆଗରେ ରଖି ଏହି ମିଶନ୍‌ର ପ୍ରସ୍ତୁତି କରୁଛନ୍ତି। ଏହି ମିଶନ୍ ଆରମ୍ଭ ହେବ ୮ ଜୁନ୍‌ରୁ। ଏହି ମିଶନ୍ ମାଧ୍ୟମରେ ବୈଜ୍ଞାନିକମାନେ ମାଛିମାନଙ୍କ ଉପରେ ବିକିରଣର ପ୍ରଭାବ ଦେଖିବେ। ଏଥିରୁ ଯେଉଁ ନୂଆ ତଥ୍ୟ ମିଳିବ ସେଥିରୁ ଔଷଧ ତିଆରି ହୋଇପାରେ। ଏହି ଔଷଧ ମଙ୍ଗଳ ଗ୍ରହକୁ ଯାଉଥିବା ଅନ୍ତରୀକ୍ଷ ଯାତ୍ରୀମାନଙ୍କୁ ସୁରକ୍ଷିତ ରଖିବ। ମାଛିମାନଙ୍କର ୭୫ ପ୍ରତିଶତ ଜିନ୍ ମଣିଷମାନଙ୍କର ବେମାରୀ ସହିତ ଜଡ଼ିତ ହୋଇ ରହିଛି। ଏଗୁଡ଼ିକ ଦ୍ରୁତଗତିରେ ବୃଦ୍ଧି ପାଇଥାନ୍ତି। ମାଛିମାନଙ୍କର ଲାର୍ଭା ଅର୍ଥାତ ଛୋଟ ମାଛିଗୁଡ଼ିକ ଯେତେ ଅଧିକ ବିକିରଣ ସହିପାରନ୍ତି ଅଧିକାଂଶ ଜୀବ ସେତିକି ସହିପାରନ୍ତି ନାହିଁ। ତେବେ ଅନ୍ତରୀକ୍ଷର ବିକିରଣ ଡିଏନ୍‌ଏ ଉପରେ କ'ଣ ପ୍ରଭାବ ପକାଇପାରେ। ଡିଏନ୍‌ଏ ଆମ ଶରୀରର ନିର୍ଦ୍ଦେଶ ମାନୁଆଲ୍ ଯାହା ଆମକୁ ସୁସ୍ଥ ରଖେ। ତେବେ ମାଛିମାନେ ବିଶେଷ ପ୍ରକାରର ପ୍ରୋଟିନ୍ ତିଆରି କରିପାରନ୍ତି କି ନାହିଁ ତାହା ଯାଞ୍ଚ କରିବେ ବୈଜ୍ଞାନିକମାନେ। ଯଦି ଏମାନେ ପ୍ରୋଟିନ୍ ବିକିରଣ ଦ୍ୱାରା ଖରାପ ହୋଇଥିବା ଡିଏନ୍‌ଏକୁ ଠିକ୍ କରିପାରିବେ ତେବେ ନୂଆ ଔଷଧ ତିଆରି ହୋଇପାରିବ। ତେବେ ଏହାକୁ 'ସୁପର୍ ସିଲ୍ଡ' ବୋଲି ବୈଜ୍ଞାନିକମାନେ କହିଛନ୍ତି।

# ସାଇକେଲ୍ ଚାଳନାର ଲାଭ

ସାଇକେଲ୍ ଏକ ଶସ୍ତା ବାହନ କିନ୍ତୁ ସାଇକେଲିଂ କରିବା ଦ୍ୱାରା ଅନେକ ଲାଭ ମିଳିଥାଏ। ସମୟ ଥିଲା ସାଇକେଲ୍‌କୁ ପରିବାରର ଏକ ସାଧନର ଅଂଶବିଶେଷ ବୋଲି ଲୋକମାନେ ଭାବୁଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ସାଇକେଲିଂକୁ ବ୍ୟାୟାମ ଭାବରେ ପ୍ରୟୋଗ କରାଯାଉଛି। ୧୯୬୦-୯୦ ପର୍ଯ୍ୟନ୍ତ ସାଇକେଲ୍‌ର ଖୁବ୍ ଭଲ ସମୟ ଥିଲା। ଏହା ପରେ ସମୟରେ ପରିବର୍ତ୍ତନ ହେଲା ଓ ଆଜିର ସମୟରେ ଲୋକମାନେ ବ୍ୟାୟାମ ଭାବରେ ସାଇକେଲ୍‌ର ଉପଯୋଗ କରିବା ସହିତ ଆଥ୍‌ଲେଟିକ୍ସଙ୍କ ଦ୍ୱାରା ମଧ୍ୟ କରୁଛନ୍ତି। ସାଇକେଲ୍‌ର ଗୁରୁତ୍ୱକୁ ଆଖି ଆଗରେ ରଖି ମିଳିତ ଜାତିସଂଘ ଆଜିର ଦିନରେ ସାଇକେଲ୍ ଦିବସ ପାଳନ କରିବା ପାଇଁ ଘୋଷଣା କରିଥିଲେ। ଏହାପରେ ୨୦୧୮ ଠାରୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସାଇକେଲ୍ ଦିବସ ପାଳନ କରାଯାଉଛି। ତେବେ ସାଇକେଲ୍ ଚାଳନା କରିବା ଦ୍ୱାରା ଗୋଟିଏ ନୁହେଁ ଅନେକ ଲାଭ ମିଳିଥାଏ।

★ଏଥିରେ ନା ପେଟ୍ରୋଲ୍ ଖର୍ଚ୍ଚ ହୁଏ, ଏହା ପର୍ଯ୍ୟାବରଣ ଦୃଷ୍ଟିରୁ ସୁରକ୍ଷିତ, ବ୍ୟାୟାମ କରିବା ପାଇଁ ମଧ୍ୟ ସାଇକେଲ୍ ଏକ ଉତ୍ତମ ସାଧନ। ସାଇକେଲିଂ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ରୋଗ ପ୍ରତିରୋଧକ ସେଲ୍ସ ମଧ୍ୟ ସକ୍ରିୟ ହୋଇଯାଆନ୍ତି। ଏଥିରେ ରୋଗର ବିପଦ ମଧ୍ୟ କମ୍ ହୁଏ।




★ପ୍ରତିଦିନ ସାଇକେଲ୍ ଚଲେଇବା ଯୋଗୁ ଚର୍ବି କମ୍ ହୋଇଯାଏ, ଶରୀର ଫିଟ୍ ରୁହେ। ସେଥିପାଇଁ ୩୦ ମିନିଟ୍ ପର୍ଯ୍ୟନ୍ତ ପ୍ରତିଦିନ ସାଇକେଲ୍ ଚଲେଇବା ଉଚିତ।

★ନିର୍ଦ୍ଦିଷ୍ଟ ବୟସ ପରେ ଆଣ୍ଠୁରେ ସମସ୍ୟା ନହେଲେ ମଧ୍ୟ ସାଇକେଲ୍ ଚଲେଇବା ଉଚିତ। ଏହାଦ୍ୱାରା ମସ୍ତିଷ୍କ ଅଧିକ ସକ୍ରିୟ ରହେ। ଏହାର ଶକ୍ତି ବୃଦ୍ଧି ପାଏ। ୧୫-୨୦ ପ୍ରତିଶତ ମସ୍ତିଷ୍କ ସକ୍ରିୟ ରହେ। ଆଜିର ସମୟରେ ଯୁବପିଢ଼ି ବ୍ୟାୟାମ କରିବା ପାଇଁ ସାଇକେଲ୍ କିଣୁଛନ୍ତି।

# 'ଗୋଲମାଲ୍'ରେ ପୁଣି ଅଜୟ-ରୋହିତ





ଅଜୟ ଦେବଗନଙ୍କ ଖାତାରେ ଏବେ ରହିଛି ଫିଲ୍ମର ଲମ୍ବା ସୂଚୀ। ଏ ବର୍ଷ ତାଙ୍କର ଦୁଇଟି ଫିଲ୍ମ ରିଲିଜ ହୋଇସାରିଲାଣି। ପ୍ରଥମଟି ଫ୍ଲପ୍ ହୋଇଥିଲା ଓ ଦ୍ୱିତୀୟଟି ଥିଲା 'ରେଡ୍-୨' ଯେଉଁଟି ହିଟ୍ ପ୍ରମାଣିତ ହୋଇଛି। ଏହା ମଧ୍ୟରେ ତାଙ୍କର ଆଗାମୀ ଫିଲ୍ମଗୁଡ଼ିକର ରିଲିଜ ତାରିଖ ବିଷୟରେ ମଧ୍ୟ ଘୋଷଣା ହୋଇସାରିଲାଣି। ତେବେ ଦର୍ଶକମାନେ ରୋହିତ ସେଟ୍ଟି- ଅଜୟ ଦେବଗନଙ୍କର ଏକ ଫିଲ୍ମର ଅପେକ୍ଷାରେ ଅଛନ୍ତି। କପ୍ ୟୁନିଭର୍ସର ଯେଉଁ ସୂଚୀ ଆସିଛି ସେଥିରେ ଅଜୟ ଦେବଗନଙ୍କ ସହିତ ରୋହିତଙ୍କର କୌଣସି ଫିଲ୍ମର ନାମ ନାହିଁ। କିନ୍ତୁ ଏ ଦୁଇ ଜଣଙ୍କୁ ନେଇ ଏକ ବଡ଼ ଅପ୍‌ଡେଟ୍ ଆସିଛି। ଯଦିଓ ରୋହିତ ସେଟ୍ଟି ଏ ସମୟରେ ଜନ୍ ଆବ୍ରାହମଙ୍କ ସହିତ ଏକ ଫିଲ୍ମରେ କାମ କରୁଛନ୍ତି କିନ୍ତୁ ଏହାପରେ ଅଜୟଙ୍କ ସହିତ ଏକ ଫିଲ୍ମରେ କାମ ଆରମ୍ଭ କରିବେ। ତେଣୁ ଜନି ଲିଭର ଏ ଦୁଇ ଜଣଙ୍କର ସୁଟିଂ ତାରିଖ ବିଷୟରେ ଘୋଷଣା କରିସାରିଛନ୍ତି। ଏହି ଫିଲ୍ମଟିର ନାମ 'ଗୋଲମାଲ୍-୫'। ଏହାର ସୁଟିଂ ଏହି ବର୍ଷ ଆରମ୍ଭ ହେବ ଓ ଆସନ୍ତା ବର୍ଷ ଫିଲ୍ମଟି ରିଲିଜ ହେବ ଥିଏଟର୍‌ରେ। ଆଧିକାରିକ ଭାବରେ ଏହାର ଘୋଷଣା କରିଦିଆ ଯାଇଛି। ବର୍ତ୍ତମାନ ଅଜୟ ଅନ୍ୟ ଫିଲ୍ମଗୁଡ଼ିକର ସୁଟିଂ କରୁଥିବା ବେଳେ ରୋହିତ ଜନ୍ ଆବ୍ରାହମଙ୍କ ଫିଲ୍ମର ନିର୍ମାଣରେ ବ୍ୟସ୍ତ ଅଛନ୍ତି। ତେଣୁ ଏମାନେ ଫ୍ରି ହେବା ପରେ ଏକା ସହିତ 'ଗୋଲମାଲ୍-୫' ଉପରେ କାମ ଆରମ୍ଭ କରିବେ। ଶେଷ ଥର ପାଇଁ ଏମାନେ 'ସିଂଘମ୍ ଏଗେନ୍'ରେ ନଜର ଆସିବେ। ତେବେ କିଛି ଦିନ ପୂର୍ବରୁ ରୋହିତ ସେଟ୍ଟି ସଂକେତ ଦେଇଥିଲେ ଯେ ରଣବୀର ସିଂହଙ୍କ 'ସିମ୍ବା-୨' ଓ ଅକ୍ଷୟ କୁମାରଙ୍କ 'ସୂର୍ଯ୍ୟବଂଶୀ-୨' ଉପରେ ମଧ୍ୟ କାମ ଆରମ୍ଭ ହେବ। ଏହା ବ୍ୟତୀତ ଶକ୍ତି ସେଟ୍ଟି ଓ ସତ୍ୟାଙ୍କ ଉପରେ ଷ୍ଟାଣ୍ଡ ଏଲୋନ୍ ଫିଲ୍ମର ନିର୍ମାଣ ହେବା ବିଷୟରେ ମଧ୍ୟ ସେ ଘୋଷଣା କରିଥିଲେ।

# 'ସାଥୀ' ଅଭିଯାନର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶନା କାର୍ଯ୍ୟକ୍ରମ

**କଟକ,୨।୬/ଏନ୍ଏନ୍ଏସ୍:** ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ 'ସାଥି' ଅଭିଯାନର ସଫଳ ରୂପାୟନ ପାଇଁ ଏକ ନିର୍ଦ୍ଦେଶନା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ ଦ୍ୱାରା ଆୟୋଜନ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ ସଚିବ ଜଗଦୀଶ ଚନ୍ଦ୍ର ଜେନା ଏଥିରେ ଅଧକ୍ଷତା କରିଥିଲେ। ଏହି ନିର୍ଦ୍ଦେଶନା କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ତହସିଲଦାର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କିଶୋର ନ୍ୟାୟ ଆଇନି ସମ୍ପର୍କିତ ମାମଲା ପରିଚାଳନା କରୁଥିବା ପୁଲିସ ଅଧିକାରୀ, ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅଧୀକ୍ଷକ, ପ୍ୟାନେଲ ଆଇନଜୀବୀ, ଆଇନ ସହଯୋଗୀ ସ୍ୱେଚ୍ଛାସେବୀମାନେ ଏଥିରେ ଯୋଗଦାନ କରିଥିଲେ। ସୂଚନା ଥାଉ କି, ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଶୁଭାରମ୍ଭ କରାଯାଇଥିବା 'ସାଥି ଅଭିଯାନ' ମାଧ୍ୟମରେ ୧୮ ବର୍ଷରୁ କମ୍ ବୟସର ନିରାଶ୍ରୟ ଶିଶୁଙ୍କୁ ଚିହ୍ନଟ ସହ ସେମାନଙ୍କର ଆଧାର ସଂଯୋଗୀକରଣ କରାଯିବା, ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ଏବଂ ଆବଶ୍ୟକ ସ୍ଥଳେ ସମସ୍ତ ପ୍ରକାରର ନିଃଶୁଳ୍କ ଆଇନ ସେବା ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ସର୍ବେକ୍ଷଣ ୨୬ ମେ'ରେ ଆରମ୍ଭ ହୋଇଥିବାବେଳେ ୨୬ ଜୁନ ପର୍ଯ୍ୟନ୍ତ ଚାଲୁରହିବ।

# ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମନ୍ତ୍ରୀଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ

**କଟକ,୨।୬/ଏନ୍ଏନ୍ଏସ୍:** ବର୍ଷାରତୁ ସମୟରେ କଟକ ସହରରେ କୃତ୍ରିମ ଜଳବନ୍ଦୀ ଓ ଜଳ ନିଷ୍କାସନ ସମସ୍ୟାକୁ ଦୃଷ୍ଟିରେ ରଖି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କଟକ ମହାନଗର ନିଗମର ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲଗାଣ ବର୍ଷା ସମୟରେ ସହରର ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟ ସହ ବକ୍ସ ଡ୍ରେନ୍‌ର ସଫେଇ କାର୍ଯ୍ୟର ଅଗ୍ରଗତି ମନ୍ତ୍ରୀ ଶ୍ରୀ ମହାପାତ୍ର ନିଜେ ବୁଲି ଦେଖିଥିଲେ। ପଟାପୋଲ ଅଞ୍ଚଳ, ରାଉସାପାଟଣା, ଛତ୍ରବଜାର ଓ ମାତୃଭବନ ଆଦି ଶାଖା ସ୍ରୋତ ନାଳଗୁଡ଼ିକର ଅବସ୍ଥା ପରଖିଥିଲେ। ଏହାଛଡ଼ା କଲ୍ୟାଣୀ ନଗରଠାରେ ଏସକାଭେଟର୍ ଜରିଆରେ ଦଳ ସଫେଇ କାର୍ଯ୍ୟ ମଧ୍ୟ ବୁଲି ଦେଖିଥିଲେ। ପଦକ୍ଷେପ ସ୍ୱରୂପ ଆବଶ୍ୟକ ସ୍ଥଳେ ଅଧିକ କର୍ମଚାରୀ ନିୟୋଜିତ କରାଯାଇ ତଥା ମେସିନ୍ ବ୍ୟବହାର କରି ଯୁଦ୍ଧକାଳୀନ ଭିତ୍ତିରେ ଏ ସମସ୍ତ ଅଞ୍ଚଳରେ ମୁଖ୍ୟସ୍ରୋତ ନାଳ ଓ ଶାଖା ସ୍ରୋତ ନାଳଗୁଡ଼ିକ ସଫେଇ କାର୍ଯ୍ୟ ଉପରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଗୁରୁତ୍ୱ ପ୍ରଦାନ କରିଥିଲେ। ଏହାଛଡ଼ା ଛୋଟବଡ଼ ନାଳଗୁଡ଼ିକରେ ଭର୍ତ୍ତି ହୋଇ ରହିଥିବା ଅଳିଆ ଆବର୍ଜନାଗୁଡ଼ିକୁ ତୁରନ୍ତ ସଫେଇ ପାଇଁ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ମେୟର୍ ସୁବାସ ସିଂହ ଓ ସିଏମ୍‌ସି କମିଶନର୍ ଅନାମ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କଟକ ସହରର ତଳିଆ ଅଞ୍ଚଳଗୁଡ଼ିକରେ ଜଳମଗ୍ନ ଓ ନାଳନର୍ଦ୍ଦମାଗୁଡ଼ିକରୁ ଜଳ ନିଷ୍କାସନ ସମସ୍ୟାକୁ ଦୂର କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ମହାପାତ୍ର ସ୍ଥାନୀୟ ଲିଙ୍କରୋଡ଼ ସ୍ଥିତ ସିଡିଏ ସମ୍ମିଳନୀ କକ୍ଷଠାରେ ଏକ ସମୀକ୍ଷା ବୈଠକ କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସଂଯୁକ୍ତା ସା, ଭରତ ସେଠୀ, ସୁବାସ ସାହୁଙ୍କ ସମେତ ସିଏମସିର ଅନ୍ୟାନ୍ୟ ଯନ୍ତ୍ରୀ ଓ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ବର୍ଷା ଦିନ ପୂର୍ବରୁ କଟକ ସହରର ନାଳନର୍ଦ୍ଦମାରୁ ଯୁଦ୍ଧକାଳୀନ ଭିତ୍ତିରେ ପଙ୍କୋଦ୍ଧାର କରିବା ପାଇଁ ମନ୍ତ୍ରୀ ଶ୍ରୀ ମହାପାତ୍ର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ସହରର ନାଳ ନର୍ଦ୍ଦମାରୁ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ୩ରୁ ୪ ଦିନ ମଧ୍ୟରେ ଶେଷ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



# ଉଠାଦୋକାନୀଙ୍କୁ ଥଇଥାନ ଓ ଭେଣ୍ଡିଂଜୋନ୍ ଦାବିରେ ସାଂସଦଙ୍କୁ ଦାବିପତ୍ର

**କଟକ,୨।୬/ଏନ୍ଏନ୍ଏସ୍:** କଟକ ସହରର ଉଠାଦୋକାନୀଙ୍କୁ ଉଚ୍ଛେଦ ନ କରି ଥଇଥାନ ଓ ଭେଣ୍ଡିଂ ଜୋନ୍ ଦାବିରେ କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ସାକ୍ଷାତ କରି ଆଜି ପୂର୍ବାହ୍ନରେ ଦାବିପତ୍ର ପ୍ରଦାନ କରାଯାଇଛି। ସାଂସଦଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କ୍ଷମତାସୀନ କମିଟି ୨୦୨୪ ମସିହା ସେପ୍ଟେମ୍ବର ମାସରେ କଟକର ବିଭିନ୍ନ ମାର୍କେଟ ଗସ୍ତ କରି ପ୍ରାୟ ଆଠଟି ସ୍ଥାନ ଯଥା: ରାଣୀହାଟ, ବାଦାମବାଡ଼ି, ପ୍ରେସଛକ, ମଧୁପାଟଣା ଓ ଓଏମ୍‌ପି ପ୍ରଭୃତି ସ୍ଥାନରେ ୬୦୦ ଭେଣ୍ଡିଂ ଜୋନ ପାଇଁ ପ୍ରସ୍ତାବ ନିଆଯାଇଥିଲା। ମାତ୍ର ଦୁଃଖର ବିଷୟ, ଏ ଯାବତ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ଉଚ୍ଛେଦ କାର୍ଯ୍ୟକୁ ପ୍ରଶାସନ ଚାଲୁ ରଖିଛନ୍ତି। ଯଦ୍ୱାରା ଉଠାଦୋକାନୀମାନେ ଜୀବିକା ହରାଇ ଦୟନୀୟ ସ୍ଥିତିରେ ଦିନ କାଟୁଥିବା ସାଂସଦଙ୍କୁ ଅବଗତ କରାଯାଇଥିଲା। ମହାସଂଘ ପକ୍ଷରୁ ଦାବିପତ୍ର ଗ୍ରହଣକରି ସାଂସଦ ଶ୍ରୀ ମହତାବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନର ମାର୍ଗ ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମହାସଂଘ ପକ୍ଷରୁ ସଭାପତି ଆଡ୍‌ଭୋକେଟ୍ ଅମରେନ୍ଦ୍ର ମହାନ୍ତି, ରମାକାନ୍ତ ନାଏକ, ସିଡିଏ ଆବାହକ ନରୋତ୍ତମ ଦାସ, ରାଣୀହାଟର ରତ୍ନାକର ସାହୁ, ରବୀନ୍ଦ୍ର ସାହୁ, ବାଦାମବାଡ଼ିର ଛବି ଖୁଣ୍ଟିଆ, ପ୍ରେସ୍‌ଛକର ସନ୍ତୋଷ ସାହୁ, ବାପୁ ଖାନ୍, ସୁକାନ୍ତ ବାରିକ, ଆଡ୍‌ଭୋକେଟ୍ ପ୍ରସନ୍ନ ମହାପାତ୍ର, ଝୋପଡ଼ପଟି ନେତା ବୃନ୍ଦାବନ ଦାସ ଆଜାଦ, ସମାଜର ପୂର୍ବତନ ସମ୍ପାଦକ ଡକ୍ଟର ପ୍ରମୋଦ କୁମାର ମହାପାତ୍ର ଓ ଓଡ଼ିଶା ନବନିର୍ମାଣ ବିକାଶ ମଞ୍ଚ କେନ୍ଦ୍ରୀୟ ସଭାପତି ତଥା ମହାସଂଘ ଉପଦେଷ୍ଟା ଆଡ୍‌ଭୋକେଟ୍ ଡକ୍ଟର ଜ୍ଞାନଗୁରୁ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



# ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର



**କଟକ,୨।୬/ଏନ୍ଏନ୍ଏସ୍:** ସାରସ୍ୱତ ଅନୁଷ୍ଠାନ, ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର ଓ ଆଲୋଚନାଚକ୍ର ଚାଉଳିଆଗଞ୍ଜସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ଡ. ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡ. କମଳାକାନ୍ତ ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ପତିତପାବନ ମହାପାତ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଦାସ, ବରେଣ୍ୟ ଅତିଥି ଭାବେ ଡଃ.ବିଜୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ, ବ୍ରହ୍ମାନନ୍ଦ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ପଣ୍ଡିତ ଡ. ଚୈତନ୍ୟ କୁମାର ସାହୁ ଯୋଗଦେଇ ପବିତ୍ର ଶୀତଳ ଷଷ୍ଠୀ, ଶିବ ପାର୍ବତୀଙ୍କ ବିବାହ ଓ ଜନଜୀବନରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି ଓ ଛବିରାମ ସେଠୀଙ୍କ ସଂଯୋଜନାରେ କବୟିତ୍ରୀ ପ୍ରଭାତୀରାଣୀ ମହାନ୍ତି, ନଳିନୀପ୍ରଭା ଦାଶ, ଅନ୍ନପୂର୍ଣ୍ଣା ସାହୁ, ନିରୁପମା ସାହୁ, ରତନ କୁମାର ମହାନ୍ତି, ବଂଶୀଧର ମହାପାତ୍ର, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ଚୈତନ୍ୟ ରାଉତ, ସ୍ନେହଲତା ଦ୍ୱିବେଦୀ, ପ୍ରତାପ କୁମାର ନାୟକ, ଗଣେଶ୍ୱର ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ମୈତ୍ରୀଭୁଷଣ ଖୁଣ୍ଟିଆ ଧନ୍ୟବାଦ୍ ଦେଇଥିଲେ।

# ନରସିଂହପୁର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

**କଟକ,୨।୬/ଏନ୍ଏନ୍ଏସ୍:** ନରସିଂହପୁର ବ୍ଲକଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୦ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୧୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଜିଲ୍ଲାପାଳଙ୍କ ପରବର୍ତ୍ତୀ ଜନଶୁଣାଣି ଆସନ୍ତା ଜୁନ୍ ୯ ତାରିଖ ସୋମବାର ସକାଳ ୭ଟାରେ ଡମପଡ଼ା ତହସିଲଠାରେ ଅନୁଷ୍ଠିତ ହେବ।

# ମୋ ୱାର୍ଡ କାର୍ଯ୍ୟକ୍ରମର ଶୁଭାରମ୍ଭ

**କଟକ,୨।୬/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ମେୟର ସୁବାସ ସିଂହ ସିଏମ୍‌ସି ୱାର୍ଡ଼ ନଂ ୫୮ରେ 'ମୋ ୱାର୍ଡ' କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ଏକ ବୈଠକ ସ୍ଥାନୀୟ ମା'ଧାକୁଲେଇ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସଭାରେ ଦେଢ଼ ଶହରୁ ଅଧିକ ନାଗରିକ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଞ୍ଚଳର ଡ୍ରେନ୍ ସମସ୍ୟା, ରାସ୍ତାଘାଟ, ଡାକ୍ତରଖାନା, ସ୍କୁଲ, ମଶାଣି, ଖେଳପଡ଼ିଆ ଓ ଅଙ୍ଗନବାଡ଼ିର ଉନ୍ନତି ବିଷୟରେ ବରିଷ୍ଠ ନାଗରିକମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ନାଗରିକମାନଙ୍କ ସମସ୍ୟାଗୁଡ଼ିକର ଯଥା ଶୀଘ୍ର ସମାଧାନ କରାଯିବ ବୋଲି ମେୟର ଶ୍ରୀ ସିଂହ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର୍ ଜନାର୍ଦ୍ଦନ ପରିଡ଼ା, ସହ-କମିଶନର୍ ସ୍ୱାତୀ ମିଶ୍ର, କୌଶିକ ଜେନା, ପ୍ରମୋଦ ମହାପାତ୍ର, ନଟବର କର, ପ୍ରମୋଦ ବେହେରା, ଅନାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଯୁବକଙ୍କୁ ପୁଲିସ୍‌ର ମାଡ଼ ଘଟଣା: କ୍ଷତିପୂରଣ ପାଇଁ ମାମଲା

**କଟକ,୨।୬/ଏନ୍ଏନ୍ଏସ୍:** ଏସ୍‌ସିବି ଟିକଟ କାଉଣ୍ଟର୍ ନିକଟରେ ଧାଡ଼ିରେ ଛିଡ଼ା ହୋଇଥିବା ଜଣେ ଯୁବକର ସାର୍ଟ ଚିରି ତା'କୁ ମାଡ଼ ମାରିବା ଏବଂ ଦୁର୍ବ୍ୟବହାର କରିବା ଘଟଣାରେ ସମ୍ପୃକ୍ତ ପୁଲିସ୍ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡ଼ିତ ବ୍ୟକ୍ତିଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ମାନବାଧିକାର ଆୟୁକ୍ତରେ ଏକ ମାମଲା ରୁଜୁ ହୋଇଛି। ଆବେଦନକାରୀ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ କମିଶନରେ ଏହି ମାମଲା ରୁଜୁ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଏଣ୍ଡ୍ ହସ୍‌ପିଟାଲ୍ ପରିସରରେ ଆଶୁତୋଷ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଚିକିତ୍ସା ନିମନ୍ତେ ଗତ ଜୁନ୍ ୧ ତାରିଖରେ ଇଏନ୍‌ଟି ଓପିଡି ଟିକଟ କାଉଣ୍ଟର୍‌ରେ ଟିକଟ କାଟିବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ସେଠାରେ ଥିବା ପୁଲିସ୍ ତାଙ୍କୁ ଦୁର୍ବ୍ୟବହାର କରିଥିଲା। ସ୍ପଷ୍ଟ ଦିବାଲୋକରେ ଉକ୍ତ ପୁଲିସ୍ କର୍ମଚାରୀ ଜଣକ ଆଶୁତୋଷଙ୍କୁ ବାଡ଼ିଆପିଟା କରିବା ସହ ତାଙ୍କ ସାର୍ଟକୁ ଚିରି ଦେଇଥିଲା। ଏହା ପରେ ଉକ୍ତ ପୁଲିସ୍ କର୍ମଚାରୀ ଜଣକ ଆଶୁତୋଷର କାଗଜପତ୍ର ଚିରିଦେବା ସହ ତାକୁ ଘଟଣା ସ୍ଥଳରୁ ଉଠାଇ ନେଇ ବେଆଇନ ଭାବେ ଥାନାରେ ଅଟକ ରଖିଥିଲେ। ପୁଲିସ୍‌ର ଏପରି ଦୁର୍ବ୍ୟବହାର ଦୃଶ୍ୟ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେବା ସହ ସାମାଜିକ ଗଣମାଧ୍ୟମରେ ଖୁବ୍ ପ୍ରସାରିତ ହୋଇଥିଲା। ପୁଲିସ୍‌ର ଏପରି କାର୍ଯ୍ୟ ଯୋଗୁଁ ଉକ୍ତ ବ୍ୟକ୍ତିର ମୌଳିକ ଅଧିକାର ଏବଂ ମାନବିକ ଅଧିକାର ଉଲ୍ଲଙ୍ଘନ ହୋଇଥିବା ଦର୍ଶାଇ ଆବେଦକାରୀ ଶ୍ରୀ ମହାନ୍ତି ଘଟଣାର ତଦନ୍ତ କରିବାକୁ ରାଜ୍ୟ ମାନବାଧିକାର ଆୟୁକ୍ତ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ସେହିପରି ଏହି ଘଟଣାରେ ନିଜ କ୍ଷମତାର ଅପବ୍ୟବହାର କରିଥିବା ଉକ୍ତ ପୁଲିସ୍ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କମିଶନଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଏଥିସହିତ ପୀଡ଼ିତ ବ୍ୟକ୍ତିର ମାନବାଧିକାର ଉଲ୍ଲଙ୍ଘନ ପ୍ରସଙ୍ଗରେ ତାକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ଆବେଦନକାରୀ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଏଣ୍ଡ୍ ହସ୍‌ପିଟାଲ୍‌ର ଅଧୀକ୍ଷକଙ୍କୁ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଛନ୍ତି।

# ଆଗ୍ନିକ ଦୁର୍ବିପାକରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନତା

**କଟକ,୨।୬/ଏନ୍ଏନ୍ଏସ୍:** ଓଡ଼ିଶା ହାଇକୋର୍ଟର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟବହାର ଓ ଆଗ୍ନିକ ଦୁର୍ବିପାକରୁ ନିଜକୁ କିପରି ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ, ବିଡ଼ାନାସୀ ଦମକଳ ବାହିନୀର ଆଗ୍ନିକ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ ଅଗ୍ନିନିର୍ବାପକ ଯନ୍ତ୍ରର ପରୀକ୍ଷଣ ଏବଂ ପ୍ରତୀକାତ୍ମକ ଅଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରି ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଗ୍ନି ଦୁର୍ବିପାକରୁ ନିଜକୁ ସୁରକ୍ଷିତ କରିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରାଇଥିଲେ । ଉକ୍ତ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉପସଚିବ, ସହ ସଚିବ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ରଥଯାତ୍ରାର ସୁପରିଚାଳନା ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

**କଟକ,୨।୬/ଏନ୍ଏନ୍ଏସ୍:** ଆସନ୍ତା ଜୁନ ୨୭ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁପରିଚାଳନା କରିବା ନିମନ୍ତେ ଆଜି ଅପରାହ୍ନରେ କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସକ୍ରିୟ ତଥା ସଜାଗ ରହିବାକୁ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜିଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ। ଶ୍ରୀଜିଉଙ୍କ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ମଧ୍ୟରେ ଜୁନ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁନ ୨୬ ତାରିଖରେ ନବଯୌବନ ଦର୍ଶନ, ଜୁନ ୨୭ ତାରିଖରେ ରଥଯାତ୍ରା, ଜୁଲାଇ ୧ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୫ରେ ବାହୁଡ଼ା ଯାତ୍ରା, ଜୁଲାଇ ୬ ତାରିଖରେ ସୁନାବେଶ, ଜୁଲାଇ ୭ରେ ଅଧରପଣା ଓ ଜୁଲାଇ ୮ ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବେ।

ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୁଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ସ୍ଥାପନ, ଟ୍ରାଫିକ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର୍, ଡିଲିନେଟର୍ ଓ ଟ୍ରାଫିକ ଜୋନ୍ ବ୍ୟବସ୍ଥା, ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ସମୁଦ୍ର କୂଳରେ ପୁଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି ଓ ଅସ୍ଥାୟୀ ପୁଲିସ ଆଉଟ୍‌ପୋଷ୍ଟ ଖୋଲାଯିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ରେଳବାଇ ପୁଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ ଆଦି ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଆର୍‌ପିଏଫ୍ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଏହା ସହ ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ଅପରାଧୀଙ୍କ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ, ହୋଟେଲ ଏବଂ ଲଜ୍‌ଗୁଡ଼ିକରେ ନିୟମିତ ଯାଞ୍ଚ, ରକ୍ଷକ ଯାନ ମୁତୟନ, କ-୯ ସ୍କ୍ୱାର୍ଡ ମୁତୟନ, ଦଳା ଚକଟା ଭଳି ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ସଜାଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା, ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ୍, ପୁଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଇତ୍ୟାଦି ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହାସହ ବୈଠକରେ ଆପାତକାଳୀନ ପରିସ୍ଥିତିର ମୁକାବିଲା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଆଭାସୀ ମାଧ୍ୟମରେ ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେସନ୍) ଦୟାଳ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ଏସ୍. ପ୍ରବୀଣ କୁମାର, ଆଇଜି (ଅପରେସନ୍) ଡ. ଦୀପକ କୁମାର, ଆଇଜି (ବିପିଏସ୍‌ପିଏ) ଅନୁପ ସାହୁ, ଆଇଜି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡ଼ଙ୍ଗୀ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (ଏସ୍‌ଆଇଡବ୍ଲ୍ୟୁ) ଡ. କନୱାର ବିଶାଳ ସିଂ, ଡିଆଇଜି (ଏସ୍‌ଟିଏଫ୍) ପିନାକ ମିଶ୍ର, ଏସପି (ରେଲୱେ) ବିବେକାନନ୍ଦ ଶର୍ମା, ଏସ୍‌ପି (ପୁରୀ) ଭିନୀତ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।



## ଆଇପିଏଲ୍ ଫାଣ୍ଟାସି ଗେମ୍‌ରେ କଟକ ପୁଅର ବାଜିମାତ୍

# ଫୁଲ ଦୋକାନୀରୁ ରାତାରାତି ପାଲଟିଲେ କୋଟିପତି

**କଟକ,୨।୬/ଏନ୍ଏନ୍ଏସ୍:** କଟକ ସହର ନୂଆପଡ଼ା ଅଞ୍ଚଳର ବିନୋଦ ଦାସ ଅନ୍‌ଲାଇନ୍ ଗେମ୍‌ରେ କୋଟିପତି ହୋଇଛନ୍ତି। ଚଳିତ ବର୍ଷ ଆଇପିଏଲ-୨୦୨୫ ସଂସ୍କରଣର ଅନ୍‌ଲାଇନ୍ ଫାଣ୍ଟାସି କ୍ରିକେଟ ଗେମ୍‌ରେ ପ୍ରଥମ କଟକିଆ ବିଜେତା ଭାବେ ନିଜ ନାମ ଯୋଡ଼ିଛନ୍ତି। ଏହା ପୂର୍ବରୁ ଓଡ଼ିଶାରେ ୫ ଜଣ ବିଜେତା କୋଟିପତି ହୋଇଛନ୍ତି। ଫୁଲ ଦୋକାନୀରୁ ରାତିକା ରାତି କୋଟିପତି ବନିଯାଇଛନ୍ତି ବିନୋଦ। ଏହି ଖବର ପ୍ରଚାରିତ ହେବା ପରେ ରୌପ୍ୟନଗରୀରେ ଚର୍ଚ୍ଚାର ବିଷୟ ବେଶ୍ ପାଲଟିଛି। ବନ୍ଧୁ ଓ ପଡ଼ିଶାଙ୍କ ନିକଟରୁ ଶୁଭେଚ୍ଛା ବାର୍ତ୍ତା ଛୁଟିବାରେ ଲାଗିଛି।

ରବିବାର ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗସ୍ ମଧ୍ୟରେ ଖେଳାଯିବା ଲାଗି ସ୍ଥିର ହୋଇଥିଲା। ଏହି ମ୍ୟାଚ୍ ବିଜେତା ଫାଇନାଲ୍‌ରେ ସିଧାସଳଖ ପ୍ରବେଶ କରିବ ବୋଲି କାର୍ଯ୍ୟସୂଚୀ ହୋଇଥିଲା। ସର୍ବାଧିକ ପଏଣ୍ଟ ହାସଲ କରିଥିବା ପଞ୍ଜାବ ପ୍ରଥମ କ୍ୱାଲିଫାୟାର ମ୍ୟାଚରେ ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି ରୋମାଞ୍ଚକର ଥିଲା। ଟସ୍ ପଡ଼ିବା ମାତ୍ରେ ବର୍ଷା ବାଧକ ସାଜିଥିଲା। ବିଳମ୍ବ ହେଉ ପଛେ ପ୍ରାୟ ୨ଘଣ୍ଟା ୪୫ମିନିଟ ମ୍ୟାଚ ଆରମ୍ଭ ହୋଇଥିଲା। ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ବିନିମୟରେ ୨୦୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ପଞ୍ଜାବ କିଙ୍ଗସ ୬ଟି ବଲ୍ ବାକି ଥାଇ ୫ ୱିକେଟ ବିନିମୟରେ ଆବଶ୍ୟକୀୟ ରନ ପୂରଣ କରିଦେଇଥିଲା। ଅଧିନାୟକ ଶ୍ରେୟାସ ଆୟର ୪୧ଟି ବଲରେ ଅପରାଜିତ ରହିବା ସହିତ ୮୭ରନ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମଙ୍ଗଳବାର ପଞ୍ଜାବ ଫାଇନାଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ସହ ଖେଳିବ। କଟକର ବିନୋଦ 'ମାଇଁ ୧୧-ସର୍କଲ'ରେ ୨୦ଟି ଟିମ୍ ଗଠନ କରିଥିଲେ। ସେ ଗଢ଼ିଥିବା ୪ର୍ଥ ନମ୍ବର ଟିମ୍ ପ୍ରାୟ ୧୮କୋଟି ଅଂଶଗ୍ରହଣକାରୀଙ୍କୁ ପଛରେ ପକାଇ ଏହି ବିଜୟ ଦେଇଥିଲା।

ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିବା ବିନୋଦ ଫୁଲ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଚଳିତ ଆଇପିଏଲ୍ ସଂସ୍କରଣରେ ସେ ୧୧-ସର୍କଲ୍ ଗେମ୍ ସମ୍ପର୍କରେ ତାଙ୍କ ଜଣେ ବନ୍ଧୁଙ୍କ ନିକଟରୁ ଜାଣିବାକୁ ପାଇଥିଲେ। ଏହା ପରେ ସେ ଟିମ୍ ଗଠନ କରିବା ଆରମ୍ଭ କରିଥିଲେ। ପ୍ରତ୍ୟେକ ଦିନ ଗୋଟିଏ ମ୍ୟାଚ୍ ବାବଦରେ ୧୫୬୦ ଟଙ୍କା ଖର୍ଚ୍ଚ କରି ୩୦ରୁ ୪୦ଟି ଟିମ୍ ଗଠନ କରୁଥିଲେ। ରବିବାର ମ୍ୟାଚ୍‌ରେ ସେ ୨୦ଟି ଟିମ୍ ଗଠନ କରି ୪୯ ଟଙ୍କା ହିସାବରେ ୯୮୦ ଟଙ୍କା ଖର୍ଚ୍ଚ କରିଥିଲେ। ସୌଭାଗ୍ୟର ବିଷୟ ୪ର୍ଥ ନମ୍ବର ଟିମ୍ ତାଙ୍କର ସଫଳ ହୋଇଥିଲା। ଏହା ପରେ ସେ ଓ ତାଙ୍କ ପରିବାର ରାତି ସାରା ଉଜାଗର ରହି ସେଲିବ୍ରେସନ୍ କରିଥିଲେ। ଆଜି ତାଙ୍କ ଘରେ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ସହରର ଅନେକ ଯୁବକ ଭିଡ଼ ଜମାଇଥିଲେ। ଏନେଇ ବିନୋଦ କୁହନ୍ତି ଏହା ମାଇଣ୍ଡ ଗେମ୍ ନ ଥିଲା ଏହା ଥିଲା ଭାଗ୍ୟ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ସେ ୩ କୋଟି ଟଙ୍କା ଜିତିବା ସହିତ ଏକ ମହିନ୍ଦ୍ରା ଥାର୍ ଗାଡ଼ି ପାଇବାରେ ଯୋଗ୍ୟ ହୋଇଛନ୍ତି। ଯଦିଓ ଟିକସ ବାବଦରେ ୯୦ ଲକ୍ଷ ଟଙ୍କା ତାଙ୍କୁ ମିଳିବ ନାହିଁ, ତାଙ୍କ ଜମା ଖାତାକୁ ୨କୋଟି ୧୦ଲକ୍ଷ ଟଙ୍କା ପ୍ରାପ୍ତ ହେବ। ଏହି ଖବର ପ୍ରଚାରିତ ହେବା ପରେ ଅନ୍‌ଲାଇନ୍‌ରେ ଏହି ଗେମ୍ ଖେଳୁଥିବା ସଂଖ୍ୟାଧିକ ଆଶାୟୀ ତାଙ୍କ ଘରକୁ ଆସି ପରାମର୍ଶ ନେଉଛନ୍ତି। ରାଜ୍ୟରେ ୮ ଜଣ ଆଶାୟୀ ଏହି 'ମାଇଁ-୧୧ସର୍କଲ'ରେ କୋଟି କୋଟି ଟଙ୍କା ଜିତିଥିବା ବେଳେ ଏହା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା।

# ଆଜି ପଞ୍ଜାବ-ବେଙ୍ଗାଲୁରୁ ଫାଇନାଲ୍

**ଅହମ୍ମଦାବାଦ,୨।୬/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୫ ସିଜନ୍‌ର ଫାଇନାଲ୍ ମ୍ୟାଚ୍ ଆସନ୍ତାକାଲି (ମଙ୍ଗଳବାର) ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯିବ। ଟାଇଟଲ୍ ଲଢ଼େଇରେ ପଞ୍ଜାବ କିଙ୍ଗ୍‌ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପରସ୍ପରର ସାମ୍ନା କରିବେ। ଦୁଇ ଟିମ୍ ୧୮

## ଅହମ୍ମଦାବାଦରେ ଆଇପିଏଲ୍‌କୁ ମିଳିବ ନୂଆ ଚାମ୍ପିଅନ୍



ବର୍ଷରେ ଥରେ ବି ଟ୍ରଫି ଜିତି ନାହାନ୍ତି। ଏବେ ଦୁଇ ଟିମ୍ ଏହି ମରୁଡ଼ିରେ ଅନ୍ତ ଘଟାଇବା ଉଦ୍ଦେଶ୍ୟରେ ଓହ୍ଲାଇବେ ଏବଂ ଆଇପିଏଲ୍‌କୁ ନୂଆ ଚାମ୍ପିଅନ୍ ମିଳିବ।

ଆର୍‌ସିବି ଏବଂ ଟିମ୍‌ର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲିଙ୍କ ଏକା ଚତୁର୍ଥ ଫାଇନାଲ୍ ମ୍ୟାଚ୍ ହେବ। ଆର୍‌ସିବି ନିଜର ଗତ ସମସ୍ୟାଗୁଡ଼ିକୁ ପଛରେ ପକାଇ ଚଳିତ ଥର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛି। ରଜତ ପାଟିଦାରଙ୍କ ନେତୃତ୍ୱରେ ଟିମ୍ ଆୱେ ମ୍ୟାଚ୍‌ରେ ଶତପ୍ରତିଶତ ସଫଳତା ହାସଲ କରିଛି। ଟିମ୍ କ୍ୱାଲିଫାୟର୍-୧ରେ ପଞ୍ଜାବକୁ ଆଠ ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି ଏବଂ ଟିମ୍ ଫାଇନାଲ୍‌ରେ ମଧ୍ୟ ଏହି ପ୍ରଦର୍ଶନ ଦୋହରାଇବା ନିମନ୍ତେ ପ୍ରତିବଦ୍ଧ ରହିବ। କୋହଲି (୬୧୪ ରନ୍) ପ୍ରତି ବର୍ଷ ପରି ଚଳିତ ଥର ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ଏହି ବର୍ଷ ମଧ୍ୟ ଆର୍‌ସିବି ବ୍ୟାଟିଂ ମୁଖ୍ୟ ସ୍ତମ୍ଭ ରହିଛନ୍ତି। ଚଳିତ ଥର ତାଙ୍କୁ ଅନ୍ୟ ଖେଳାଳିଙ୍କ ଭଲ ସହଯୋଗ ମଧ୍ୟ ମିଳିଛି। ଚଳିତ ଥର କୋହଲିଙ୍କ ବ୍ୟତୀତ ଫିଲ୍ ସଲ୍ଟ ମଧ୍ୟ ଭଲ ସହଯୋଗ କରି ଆର୍‌ସିବିକୁ ଭଲ ଆରମ୍ଭ ଦେଇଛନ୍ତି। ସେହିପରି ମୟଙ୍କ ଅଗ୍ରୱାଲ୍ କ୍ୟାପ୍‌ଟେନ୍ ରଜତ ପାଟିଦାର ଓ ଜିତେଶ ଶର୍ମା ବ୍ୟାଟିଂ କ୍ରମରେ ଭରସାଯୋଗ୍ୟ ସାବ୍ୟସ୍ତ ହୋଇଛନ୍ତି। ଟିମ୍ ଡେଭିଡ୍ ଆହତ କାରଣରୁ ଟିମ୍‌ର ଗତ ଦୁଇଟି ମ୍ୟାଚ୍ ଖେଳିପାରିନଥିଲେ। ତେବେ ଫାଇନାଲ୍ ମ୍ୟାଚ୍‌ରେ ସେ ଖେଳୁଛନ୍ତି ନାହିଁ ତାହା ଦେଖିବାକୁ ବାକି ରହିଛି। ସେ ରୋମାରିଓ ଶେଫର୍ଡଙ୍କ ସହ ମିଶି ଡେଥ୍ ଓଭରରେ ଟିମ୍ ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି। ବୋଲିଂରେ ଶାନ୍ତ ଓ ଧୈର୍ଯ୍ୟବାନ ଜୋଶ୍ ହେଜଲ୍‌ଉଡ୍ (୨୧ ୱିକେଟ୍) ଆର୍‌ସିବି ପାଇଁ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ଆଇପିଏଲ୍‌ର ଚଳିତ ସିଜନ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀଙ୍କ ସୂଚୀରେ ଏବେ ସେ ଚତୁର୍ଥ ସ୍ଥାନରେ ରହିଛନ୍ତି।

ମୁଲ୍ଲାନ୍‌ପୁରରେ ନିଜର ଘରୋଇ ପଡ଼ିଆରେ ପ୍ରଥମ କ୍ୱାଲିଫାୟର୍‌ରେ ଆର୍‌ସିବିଠାରୁ ମିଳିଥିବା ଶୋଚନୀୟ ପରାଜୟ ସତ୍ତ୍ୱେ ଶ୍ରେୟସ୍ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍‌ସ ଦ୍ୱିତୀୟ କ୍ୱାଲିଫାୟର୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଛି। ଟିମ୍ ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇକୁ ହରାଇ ୧୧ ବର୍ଷ ପରେ ଫାଇନାଲ୍‌ରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟାର୍ଦ୍ଧରେ ଲଗାତାର ପଏଣ୍ଟ ଟେବଲ୍ ଶୀର୍ଷରେ ରହିଆସିଥିବା ପଞ୍ଜାବ କ୍ୟାପ୍‌ଟେନ୍ ଆୟର୍ ଏବଂ କୋଚ୍ ରିକି ପଣ୍ଟିଙ୍କ ରଣକୌଶଳରେ ମହତ୍ତ୍ୱପୂର୍ଣ୍ଣ ପ୍ରଗତି କରିଛି। ଆୟର୍ (୬୦୩ ରନ୍)ଙ୍କ ନେତୃତ୍ୱରେ ଗତ ବର୍ଷ କୋଲ୍‌କାତା ନାଇଟ୍ ରାଇଡର୍ସ ଚାମ୍ପିଅନ୍ ହୋଇଥିଲା। ଲଗାତାର ଦ୍ୱିତୀୟ ଥର ଆଇପିଏଲ୍ ଫାଇନାଲ୍‌ରେ ପହଞ୍ଚିବା ଏକ ଏପରି ନେତୃତ୍ୱକର୍ତ୍ତା ଭାବେ ତାଙ୍କ କ୍ଷମତା ସମ୍ପର୍କରେ ବହୁତ କିଛି କହୁଛି। ଏହି ଫର୍ମାଟ୍‌ରେ ସେ ନିଜ ଖେଳାଳିମାନଙ୍କ ସୁନ୍ଦର ଭାବେ ସଂଗଠିତ କରିପାରିଛନ୍ତି। ଆୟର୍ ଟୁର୍ଣ୍ଣାମେଣ୍ଟର ୧୮ ବର୍ଷର ଇତିହାସରେ ଏକମାତ୍ର କ୍ରିକେଟର୍ ଯିଏ ଆଇପିଏଲ୍ ଫାଇନାଲ୍‌ରେ ଭିନ୍ନ ଭିନ୍ନ ତିନିଟି ଟିମ୍‌ର ନେତୃତ୍ୱ ନେଇଛନ୍ତି। ଏଥିରେ ଦିଲ୍ଲୀ କ୍ୟାପିଟାଲ୍ସ ତୃତୀୟ ଟିମ୍। ପ୍ରଭସିମ୍‌ରନ୍ ସିଂହ, ଜୋଶ୍ ଇଙ୍ଗଲିଶ୍, ପ୍ରିୟାଂଶ ଆର୍ଯ୍ୟ ଓ ଶଶାଙ୍କ ସିଂହଙ୍କ ପରି ଆୟରଙ୍କ ସାଥ୍ ଦେବା ପାଇଁ ପଞ୍ଜାବ କିଙ୍ଗ୍‌ସ ନିକଟରେ ଉନ୍ନତ ବ୍ୟାଟର୍ ରହିଛନ୍ତି, ଯାହା ଫଳରେ ସେ ନିଜ ସ୍ଥିତି ମଜଭୁତ କରିବା ସହିତ ବିପକ୍ଷ ଟିମ୍ ଉପରେ ଆକ୍ରାମଣାତ୍ମକ ହମ୍‌ଲା ମଧ୍ୟ କରିପାରିବେ। ମାର୍କୋ ଜାନ୍‌ସେନ୍‌ଙ୍କ ବିନା ପଞ୍ଜାବ ବୋଲିଂ କିଛିଟା ଦୁର୍ବଳ ହୋଇଥିଲେ ମଧ୍ୟ ବ୍ୟାଟିଂ ଅନୁକୂଳ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପୂରା ଇନିଂସ୍‌ରେ ରୋକି ରଖିବାରୁ ଜଣାଯାଉଛି ଟିମ୍‌ର ଆକ୍ରମଣ ସେତେ ଦୁର୍ବଳ ନୁହେଁ। ଯୁଜବେନ୍ଦ୍ର ଚହଲ୍ ଆହତ କାରଣରୁ ଦ୍ୱିତୀୟ କ୍ୱାଲିଫାୟର୍‌ରେ ନିଜର ସର୍ବଶ୍ରେଷ୍ଠ ଫର୍ମରେ ନଥିଲେ ମଧ୍ୟ ନିଜ ପୂର୍ବତନ ଫ୍ରାଞ୍ଚାଇଜି ବିପକ୍ଷରେ ପଞ୍ଜାବ ତାଙ୍କଠାରୁ ଭଲ ପ୍ରଦର୍ଶନର ଆଶା ରଖିବ। ପଞ୍ଜାବ ଓ ମୁମ୍ବାଇ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର୍ ବର୍ଷା ଦ୍ୱାରା ପ୍ରଭାବିତ ହୋଇଥିଲା। ତେବେ ଫାଇନାଲ୍ ପାଇଁ ଅତିରିକ୍ତ ଏକ ଘଣ୍ଟା ଯୋଡ଼ାଯାଇ ମ୍ୟାଚ୍ ଆରମ୍ଭ ଅବଧିକୁ ୧୨୦ ମିନିଟ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ତଥା ଫାଇନାଲ୍ ପାଇଁ ଏକ ରିଜର୍ଭ ଦିନ ମଧ୍ୟ ରଖାଯାଇଛି।

**ସମୟ: ସନ୍ଧ୍ୟା ୭.୩୦**
**ଭେନ୍ୟୁ: ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍, ଅହମ୍ମଦାବାଦ**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ**

## ଦିନିକିଆରୁ ମାକ୍ସୱେଲ୍‌ଙ୍କ ସନ୍ନ୍ୟାସ



**ନୂଆଦିଲ୍ଲୀ,୨।୬/ଏଜେନ୍ସି:** ଅଷ୍ଟ୍ରେଲିଆର ଷ୍ଟାର୍ ଅଲ୍‌ରାଉଣ୍ଡର୍ ଗ୍ଲେନ୍ ମାକ୍ସୱେଲ୍ ଦିନିକିଆ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ଏହା ସହିତ ୧୩ ବର୍ଷର ତାଙ୍କ ଦିନିକିଆ କ୍ୟାରିୟର୍‌ରେ ଅନ୍ତ ଘଟିଛି। ୩୬ ବର୍ଷୀୟ ମାକ୍ସୱେଲ୍ ୧୪୯ ଦିନିକିଆରେ ଅଷ୍ଟ୍ରେଲିଆର ପ୍ରତିନିଧିତ୍ୱ କରି ୩୯୯୦ ରନ୍ କରିବା ସହିତ ୭୭ ୱିକେଟ୍ ନେଇଛନ୍ତି। ତେବେ ସେ ଟି-୨୦ ଅନ୍ତର୍ଜାତୀୟ ଖେଳିବା ବଜାୟ ରଖିବେ। ୨୦୧୫ ଓ ୨୦୨୩ ଦିନିକିଆ ବିଶ୍ୱକପ୍ ବିଜେତା ଟିମ୍‌ର ସଦସ୍ୟ ଥିବା ମାକ୍ସୱେଲ୍ ୨୦୧୨ରେ ଅଷ୍ଟ୍ରେଲିଆ ପକ୍ଷରୁ ଦିନିକିଆ ଡେବ୍ୟୁ କରିଥିଲେ। ୨୦୨୩ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷରେ ଅପରାଜିତ ୨୦୧ ରନ୍ କରିଥିଲେ। ସୋମବାର ସନ୍ନ୍ୟାସ ଘୋଷଣା କରି ମାକ୍ସୱେଲ୍ କହିଛନ୍ତି, 'ମୋତେ ଲାଗୁଥିଲା ମୁଁ ଟିମ୍‌କୁ କିଛିଟା ନିରାଶ କରିଛି। କାରଣ ମୋ ଶରୀର ଏବେ ଏହି ଫର୍ମାଟ୍‌ର ଦାବିକୁ ପୂରଣ କରିବା ସ୍ଥିତିରେ ନାହିଁ। ଏବେ ସମୟ ଆସିଯାଇଥିବା ମୁଁ ଭାବୁଛି। ମୋ ସ୍ଥାନ ନେବାକୁ ଥିବା ଖେଳାଳି ଏଥିପାଇଁ ଯୋଜନା ଆରମ୍ଭ କରନ୍ତୁ।

ସୂଚନାଯୋଗ୍ୟ, ମାକ୍ସୱେଲ୍ ମାର୍ଚ୍ଚରେ ହିଁ ଦିନିକିଆ କ୍ରିକେଟ୍ ଛାଡ଼ିବାକୁ ନିଷ୍ପତ୍ତି ନେଇସାରିଥିଲେ। ଚାମ୍ପିଅନ୍ସ ଟ୍ରଫି ଅବସରରେ ସେ ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲୀଙ୍କୁ କହିଥିଲେ ଯେ ୨୦୨୭ ବିଶ୍ୱକପ୍ ଖେଳିପାରିବେ ବୋଲି ତାଙ୍କୁ ଲାଗୁନାହିଁ। ଭାରତ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ୍ ମାକ୍ସୱେଲ୍‌ଙ୍କ ଶେଷ ଦିନିକିଆ ମ୍ୟାଚ୍ ଥିଲା। ମାର୍ଚ୍ଚ ୭ ତାରିଖରେ ଦୁବାଇରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ୭ ରନ୍ କରି ଅକ୍ଷର ପଟେଲ୍‌ଙ୍କ ବଲ୍‌ରେ ବୋଲ୍ଡ ଆଉଟ୍ ହୋଇଥିଲେ। ଆଇପିଏଲ୍ ୨୦୨୫ରେ ମାକ୍ସୱେଲ୍ ପଞ୍ଜାବ କିଙ୍ଗ୍‌ସର ସଦସ୍ୟ ଥିଲେ ମଧ୍ୟ ଆହତ ହେବା କାରଣରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିସାରିଛନ୍ତି।

## କ୍ରିକେଟ୍‌ରୁ କ୍ଲାସେନ୍‌ଙ୍କ ଅବସର ଘୋଷଣା

**ଜୋହାନ୍ସବର୍ଗ,୨।୬/ଏଜେନ୍ସି:** ସାଉଥ୍ ଆଫ୍ରିକା ୱିକେଟ୍‌କିପର୍ ବ୍ୟାଟର୍ ହେନ୍‌ରିକ୍ କ୍ଲାସେନ୍ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସୋସିଆଲ୍ ମିଡିଆ ପୋଷ୍ଟରେ ଲେଖିଛନ୍ତି- 'ପରିବାର ସହିତ ଅଧିକ ସମୟ ବିତାଇବା ନିମନ୍ତେ ସନ୍ନ୍ୟାସ ନେଉଛି।' ୩୩ ବର୍ଷୀୟ କ୍ଲାସେନ୍ ୬୦ ଦିନିକିଆ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକାକୁ ପ୍ରତିନିଧିତ୍ୱ କରି ମୋଟ ୨୧୪୧ ରନ୍ କରିଛନ୍ତି। ଏହା ମଧ୍ୟରେ ଚାରିଟି ଶତକ ଏବଂ ୧୧ ଅର୍ଦ୍ଧଶତକ ସାମିଲ। ୫୮ ଟି-୨୦ ମ୍ୟାଚ୍‌ରେ ୧୦୦୦ ରନ୍ କରିଥିବା ବେଳେ ଏଥିରେ ୫ ଅର୍ଦ୍ଧଶତକ ରହିଛି। ଗତବର୍ଷ କ୍ଲାସେନ୍ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।



ହେନ୍‌ରିକ୍ କ୍ଲାସେନ୍ ଶେଷଥର ପାଇଁ ଚାମ୍ପିଅନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ରେ ସେ ୭ ବଲ୍‌ରେ ୩ ରନ୍ କରିଥିଲେ। ଟୁର୍ଣ୍ଣାମେଣ୍ଟର ଦୁଇଟି ମ୍ୟାଚ୍‌ରେ ତାଙ୍କ ବ୍ୟାଟ୍‌ରୁ ଗୋଟିଏ ଅର୍ଦ୍ଧଶତକ ସମେତ ମୋଟ ୬୭ ରନ୍ ବାହାରିଥିଲା। ସାଉଥ୍ ଆଫ୍ରିକା ଟିମ୍ ସେମିଫାଇନାଲ୍‌ରେ ନ୍ୟୁଜିଲାଣ୍ଡଠାରୁ ହାରି ବାହାର ହୋଇଥିଲା।

କ୍ଲାସେନ୍ ୨୦୧୮ରେ ଭାରତ ବିପକ୍ଷରେ ଦିନିକିଆ ଡେବ୍ୟୁ କରିଥିଲେ। ନିଜ ଡେବ୍ୟୁ ମ୍ୟାଚ୍‌ରେ ମାତ୍ର ୬ ରନ୍ ହିଁ କରିପାରିଥିଲେ। କେପ୍ ଟାଉନ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଭାରତୀୟ ଟିମ୍ ୧୨୪ ରନ୍‌ରେ ଜିତିଥିଲା।

## କାର୍ଲସନ୍‌ଙ୍କୁ ହରାଇଲେ ଗୁକେଶ୍

### ରାଗରେ ବୋର୍ଡକୁ ମୁଥ ମାରିଲେ ବିଶ୍ୱ ନଂ.୧ ଖେଳାଳି



**ଓସ୍‌ଲୋ,୨।୬/ଏଜେନ୍ସି:** ବିଶ୍ୱ ଚାମ୍ପିଅନ୍ ଭାରତର ଡି. ଗୁକେଶ୍ (ବିଶ୍ୱ ନଂ.୫) ନର୍‌ୱେ ଚେସ୍ ଟୁର୍ଣ୍ଣାମେଣ୍ଟର ଷଷ୍ଠ ରାଉଣ୍ଡରେ ବିଶ୍ୱ ନଂ.୧ ମାଗ୍ନସ୍ କାର୍ଲସନ୍‌ଙ୍କୁ ହରାଇ ଦେଇଛନ୍ତି। ପରାଜୟ ପରେ କାର୍ଲସନ୍ ରାଗରେ ଚେସ୍ ବୋର୍ଡକୁ ମୁଥ ମାରିଥିଲେ। ଅବଶ୍ୟ ପରେ ସେ ଗୁକେଶଙ୍କୁ କ୍ଷମାପ୍ରାର୍ଥନା କରିଥିଲେ। ତେବେ ଏହାପରେ ସେ ମିଡିଆ ସହ କଥାବାର୍ତ୍ତା ନକରି ସିଧା ଚାଲିଯାଇଥିଲେ। ଏହା କ୍ଲାସିକାଲ୍ ଚେସ୍‌ରେ କାର୍ଲସନ୍‌ଙ୍କ ବିପକ୍ଷରେ ଗୁକେଶଙ୍କ ପ୍ରଥମ ବିଜୟ। ଏହି ବିଜୟ ସହ ୧୯ ବର୍ଷୀୟ ଭାରତୀୟ ଗ୍ରାଣ୍ଡ ମାଷ୍ଟର୍ ୮.୫ ପଏଣ୍ଟ ସହ ଟେବଲ୍‌ର ତୃତୀୟ ସ୍ଥାନକୁ ଉଠିଛନ୍ତି। ଅନ୍ୟପକ୍ଷରେ କାର୍ଲସନ୍ ଓ ଆମେରିକୀୟ ଗ୍ରାଣ୍ଡ ମାଷ୍ଟର୍ ଫାବିୟାନୋ କାରୁଆନା ୯.୫ ପଏଣ୍ଟ ସହ ଯୁଗ୍ମ ରୂପେ ଶୀର୍ଷସ୍ଥାନରେ ରହିଛନ୍ତି। କାର୍ଲସନ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ଗୁକେଶଙ୍କୁ ହରାଇ ଦେଇଥିଲେ।

ଏହା ପୂର୍ବରୁ ଗୁକେଶ ବିଶ୍ୱ ଚାମ୍ପିଅନ୍ ହେବାପରେ କାର୍ଲସନ୍ କହିଥିଲେ, ମୁଁ ବିଶ୍ୱ ଚାମ୍ପିଅନ୍‌ଶିପ୍ ଖେଳିନଥାଏ। ସେଠାରେ ମୋତେ କେହି ହରାଇ ପାରିବେ ନାହିଁ। ଜବାବରେ ଗୁକେଶ କହିଥିଲେ, ସୁଯୋଗ ମିଳିଲେ ତାଙ୍କ ସାମ୍ନାରେ ବୋର୍ଡରେ ନିଜକୁ ପରଖି ନେବି।

ଗୁକେଶ ଗତବର୍ଷ ଡିସେମ୍ବରରେ ସିଙ୍ଗାପୁରରେ ଆୟୋଜିତ ବିଶ୍ୱ ଚେସ୍ ଚାମ୍ପିଅନ୍‌ଶିପ୍ ଫାଇନାଲ୍‌ରେ ଚୀନ୍‌ର ଡିଙ୍ଗ୍ ଲିରେନ୍‌ଙ୍କୁ ୭.୫-୬.୫ ପଏଣ୍ଟରେ ହରାଇ ଟାଇଟଲ୍ ଜିତିଥିଲେ। ଏହା ସହିତ ୧୮ ବର୍ଷ ବୟସରେ ବିଶ୍ୱ ଚେସ୍ ଚାମ୍ପିଅନ୍‌ଶିପ୍ ଜିତିବାରେ ପ୍ରଥମ ଖେଳାଳି ହୋଇଥିଲେ। ଏହା ପୂର୍ବରୁ ୧୯୮୫ରେ ରୁଷର ଗ୍ୟାରୀ କାସ୍ପାରୋଭ୍ ୨୨ ବର୍ଷ ବୟସରେ ଏହି ଟାଇଟଲ୍ ଜିତିଥିଲେ।

## ସେମିଫାଇନାଲ୍‌ରେ ୟୁନିୟନ୍ ସ୍ପୋର୍ଟିଂ

**ଭୁବନେଶ୍ୱର,୨।୬/ଏନ୍‌ଏନ୍‌ଏସ୍:** ପାରାମାଉଣ୍ଟ ସ୍ପୋର୍ଟିଂ ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଂ ପଡ଼ିଆରେ ଚାଲିଥିବା ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଟିମ୍ ପ୍ରଗତି ସ୍ପୋର୍ଟିଂକୁ ୯ ୱିକେଟ୍‌ରେ ହରାଇଛି। ପ୍ରଥମେ ବ୍ୟାଟିଂ ନେଇ ୟୁନିୟନ୍ ସ୍ପୋର୍ଟିଂ ୩୦.୧ ଓଭରରେ ୯୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ୟୁନିୟନ୍ ସ୍ପୋର୍ଟିଂର ବାଦଲ ବିଶ୍ୱାଳ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ବିନାୟକ ସାହୁ ଓ ଶେଖର ମାଝୀ ୨-୨ ସଫଳତା ପାଇଥିଲେ। ଜବାବରେ ୟୁନିୟନ୍ ସ୍ପୋର୍ଟିଂ ବିଶ୍ୱଜିତ ପ୍ରଧାନଙ୍କ ୫୦ ବଲ୍‌ରୁ ଅପରାଜିତ ୫୦ ରନ୍ ଏବଂ ଅନୀଲ୍ ପରିଡ଼ାଙ୍କ ଅପରାଜିତ ୨୯ ରନ୍ ବଳରେ ୧୮.୩ ଓଭର୍‌ରେ ୧ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି। ୪ ୱିକେଟ୍ ନେଇଥିବା ୟୁନିୟନ୍ ସ୍ପୋର୍ଟିଂର ବାଦଲ ବିଶ୍ୱାଳଙ୍କୁ ପାରାମାଉଣ୍ଟ ସ୍ପୋର୍ଟିଂ କୋଷାଧକ୍ଷ ସଞ୍ଜୀବ ରଥ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଛନ୍ତି।




## ଶୁକ୍ଲା ହୋଇପାରନ୍ତି ବିସିସିଆଇ କାର୍ଯ୍ୟବାହକ ସଭାପତି

### ଆସନ୍ତା ମାସରେ ୭୦ ବର୍ଷରେ ପଦାର୍ପଣ କରିବେ ବିନ୍ନି

**ମୁମ୍ବାଇ,୨।୬/ଏଜେନ୍ସି:** ଭାରତୀୟ କ୍ରିକେଟ୍ ବୋର୍ଡ (ବିସିସିଆଇ) ଉପସଭାପତି ରାଜୀବ ଶୁକ୍ଲା ବୋର୍ଡର କାର୍ଯ୍ୟବାହକ ସଭାପତି ହୋଇପାରନ୍ତି। ବର୍ତ୍ତମାନର ସଭାପତି ରୋଜର ବିନ୍ନି ଆସନ୍ତା ମାସରେ ୭୦ ବର୍ଷ ବୟସରେ ପାଦ ଦେବେ। ବିସିସିଆଇ ନିୟମ ଅନୁସାରେ କୌଣସି ପଦାଧିକାରୀଙ୍କୁ ୭୦ ବର୍ଷ ବୟସ ପରେ ପଦ ଛାଡ଼ିବାକୁ ପଡ଼ିଥାଏ। ଏପରି ସ୍ଥିତିରେ ବିନ୍ନି ପଦରେ ରହିବା ପାଇଁ ଅଯୋଗ୍ୟ ହୋଇଯିବେ। ବିସିସିଆଇ ସୂତ୍ର ପକ୍ଷରୁ ସୋମବାର ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ଏହି ସୂଚନା ଦିଆଯାଇଛି। ବିନ୍ନି ୨୦୨୨ରେ ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ବୋର୍ଡ ସଭାପତି ପଦ ସମ୍ଭାଳିଥିଲେ। ସେ ଜୁଲାଇ ୧୯ ତାରିଖରେ ୭୦ ବର୍ଷ ବୟସରେ ପଦାର୍ପଣ କରିବେ।



ସେପ୍ଟେମ୍ବରରେ ହେବାକୁ ଥିବା ବୋର୍ଡର ବାର୍ଷିକ ସାଧାରଣ ବୈଠକରେ ନୂଆ ନିର୍ବାଚନ ହେବା ପର୍ଯ୍ୟନ୍ତ ୬୫ ବର୍ଷୀୟ ଶୁକ୍ଲା ସଭାପତି ରହିବେ।

ରୋଜର ବିନ୍ନି ୧୯୮୩ ବିଶ୍ୱକପ୍ ବେଳେ ଭାରତୀୟ କ୍ରିକେଟ୍ ଟିମ୍‌ର ସଦସ୍ୟ ଥିଲେ। ଭାରତର ପ୍ରଥମ ବିଶ୍ୱକପ୍ ବିଜୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ବିଶ୍ୱକପ୍‌ରେ ବିନ୍ନି ସର୍ବାଧିକ ୱିକେଟ୍ ହାସଲକାରୀ ଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ୧୮ ୱିକେଟ୍ ଅକ୍ତିଆର କରିଥିଲେ। ୧୯୭୯ରୁ ୧୯୮୭ ପର୍ଯ୍ୟନ୍ତ କ୍ୟାରିୟର୍‌ରେ ବିନ୍ନି ଭାରତ ପାଇଁ ୨୭ ଟେଷ୍ଟ ଓ ୭୨ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟ କ୍ୟାରିୟର୍‌ରେ ୪୭ ୱିକେଟ୍ ଅକ୍ତିଆର କରିଥିବା ବେଳେ ଦିନିକିଆରେ ତାଙ୍କ ନାମରେ ୭୭ ୱିକେଟ୍ ରହିଛି।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍: କଟକ-ଏ' ବିଜୟୀ

**କଟକ,୨।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ରେଭେନ୍ସା-୧ କ୍ରିକେଟ୍ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ କଟକ-ଏ' ୭ ୱିକେଟ୍‌ରେ ବାଲେଶ୍ୱରକୁ ହରାଇ ଦେଇଛି। ପରିବର୍ତ୍ତିକ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ବାଲେଶ୍ୱର ୧୮.୧ ଓଭରରେ ମାତ୍ର ୬୨ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ଶୁଭମ୍ ପଲେଇ ସର୍ବାଧିକ ୨୧ ରନ୍ କରିଥିଲେ। ପ୍ରତିପକ୍ଷର ପୀୟୁଷ ମନ୍ତ୍ରୀ ଚମତ୍କାର ପ୍ରଦର୍ଶନ କରି ୨ ଓଭରରେ ୧ ରନ୍ ଦେଇ ତିନିଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ କଟକ-ଏ ଚୌଧୁରୀ ଏସ୍ ମହାନ୍ତିଙ୍କ ୩୪ ଏବଂ ଅନିଲ୍ ସାହୁଙ୍କ ୧୩ ରନ୍ ବଳରେ ୧୪.୨ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କଟକ-ଏ'ର ପୀୟୁଷ ମନ୍ତ୍ରୀଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

## ଆଜିଠାରୁ ସିଏମ୍ ଟ୍ରଫି କ୍ୱାର୍ଟର୍ ଫାଇନାଲ୍

**ଭୁବନେଶ୍ୱର,୨।୬/ଏନ୍‌ଏନ୍‌ଏସ୍:** ସିଏମ୍ ଟ୍ରଫି ୧୫ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍‌ର ଜୋନ୍‌ସ୍ତରୀୟ ଲିଗ୍ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ମଙ୍ଗଳବାର ଚାରିଟି ଜୋନ୍‌ରେ ସାତଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଭୁବନେଶ୍ୱର ଜୋନ୍‌ରେ କଟକ ୬-୩ ଗୋଲ୍‌ରେ ପୁରୀକୁ ଏବଂ ଖୋର୍ଦ୍ଧା ୩-୧ ଗୋଲ୍‌ରେ ନୟାଗଡ଼କୁ ହରାଇଛି। ସମ୍ବଲପୁର ଜୋନ୍‌ରେ ସୁବର୍ଣ୍ଣପୁର ୩-୦ ଗୋଲ୍‌ରେ ସୁନ୍ଦରଗଡ଼କ ଏବଂ ବରଗଡ଼ ୧୦-୦ ଗୋଲ୍‌ରେ ବୌଦ୍ଧକୁ ହରାଇଛି। କେନ୍ଦୁଝର ଜୋନ୍‌ରେ ଅନୁଗୁଳ ଓ ମୟୂରଭଞ୍ଜ ଏବଂ ଦେଓଗଡ଼ ଓ ବାଲେଶ୍ୱର ମଧ୍ୟରେ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି। ବ୍ରହ୍ମପୁର ଜୋନ୍‌ରେ ନବରଙ୍ଗପର ୨-୧ ଗେଲ୍‌ରେ ଗଞ୍ଜାମକୁ ହରାଇଛି। ଆସନ୍ତାକାଲି ଅପରାହ୍ଣ ସାଢ଼େ ୪ଟା ବେଳେ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର- କଟକ, ସମ୍ବଲପୁର ଜୋନ୍‌ରେ ସମ୍ବଲପୁର-ବରଗଡ଼, କେନ୍ଦୁଝର ଜୋନ୍‌ରେ ଯାଜପୁର-ଅନୁଗୁଳ ଏବଂ ବ୍ରହ୍ମପୁର ଜୋନ୍‌ରେ କଳାହାଣ୍ଡି-ନବରଙ୍ଗପୁର ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ।


# ମହିଳା ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

■ ସେପ୍ଟେମ୍ବର ୩୦ରୁ ଆରମ୍ଭ, ନଭେମ୍ବର ୨ରେ ଫାଇନାଲ୍ ■ ଭାରତ ଓ ଶ୍ରୀଲଙ୍କାର ୫ ଭେନ୍ୟୁରେ ଖେଳାଯିବ ମ୍ୟାଚ୍

**ଦୁବାଇ,୨।୬/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଚଳିତ ବର୍ଷ ଭାରତରେ ଆୟୋଜିତ ହେବାକୁ ଥିବା ମହିଳା ବିଶ୍ୱକପ୍‌ର କାର୍ଯ୍ୟସୂଚୀ ଜାରି କରିଛି। ଟୁର୍ଣ୍ଣାମେଣ୍ଟର ଏହା ୧୩ଶ ସଂସ୍କରଣ ହୋଇଥିବା ବେଳେ ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ୮ ଟିମ୍ ଭାରତ ଓ ଶ୍ରୀଲଙ୍କାର ମୋଟ ପାଞ୍ଚ ଭେନ୍ୟୁ ବେଙ୍ଗାଲୁରୁ, ଗୁଆହାଟୀ, ଇନ୍ଦୋର, ବିଶାଖାପାଟଣା ଓ କଲମ୍ବୋରେ ମ୍ୟାଚ୍ ଖେଳିବେ। ବେଙ୍ଗାଲୁରୁରେ ଭାରତର ମ୍ୟାଚ୍ ସହିତ ଟୁର୍ଣ୍ଣାମେଣ୍ଟର ଆରମ୍ଭ ହେବ। ପ୍ରଥମ ସେମିଫାଇନାଲ୍ ଅକ୍ଟୋବର ୨୯ରେ ଗଆହାଟୀ କିମ୍ବା କଲମ୍ବୋରେ ଖେଳାଯିବ। ଦ୍ୱିତୀୟ ସେମିଫାଇନାଲ୍ ବେଙ୍ଗାଲୁରୁରେ ଅକ୍ଟୋବର ୩୦ରେ ଆୟୋଜିତ ହେବ। ଫାଇନାଲ୍ ମ୍ୟାଚ୍ ନଭେମ୍ବର ୨ରେ (ରବିବାର) ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଖେଳାଯିବ। ଦୁଇ ଫାଇନାଲିଷ୍ଟ ଟିମ୍‌କୁ ଅତିକମ୍‌ରେ ଦୁଇଦିନର ସମୟ ମିଳିବ। ଅଷ୍ଟ୍ରେଲିଆ ଡିଫେଣ୍ଡିଂ ଚାମ୍ପିଅନ୍ ଭାବେ ଟୁର୍ଣ୍ଣାମେଣ୍ଟରେ ଭାଗନେବ। ଅଷ୍ଟ୍ରେଲିଆ ୨୦୨୨ରେ ଇଂଲଣ୍ଡରେ ନ୍ୟୁଜିଲାଣ୍ଡକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଅଷ୍ଟ୍ରେଲିଆ ସାତଥର ଟାଇଟଲ୍ ଜିତି ଅଷ୍ଟ୍ରେଲିଆ ଏହି ଟୁର୍ଣ୍ଣାମେଣ୍ଟର ସବୁଠୁ ସଫଳ ଟିମ୍।



ସୂଚନାଯୋଗ୍ୟ, ଭାରତ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ମ୍ୟାଚ୍ କଲମ୍ବୋରେ ଅନୁଷ୍ଠିତ ହେବ। ଭାରତ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବାକୁ ମନା କରି ଦେଇଥିଲା। ଫଳରେ ଭାରତର ମ୍ୟାଚ୍ ଦୁବାଇ ସ୍ଥାନାନ୍ତରିତ ହୋଇଥିଲା। ଏହାର ଜବାବରେ ଭାରତ ଦ୍ୱାରା ଆୟୋଜିତ ଆଇସିସି ଇଭେଣ୍ଟ ନ୍ୟୁଟ୍ରାଲ୍ ଭେନ୍ୟୁରେ ଖେଳିବା ପାଇଁ ପାକିସ୍ତାନ ଓ ଆଇସିସି ମଧ୍ୟରେ ବୁଝାମଣା ହୋଇଥିଲା। ମହିଳା ବିଶ୍ୱକପ୍ ୨୦୨୫ ପାଇଁ ଭାରତ, ସାଉଥ୍ ଆଫ୍ରିକା, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ବାଂଲାଦେଶ ଓ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଛନ୍ତି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra